

ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ,
ତେବେ କପଟତା ତ୍ୟାଗ କର।
-ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ



### କଲିକତାରେ ବିଧାୟକ ରୋହିତ ପୂଜାରୀ ସମ୍ମାନିତ

ସମ୍ବଲପୁର,୨୬। ୭(ବ୍ୟୁରୋ)
ରେଢାଖୋଲ ବିଧାୟକ ରୋହିତ ପୁଜାରୀଙ୍କୁ କଲିକତାରେ ଟାଇମ୍ ମ୍ୟାନ ଅଫ ଦି ୟର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୨୬ ତାରିଖ ସମ୍ମାନିତ କରାଯାଇଛି । ହିନ୍ଦୀ ଚଳଚ୍ଚିତ୍ର ଅଭିନେତା ସୁନିଲ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଙ୍କୁ ସମ୍ମାନିତ କରିଥିଲେ ।

### ଶିଶୁ ବାଟିକାର ମାତୃ ସମ୍ମିଳନୀ

ସମ୍ବଲପୁର, ୨୬।୭ (ବ୍ୟୁରୋ)
ହୀରାକୁଦ ସରସ୍ୱତୀ ଶିଶୁ ମନ୍ଦିରଠାରେ ଶିଶୁ ବାଟିକାର ମାତୃ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅଭିଭାବକ ପାୟଲ ନାୟକ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ଶିଶୁର ସର୍ବାଙ୍ଗୀନ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ । ଶିଶୁ ବାଟିକା ପ୍ରମୁଖ ମମତା ଗଉଡ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରଞ୍ଜନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସରୋଜିନୀ ପଣ୍ଡା, ସୁଶାନ୍ତ କୁମାର ବେହେରା ଉତ୍ସବ ସଂଯୋଜନା କରିଥିବା ବେଳେ ରାଜେନ୍ଦ୍ର କୁମାର ଦାସ, ସୁପ୍ରଭା ବିଶୋଇ ସହଯୋଗ କରିଥିଲେ ।

### ମଣ୍ଡଳସ୍ତରୀୟ ସ୍କୁଲ ମନ୍ତ୍ରିମଣ୍ଡଳ କର୍ମଶାଳା

ସମ୍ବଲପୁର, ୨୬।୭ (ବ୍ୟୁରୋ)
ସମ୍ବଲପୁର ଜମାଦାରପାଲି ଆଶ୍ରମ ସ୍କୁଲ ପକ୍ଷରୁ ଷଷ୍ଠ ମଣ୍ଡଳସ୍ତରୀୟ ସ୍କୁଲ ମନ୍ତ୍ରୀ ମଣ୍ଡଳ କର୍ମଶାଳା ଶୁକ୍ରବାର ଗାୟତ୍ରୀ କଲେଜ ଅଫ୍ ଫାର୍ମାସି ପ୍ରେକ୍ଷାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି । ଜିଲା ମଙ୍ଗଳ ଅଧିକାରୀ ସୀତାଂଶୁ ମୋହନ ଦାଶ ମୁଖ୍ୟଅତିଥି, ସହ ଜିଲା ମଙ୍ଗଳ ଅଧିକାରୀ ନୀଳକଣ୍ଠ ପାଣିଗ୍ରାହୀ, ରାଜ୍ୟ ସଂଯୋଜିକା ସର୍ବଜିତା ବାନାର୍ଜି ଯୋଗ ଦେଇଥିଲେ । ସମ୍ବଲପୁର, ବରଗଡ ଏବଂ ବଲାଙ୍ଗୀର ଜିଲାର ୨୫ଟି ସ୍କୁଲରୁ ୨୫ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ, ୨୫ ଜଣ ସ୍କୁଲ କ୍ୟାବିନେଟର ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ଏହି ଅବସରରେ କାରିଗଲ ବିଜୟ ଦିବସ ମଧ ପାଳନ କରାଯାଇଥିଲା । କଲୋନେଲ ପ୍ରଭାତ କୁମାର ପଣ୍ଡା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜମାଦାରପାଲି ସ୍କୁଲ ପ୍ରଧାନଶିକ୍ଷକ ପ୍ରଶାନ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଦିବାସୀ ଭାଷା, ସଂସ୍କୃତି ଏକାଡେମୀ ଓ ୟୁନିସେଫ୍ କର୍ମଶାଳାରେ ସହଯୋଗ କରିଥିଲା। ଫାର୍ମାସି କଲେଜର ନିଯୁକ୍ତି ଅଧିକାରୀ ଅତିଶ କୁମାର ଶତପଥୀ ସୂଚନା ପ୍ରଦାନ କରିଥିଲେ ।

■ ପୁନଃଗଠିତ ହେବ ଜିଲା କ୍ରିକେଟ ସଂଘ

# ଅଣ୍ଟା ଭିଡ଼ିଲେ ପୁରୁଣା ଖେଳାଳି

ଦେବଗଡ,୨୬।୭(ଡ଼ି.ଏନ.ଏ.)

ଦେବଗଡ଼ ଜିଲା କ୍ରିକେଟ ସଂଘ ୨୦୦୬ ମସିହାଠାରୁ ଶେଷଥରପାଇଁ କର୍ମକର୍ତ୍ତା ନିର୍ବାଚିତ କରାଯାଇଥିଲେ ହେଁ ଅଦ୍ୟାବଧି ୧୧ବର୍ଷ ମଧ୍ୟରେ କେବଳ ୨୦୧୧ ମସିହାରେ ମାତ୍ର ଗୋଟିଏ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଆଗକୁ କୌଣସି ପ୍ରକାର ବୈଠକ ଅନୁଷ୍ଠିତ ହୋଇନାହିଁ । ପ୍ରତି ତିନିବର୍ଷରେ ସାଧାରଣ ସଭା ଅନୁଷ୍ଠିତ ହୋଇ ସବିଶେଷ ଆଲୋଚନା କରାଯାଇ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥାଏ । କିନ୍ତୁ ଏଥିରେ ତାହା ବ୍ୟତିକ୍ରମ ହୋଇଛି ଓ ବ୍ୟାପକ ଅର୍ଥ ଆତ୍ମସାତ ହୋଇଥିବାର ଅନୁମେୟ କରାଯାଏ । ଏ ନେଇ ଜିଲାର ପୁରୁଣା କ୍ରିକେଟ ଖେଳାଳି ଯଥା ପ୍ରମୋଦ କୁମାର ମିଶ୍ର, ସତ୍ୟନାରାୟଣ ପଟ୍ଟନାୟକ, କୈଳାସ ମୋଦି, ପ୍ରଭାଶ ଚନ୍ଦ୍ର ମିଶ୍ର, ସୁବ୍ରତ କୁମାର ପାତ୍ର, ସୁଶୀଲ କୁମାର ନାୟକ, ମନୋଜ କୁମାର ସତପଥି,ଅନିଲ କୁମାର ମିଶ୍ର,ଶରତ ଚନ୍ଦ୍ର ବେହେରା,ସୁଧିର କୁମାର ବ୍ରହ୍ମା, ଶଙ୍କରଷଣ ମହାପାତ୍ର, କାର୍ତ୍ତିକ ମହାକୁଳ, ସୁବାସ ଚନ୍ଦ୍ର ପୃଷ୍ଟି,ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ, ପ୍ରଫୁଲ କୁମାର ନାୟକ, ନାରାୟଣ ପ୍ରସାଦ ଗୁରୁ ସମେତ ବହୁ ଖେଳାଳି ଲୋଧା କମିଟି ଅନୁସାରେ କ୍ରିକେଟ ଖେଳିଥିବା ବ୍ୟକ୍ତି ଏହି ସଂଘରେ ସଭ୍ୟ ହୋଇପାରିବେ। ପ୍ରତି ତିନି ବର୍ଷରେ ସାଧାରଣ ବୈଠ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ଚୟନ କରାଯିବା, ଜିଲାସ୍ତରୀୟ କଳାହାଣ୍ଡି କପ୍ ଓ ବାମଣ୍ଡା କପ୍ ଖେଳିଥିବା ଖେଳାଳି ଏଥିରେ ସଭ୍ୟଭାବରେ ଗ୍ରହଣ କରାଯିବା, କ୍ରୀଡ଼ା ସଂଘ, ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକଙ୍କୁ ସଦସ୍ୟତା ଭାବରେ ଗ୍ରହଣ କରାଯିବା ନେଇ ପ୍ରଶାସନ, ସମ୍ପାଦକ ଓଡ଼ିଶା କ୍ରିକେଟ ସଂଘ, ରାଜ୍ୟ କ୍ରୀଡ଼ା ବିଭାଗ ସମେତ କ୍ରୀଡ଼ା ମନ୍ତ୍ରୀଙ୍କୁ ଏହାର ତୁରନ୍ତ କାର୍ଯ୍ୟକାରୀ କରିବା ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ପୁରୁଣା ଖେଳାଳି

# ଜିଏମୟୁ ପରିଦର୍ଶନ କଲେ ୟୁଜିସି ଟିମ୍

ସମ୍ବଲପୁର,୨୬। ୭(ବ୍ୟୁରୋ)
ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ (ଜିଏମୟୁ) ଶୁକ୍ରବାର ୟୁଜିସି (ୟୁନିଭର୍ସିଟି ଗ୍ରାଣ୍ଟ କମିଶନ) ଟିମ୍ ପରିଦର୍ଶନ କରିଛନ୍ତି । କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ସହ ଏହି ଟିମ୍ ଆଲୋଚନା କରି ବିଭିନ୍ନ ବିଭାଗର କୋଠା ପରିଦର୍ଶନ କରିଥିଲେ। ସେହିଭଳି ବିଭାଗର ମୁଖ୍ୟ ଓ ଛାତ୍ରୀଛାତ୍ରଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଏହି କମିଟିରେ ପ୍ରଫେସର ପ୍ରତାପ ଚନ୍ଦ୍ର ସିଂ ଅଧ୍ୟକ୍ଷ ରହିଛନ୍ତି । ଶ୍ରୀନଗର ଗଡୱାଲ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରେମ ସିଂ ରାଣା, ଭୋପାଳ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଗିଣୀ ଗୋଥାଲୱାଲ, ବରେଲି ବିଶ୍ୱବିଦ୍ୟାଳୟର ପ୍ରଫେସର ନଳିନୀ ଶ୍ରୀବାସ୍ତବ ଓ ୟୁଜିସି ବରିଷ୍ଠ ଅଧିକାରୀ କିଶୋର କୁମାରଙ୍କୁ ନେଇ ଗଠିତ ୫ ଜଣିଆ ଟିମ୍ ପରିଦର୍ଶନରେ ଆସିଛନ୍ତି। ଶନିବାର ଏହି ଟିମ୍ ଲାଇବ୍ରେରୀ, ପରୀକ୍ଷା ହଲ୍ ପରିଦର୍ଶନ କରିବେ। ସୂଚନାଯୋଗ୍ୟ, ଏହି କମିଟିର ରିପୋର୍ଟ ଅନୁସାରେ ବିଶ୍ୱବିଦ୍ୟାଳୟକୁ ୧୨ ବି ମାନ୍ୟତା ମିଳିବ । ଏହା ପରେ ୟୁଜିସି ଗ୍ରାଣ୍ଟ ମିଳିବ।



ସମ୍ବଲପୁର ଜିଏମ୍‌ୟୁ ପରିସରରେ ୟୁଜିସି ଟିମ୍।

# କୃଷି କାର୍ଯ୍ୟରେ ଜଳର ସୁବିନିଯୋଗ ଉପରେ କର୍ମଶାଳା

ଦେବଗଡ,୨୬।୭(ଡ଼ି.ଏନ.ଏ.)

କେନ୍ଦ୍ର ସରକାରଙ୍କର ଜଳ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ,କୃଷିରେ ଜଳର ସୁ-ବିନିଯୋଗ ଉପରେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ରିଆମାଳ ବ୍ଲକ ଅନ୍ତର୍ଗତ ଲୁଲଙ୍ଗ ଗ୍ରାମରେ ଅନୁଷ୍ଠିତ ତାଲିମ୍ କାର୍ଯ୍ୟକ୍ରମରେ ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ ସୁଜିତ କୁମାର ନାଥ ଉପସ୍ଥିତ ରହି ଜଳର ଆବଶ୍ୟକତା ଓ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ । କୃଷିରେ ଇସ୍ରାଏଲ୍ ଜ୍ଞାନ କୌଶଳ ଓ ବୁନ୍ଦା ଏବଂ ସିଂଚନ ଜଳସେଚନ ପ୍ରକ୍ରିୟାକୁ ଅନୁସରଣ କଲେ ଉତ୍ପାଦିତ ବୃଦ୍ଧି ସହ ଜଳ ସଂରକ୍ଷଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ଲବ ସୋରେନ୍ କୃଷିରେ ଜଳର ମିତବ୍ୟୟତା ଓ ରୋଗପୋକ ଉପରେ ଆଲୋକପାତ କରିଥିଲେ । ବୈଜ୍ଞାନିକ ସବ୍ୟସାଚୀ ସାହୁ ଧାନ ଫସଲରେ ପର୍ଯ୍ୟାପ୍ତ ପରିମାଣର ଅନାବଶ୍ୟକଭାବେ ଜଳସେଚନ ନ କରିବାକୁ ପରାମର୍ଶ ଦେଇଥିଲେ । ଉଦ୍ୟାନ ବିଭାଗର ବୈଜ୍ଞାନିକ ସାଧନା ସ୍ୱସ୍ତିକା ଉଦ୍ୟାନ ଫସଲ କରି ଜଳର ବ୍ୟବହାରିତା କମାଇବା ସହ ଅଧିକ ଉତ୍ପାଦନ କରିବାକୁ ଚାଷୀମାନଙ୍କୁ ପ୍ରବର୍ତ୍ତାଇଥିଲେ । ସେହିପରି କୀର୍ତ୍ତନପାଲି ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାବାଜୀ ଚରଣ ସାହୁଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳା,ପୁରୁଷ ଚାଷୀ ଉପସ୍ଥିତ ହୋଇ ଜଳର ସୁପରିଚାଳନା ଓ ମିତବ୍ୟୟତା ଉପରେ ଗୁରୁତ୍ୱ ଦେଇ ଏହାର ସୁବିନିଯୋଗ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ । କେନ୍ଦ୍ରର ବୈଜ୍ଞାନିକ ବୃନ୍ଦ ଜଳର ବିଭିନ୍ନ ଉପାୟରେ ଜଳ ପରିଚାଳନାର ଜ୍ଞାନ କୌଶଳକୁ ପ୍ରଦର୍ଶିତ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ଶତାଧିକ ପୁରୁଷ ଓ ମହିଳା ଚାଷୀ ଓ ଆଗୁଆ କୃଷକ ଟିକେଶ୍ୱର ପ୍ରଧାନ, ଡମ୍ବରୁଧର କୁମୁରା, ବିଦ୍ୟାଧର ସାହୁ, ଗୀତାଞ୍ଜଳି ସହାହୁ, କୁଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।




ସଚେତନତା ଓ ତାଲିମ୍ କାର୍ଯ୍ୟକ୍ରମରେ ବୈଜ୍ଞାନିକଙ୍କ ସହ ମହିଳା,ପୁରୁଷ ଚାଷୀ।

# ଆଇନ ସ୍ୱାକ୍ଷରତା କ୍ଲବ ପକ୍ଷରୁ ଚାରା ରୋପଣ




ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଅଧକ୍ଷ ଓ ଅନ୍ୟମାନେ।

ଦେବଗଡ,୨୬।୭(ଡି.ଏନ୍.ଏ.)

ଓଡ଼ିଶା ଉଚ୍ଚନ୍ୟାୟାଳୟ ପ୍ରତିଷ୍ଠା ଦିବସ ଉପଲକ୍ଷେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଶୁକ୍ରବାର ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଆଇନ ସ୍ୱାକ୍ଷରତା ସଂଘର ଏକାଦଶ, ଦଶମ ଓ ନବମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ଅଧକ୍ଷ ଉତ୍ତମ ପ୍ରସାଦ ଆଇନ ସ୍ୱାକ୍ଷରତା କ୍ଲବ୍‌ର କାର୍ଯ୍ୟକ୍ରମ ନିଷ୍ପାଦକ ଗୌରୀ ନନ୍ଦିନୀ ବେହେରାଙ୍କ ସଂଯୋଜନାରେ ଓଡ଼ିଆ ବିଭାଗର ବରିଷ୍ଠ ଅଧାପକ ତଥା ବିଦ୍ୟାଳୟର ଲୋକସମ୍ପର୍କ ଓ ସୂଚନା ଅଧିକାରୀ ଆଇନ ସହାୟତା ସଂଘର ଉଦ୍ଦେଶ୍ୟ ଓ କାର୍ଯ୍ୟାବଳୀ ସହିତ ବୃକ୍ଷ ହିଁ ଜୀବନ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ସେହିପରି କାର୍ଯ୍ୟକ୍ରମ ଶେଷରେ ଏକ ହଜାର ଚାରା ଗଛ ରୋପଣର ଅୟମାରମ୍ଭ କରାଯାଇଥିଲା । ଶେଷରେ ଗୌରୀ ନନ୍ଦିନୀ ବେହେରା ଧନ୍ୟବାଦ ଅର୍ପଣ ଦେଇଥିଲେ ।

# ହୋ ହାଲ୍ଲା କଲେ ଘରଲୋକେ

**ଦିନ ଦ୍ୱିପ୍ରହରରେ ସାଙ୍ଗଙ୍କୁ ହାଣି ହତ୍ୟା ଘଟଣା**

ସମ୍ବଲପୁର,୨୫।୭(ବ୍ୟୁରୋ)
ସମ୍ବଲପୁର ସହରର ଅଇଁଠାପାଲି ଥାନା ଅଧୀନ ଫାଟକରେ ଗୁରୁବାର ପୂର୍ବ ଶତ୍ରୁତାକୁ ନେଇ ଗୋପାଳମାଲ ଛକର ସନ୍ତୋଷ ପଟ୍ଟନାୟକ (୧୯)ଙ୍କୁ ହତ୍ୟା କରାଯାଇଥିଲା । ଦିନ ଦିପହରେ ଖଣ୍ଡା, ଛୁରୀରେ ଦୁଇଜଣ ସାଙ୍ଗ ସନ୍ତୋଷଙ୍କୁ ହାଣି ହତ୍ୟା କରିଥିଲେ । ଶନିବାର ଅପରାହ୍ନରେ ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ହୋ ହାଲ୍ଲା କରିଥିଲେ । ଜଣେ ଯୁବକଙ୍କୁ ଦିନ ଦିପହରେ ହତ୍ୟା କରାଗଲା । ହେଲେ କେହି ଜଣେ ମଧ୍ୟ ବିରୋଧ କଲେ ନାହିଁ । ଅଭିଯୁକ୍ତଙ୍କ କବଳରୁ ରକ୍ଷା କଲେ ନାହିଁ । ଶତାଧିକ ଲୋକ ଥାଇ ହତ୍ୟାକାଣ୍ଡ ଘଟିଗଲା ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ । ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଥିବା ନେଇ ମଧ୍ୟ ଅଭିଯୋଗ କରିଥିଲେ । ଏପରିକି କେତୋଟି ଦୋକାନରୁ ସେମାନେ ଜିନିଷପତ୍ର ଫିଙ୍ଗି ଦେଇଥିଲେ । ଖବର ପାଇ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଇଲା ପରେ ସେମାନେ ଫେରିଥିଲେ। ତେବେ ଏହି ଘଟଣାକୁ ନେଇ ଫାଟକ ଅଞ୍ଚଳ ଶୁକ୍ରବାର ଶୁନ୍‌ଶାନ୍ ହୋଇ ପଡିଥିଲା।

# କାରଗିଲ ଛକରେ କାରଗିଲ ଦିବସ ପାଳନ

ଦେବଗଡ,୨୬।୭(ଡି.ଏନ୍.ଏ.)

କାରଗିଲ ବିଜୟ ୨୦ ବର୍ଷ ବିତିଯାଇଛି। ଶୁକ୍ରବାର ସାରା ଦେଶରେ କାରଗିଲ ବିଜୟ ଦିବସ ପାଳନ ହେଉଥିବା ଅବସରରେ ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ୧ନଂ. ୱାର୍ଡ଼ର କାରଗିଲ ଛକରେ କାରଗିଲ ବଏଜ୍‌ମାନଙ୍କ ଦ୍ୱାରା ଏହି ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ସଞ୍ଜୀବ କୁମାର ପ୍ରଧାନ ଯୋଗ ଦେଇ କାରଗିଲ ଯୁଦ୍ଧରେ ଶହୀଦ୍ ହୋଇଥିବା ବୀର ଯବାନମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜାଳି ବୀର ଶହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିସିସି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ପ୍ରଦ୍ୟୁମ୍ନ ଆଚାର୍ଯ୍ୟ, ପୃଥ୍ୱୀରାଜ ପଟ୍ଟନାୟକ,ସୁବ୍ରତ ପାତ୍ର, ରଶ୍ମିରଞ୍ଜନ ବରାଇ, ଟିକେଶ୍ୱର ଗୁରୁ, ସୁମନ୍ତ ଦିବେଦୀ, କଲ୍ୟାଣ କିଶୋର କର, ଲୁଲୁ ଦାଶ, ସନ୍ତୋଷ ଦେହୁରୀ, ରାଜୀବ ମହାକୁଳ, ଦିବ୍ୟଯୋତି ନୁରୋହିତ,ପିଣ୍ଟୁ ଦେବ, ମୁନା ଶର୍ମା, ବିକି ଦେବ, ପିଣ୍ଟୁ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି କାରଗିଲ ଯୁଦ୍ଧରେ ଶହିଦ୍ ହୋଇଥିବା ବୀର ଯବାନଙ୍କ ଅମର ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



କାରଗିଲ ଛକରେ କାରଗିଲ ବଏଜ୍‌ମାନଙ୍କ ଦ୍ୱାରା ବିଜୟ ଦିବସରେ ଉପସ୍ଥିତ ସଦସ୍ୟ।

# ସବୁଜ ପରିବେଶ ପାଇଁ ଚିନ୍ତା






ଶୁକ୍ରବାର ସମ୍ବଲପୁର ବରାହକୁନିଠାରେ ଚାରା ରୋପଣ କରାଯାଉଛି (ବାମ)। ରେଢ଼ାଖୋଲଠାରେ ଚାରାରୋପଣ କାର୍ଯ୍ୟକ୍ରମରେ ବିଚାରପତି ଓ ଆଇନଜୀବୀମାନେ ସାମିଲ୍ ହୋଇଛନ୍ତି।

ସମ୍ବଲପୁର,୨୬।୭ (ବ୍ୟୁରୋ)

ଜିଲା ଆଇନସେବା ପ୍ରାଧିକରଣ ଓ ସମ୍ବଲପୁର ବନବିଭାଗ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବରାହକୁନୀଠାରେ ଚାରା ରୋପଣ କରାଯାଇଛି। ଜିଲା ଜଜ୍ ସନ୍ତୋଷ କୁମାର ଜେନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରିବାର ଅଦାଲତ ଜଜ୍ ଅନୁପ କୁମାର ଚନ୍ଦନ, ପ୍ରଥମ ଅତିରିକ୍ତ ଜିଲା ଜଜ୍ ଆନନ୍ଦନାରାୟଣ ମହାରଣା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିଲେଖା ବାହାକ, ସିଭିଲକୋର୍ଟ ରେଜିଷ୍ଟ୍ରାର୍ ବିଶ୍ୱଜିତ ଗୌତମ, ବରିଷ୍ଠ ସିଭିଲ ଜଜ୍ ସଙ୍ଗୀତା ପାଣି, ଅତିରିକ୍ତ ବରିଷ୍ଠ ସିଭିଲ ଜଜ୍ ସୁଦୀପ କୁମାର ଦାଶ, ଉପଖଣ୍ଡ ମାଜିଷ୍ଟ୍ରେଟ୍ ଅଭିନନ୍ଦ ଦାଶ, ଡିଏଫଓ ଡ. ସଞ୍ଜୀତ କୁମାର, ଏସିଏଫ ଲକ୍ଷ୍ମଣ ମାଡି, ଟାଉନ ରେଞ୍ଜର ଗୌରୀଶଙ୍କର ଦାଶ, ଫରେଷ୍ଟର ପ୍ରଶାନ୍ତ ଓରାମଙ୍କ ସମେତ ଆଇନସେବା ପ୍ରାଧିକରଣର କର୍ମଚାରୀ, ବନ ବିଭାଗ କର୍ମଚାରୀ, ପାରାଲିଗାଲ ସ୍ୱେଚ୍ଛାସେବୀମାନେ ଏଥିରେ ଯୋଗ ଦେଇ ଚାରା ରୋପଣ କରିଥିଲେ। ପ୍ରାଧିକରଣ ସଚିବ ଲିଲି ସେନାପତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ରେଢାଖୋଲ,୨୬।୭(ଡି.ଏନ.ଏ.)
ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଶୁକ୍ରବାର ସିଭିଲ କୋର୍ଟ ପରିସରରେ ଚାରା ରୋପଣ କରାଯାଇଛି। ତାଲୁକ ଆଇନ ସେବା ପ୍ରାଧିକରଣ ସମିତିର ଅଧ୍ୟକ୍ଷା ତଥା ସବ୍‌ଜଜ ଅପୂର୍ବା ଚୌଧୁରୀ, ଏସଡିଜେଏମ ଅଞ୍ଜଳି ମାଛଖଣ୍ଡ, ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ଜନକ କୁମାର ବାଗ, ଖଗେଶ୍ୱର ପ୍ରଧାନଙ୍କ ସମେତ କୋର୍ଟ କର୍ମଚାରୀ ଯୋଗଦେଇ ଚାରା ରୋପଣ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ୭ ଦିନ ଧରି ଚାରା ରୋପଣ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଶୁକ୍ରବାର ଏହା ଉଦ୍‌ଯାପିତ ହୋଇଛି।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରୋ



## ସଂକ୍ଷେପରେ

### ଚିକିତ୍ସାଧୀନ କଏଦୀଙ୍କ ମୃତ୍ୟୁ

**ସମ୍ବଲପୁର,୨୬।୭ (ବ୍ୟୁରୋ)-** ସମ୍ବଲପୁର ବୁର୍ଲା ଭିମ୍ସାରରେ ୧୯ ତାରିଖରୁ ଚିକିତ୍ସିତ ହେଉଥିବା ମହମ୍ମଦ ସମସେର ନାମକ ଜଣେ କଏଦୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି । ସେ କିଡ୍‌ନି ଓ ଅନ୍ୟାନ୍ୟ ରୋଗରେ ପୀଡିତ ଥିଲେ।

### ମଦ କାରବାରରେ ୨ ଗିରଫ

**ରେଢାଖୋଲ,୨୬।୭ (ଡି.ଏନ.ଏ.)-** ସମ୍ବଲପୁର ଜିଲା ରେଢାଖୋଲ ପୋଲିସ ଗୁରୁବାର ରାତିରେ ଦେଶୀ ମଦ କାରବାର କରୁଥିବା ଅଭିଯୋଗରେ ସହରର ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଲିନ୍ଦର ଗ୍ରାମର ରାଜୁ ନାଏକ(୪୦) ଓ ରାଜବାଟି ପଡାର ଗଜେନ୍ଦ୍ର ବାଘ। ରାଜୁଙ୍କଠାରୁ ୩୦ ପାଉଚ୍ ଓ ଗଜେନ୍ଦ୍ରଙ୍କଠାରୁ ୨୯ ପାଉଚ୍ ଦେଶୀ ମଦ ଜବତ କରାଯାଇଛି। ଏ ନେଇ ରେଢାଖୋଲ ଥାନାରେ ୧୪୯ ଓ ୧୪୮ରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା, ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର, ସକାଳ ୭ଟା।
- କୋଶଳ ଟାଇମ୍ ପକ୍ଷରୁ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା, ବୁର୍ଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୂର୍ବାହ୍ନ ୧୦ଟା।
- ହାତ ଧୁଆ ଷ୍ଟେଶନ ଉଦ୍‌ଘାଟନ କାର୍ଯ୍ୟକ୍ରମ, ବଡବଜାର ଦୁତିକା ସାହୁ ଗର୍ଲ୍ସ ହାଇସ୍କୁଲ, ପୂର୍ବାହ୍ନ ୧୦ଟା।
- ଆଇନ ସଚେତନତା ଶିବିର, ବୁର୍ଲା ସରକାରୀ ହାଇସ୍କୁଲ, ପୂର୍ବାହ୍ନ ସାଢ଼େ ୧୦ଟା।
- ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା, ସିଦ୍ଧେଶ୍ୱର ବେର୍ଣ୍ଣ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧ୍ୟାହ୍ନ ୧୨ଟା।
- ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା, ଗୋଶାଳା ଜବାହରଲାଲ ନବୋଦୟ ବିଦ୍ୟାଳୟ, ପୂର୍ବାହ୍ନ ୧ଟା।
- ସାଇଶିକ୍ଷା ପରିଷଦର ପ୍ରତିଷ୍ଠା ଦିବସ, ତପସ୍ୱିନୀ ପ୍ରେକ୍ଷାଳୟ, ସନ୍ଧ୍ୟା ୫ଟା
- ରୋଟାରୀ କ୍ଲବ ଗ୍ରେଟର୍ ପ୍ରତିଷ୍ଠା ଦିବସ, ହୋଟେଲ ଗ୍ରାଣ୍ଡ ଶିବା, ସନ୍ଧ୍ୟା ୭ଟା ।
- ସୈରେନ୍ଦ୍ରୀ ନାୟକ ସ୍ମାରକୀ ବକ୍ତୃତା, ପବ୍ଲିକ୍ ଲାଇବ୍ରେରି, ସନ୍ଧ୍ୟା ସାଢେ ୬ଟା।

# କାରଗିଲ ବିଜୟର ନାୟକଙ୍କୁ ସମ୍ମାନ





ଶୁକ୍ରବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ କାରଗିଲ ବିଜୟ ଦିବସ ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ଅତିଥିଙ୍କ ସହ (ବାମ)। କଚେରିଛକ ଶହୀଦ ସ୍ତମ୍ଭଠାରେ ଜିଲା ଭାଜପା କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

**ସମ୍ବଲପୁର, ୨୬।୭ (ବ୍ୟୁରୋ)**

କଚେରିଛକସ୍ଥିତ ଶହୀଦ ସ୍ତମ୍ଭଠାରେ ଶୁକ୍ରବାର କାରଗିଲ ବିଜୟ ଦିବସ ଅବସରରେ ମାଲ୍ୟାର୍ପଣ କରାଯାଇଛି । ଜିଲା ଭାଜପା କର୍ମକର୍ତ୍ତାମାନେ ସାମିଲ ହୋଇ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ସୈନିକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିଲା ସଭାପତି ରାମଚନ୍ଦ୍ର ମେହେରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ସାଧାରଣ ସମ୍ପାଦକ ଦାମୋଦର କର ସୂଚନା ପ୍ରଦାନ କରିଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୀମାଞ୍ଚଳ ଖଟେଇ, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଅନ୍ନପୂର୍ଣ୍ଣା ବାରିକ, ଡା. ରାଜକୁମାର ବଡପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ଭାରତୀୟ ସେନା ବାହିନୀର ସାହସିକତା ବିଷୟରେ କହିଥିଲେ । ମାନସ ବକ୍ସି, ଶ୍ରୀକାନ୍ତ ପାଣିଗ୍ରାହୀ, ଆରତୀଲତା ବରାଡ, ସୁଜାତା ଗୁରୁ, ଦେଓକିରନ ପଟ୍ଟନାୟକ, ଶାନ୍ତି ମେହେର, ସରୋଜିନୀ ବନଛୋର, ସୌରଭ ମହାପାତ୍ର, ସୁବାଷ ସାହୁ, ସତିଶ ଦୋରା, କାଜଲ ଚକ୍ରବର୍ତ୍ତି, ବିକାଶ ଭୋଇ, ସୌମିକ ବାବୁ, ମନୋରଞ୍ଜନ ପାଣିଗ୍ରାହୀ, ବିକାଶ ରଞ୍ଜିତ ରଥ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ହୀରାଖଣ୍ଡ ପଶ୍ଚିମ ଓଡିଶା ପୂର୍ବତନ ସୈନିକ ସଂଘ ପକ୍ଷରୁ ମଧ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଦେଶ ମାତୃକାର ସେବାରେ ପ୍ରାଣ ହରାଇଥିବା ସୈନିକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଅନ୍ୟପକ୍ଷେ କାରଗିଲ ଯୁଦ୍ଧରେ ଶହୀଦଙ୍କ ପରିବାର ଓ ଆହତଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘ ସଭାପତି ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, ଏନସିସି ଡେପୁଟି ଡିଜି ଶୈଳେନ୍ଦ୍ର ସିଂ ଓ ଏନସିସି ଗ୍ରୁପ କମାଣ୍ଡର କଲୋନେଲ ଏ.ଏସ.ଏ. ରାଓ ସମ୍ମାନୀତ ଅତିଥି ଏବଂ କଲୋନେଲ ପ୍ରଭାତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବୈଦେନ୍ଦ୍ରୀ ଟପ୍ପୋ ଓ ଗୁଲୁରିଆ କେର୍କେଟା ଏବଂ ଆହତ ସିପାହୀ ରାଜୁ ମୁଣ୍ଡାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ସୁସ୍ମିତା ପଟ୍ଟନାୟକ ଉତ୍ସବ ସଂଯୋଜନା କରିଥିଲେ । ଉପଦେଷ୍ଟା ଶିବନାରାୟଣ ବେହେରା, ଶ୍ରୀବତ୍ସ ପଣ୍ଡା, ସଂଘ ଉପସଭାପତି ହୃଷିକେଶ ପାଢ଼ୀ, କାର୍ଯ୍ୟକାରୀ କମିଟି ସଭ୍ୟ ଆଦିତ୍ୟ ମହାନ୍ତି ଉତ୍ସବ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

**ରେଢାଖୋଲ, (ଡି.ଏନ.ଏ.):** ରେଢାଖୋଲ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷା ସୁନିତା ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଅଧାପିକା ପୁଷ୍ପାଞ୍ଜଳି ସାମନ୍ତରାଏ କାର୍ଗିଲ ବିଜୟ ଦିବସ ଉପରେ କହିଥିଲେ। ଅଧାପିକା ମମତା ବିଶ୍ୱାଳ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

**ରେଙ୍ଗାଲି, (ଡି.ଏନ.ଏ.):** ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମଧ କାରଗିଲ ବିଜୟ ଦିବସ ପାଳନ କରାଯାଇଛି । ପରିଷଦର ସଭାପତି ବସନ୍ତ କୁମାର ନାଏକ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣିଙ୍କ ସଂଯୋଜନାରେ ଏହି ବିଜୟ ଦିବସ ପାଳନ କରାଯାଇଥିଲା । ଦେଶର ସୁରକ୍ଷାରେ ଶହୀଦ ହୋଇଥିବା ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ପରିଷଦର ସମସ୍ତ ସଦସ୍ୟ ନୀରବ ପ୍ରାର୍ଥନା କରିଥିଲେ । କାରଗିଲ ଯୁଦ୍ଧ ସମ୍ପର୍କରେ ଏବଂ ଭାରତର ବୀର ସୈନ୍ୟମାନେ ଯୁଦ୍ଧ ସମୟରେ ଦେଖାଇଥିବା ବୀରତ୍ୱ ବିଷୟରେ ବକ୍ତାମାନେ ସ୍ମୃତିଚାରଣ କରିଥିଲେ । ଶଶିଭୂଷଣ ସାହୁ, ବିଶିକେଶନ ପଣ୍ଡା, ରାଜାରାମ ମାହାଣା, ଗଦାଧର ପ୍ରଧାନ, ବିହାରୀ କୁମାର, ଦିବ୍ୟଶଙ୍କର ବେହେରା, ଶ୍ରୀପତି ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱର୍ଗତ ଗିରିଜା ପ୍ରସାଦ ମିଶ୍ରଙ୍କ ବିୟୋଗରେ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଶେଷରେ ସୁବନ ଚାନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଡିଜେଲ ଚୋରି ଅଭିଯୋଗରେ ୪ ଗିରଫ

**ବାମରା,୨୬।୭ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା (ଗଣେଶନଗର) ଅଞ୍ଚଳରେ ଏକ ଗାଡିରୁ ଡିଜେଲ ଚୋରି କରୁଥିବା ସମୟରେ ଗୁରୁବାର ରାତି ୮ଟାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଖୁଣ୍ଟମୁଣ୍ଡାର ହରଚାନ୍ଦ ନେଟୀ, ରୋହିତ ଗର୍ଡିଆ ଓ ପ୍ରବୀଣ ବାଡା ଏବଂ ଅନୁଗୋଳ ଅଞ୍ଚଳର ବିପିନ ସାହୁ। ଏ ନେଇ ଗୋବିନ୍ଦପୁର ପୋଲିସ ଦଫା ୩୭୯/୩୪ରେ ମୋମଲା (ନଂ. ୯୮/୧୯) ରୁଜୁ କରି ତଦନ୍ତ ଜାରି ରହିଛି । ଗିରଫ ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଏସ୍ଆଇ ଥୋମାସ କେର୍କେଟା ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ଗତ କିଛି ଦିନ ହେଲା ବାମରା ଅଞ୍ଚଳରେ ଲଗାତାର ଚୋରି ଘଟଣା ଲାଗି ରହିଛି। ଗ୍ରାମବାସୀ ସନ୍ଧ୍ୟା ପରଠାରୁ ଜଗୁଛନ୍ତି। ଗୁରୁବାରଦିନ ସନ୍ଧ୍ୟାରେ ଏକ ବୋଲେରୋ ସନ୍ଦେହଜନକ ଭାବେ ଆସି ପହଞ୍ଚିଥିଲା । କିଛି ସମୟ ପରେ ଉକ୍ତ ବୋଲେରୋ ଭିତରେ ଡ୍ରମ୍ ବୋଝେଇ କରାଯାଉଥିବା ଦେଖି କେତେକ ଗ୍ରାମବାସୀ ଆସି ପହଞ୍ଚି ଡ୍ରମ୍‌ରେ ଡିଜେଲ ଚୋରି କରି ଅନ୍ୟତ୍ର ଚାଲାଣ କରାଯାଉଥିବା ଜାଣିବାକୁ ପାଇଥିଲେ। ତେବେ ଉକ୍ତ ଡିଜେଲ ବାମରା ଅଞ୍ଚଳରେ ନୂତନ ରେଲୱେ ଲାଇନ ବିଛାଇବା କାମରେ ନିୟୋଜିତ ଠିକା ସଂସ୍ଥାର ବୋଲି ଜଣାପଡିଛି।

■ ଏଲ୍ଆଇସି ଜୋନ୍‌ସ୍ତରୀୟ ଟିଟି, ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

# ଟିଟିରେ ରେଜାଇ, ବ୍ୟାଡମିଣ୍ଟନରେ ସମୀର ଚାମ୍ପିୟନ

**ସମ୍ବଲପୁର,୨୬।୭ (ବ୍ୟୁରୋ)**





ଶୁକ୍ରବାର ସମ୍ବଲପୁରରେ ଅତିଥିଙ୍କ ସହ ଚାମ୍ପିୟନମାନେ ।

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ଜୋନସ୍ତରୀୟ ଟେବୁଲ ଟେନିସ (ଟିଟି) ଓ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ହରଜିତ ରେସିଡେନସିରେ ଉଦ୍‌ଯାପିତ ହୋଇଯାଇଛି। ଟେବୁଲ ଟେନିସରେ କଟକ ଡିଭିଜନର ରେଜାଇ ଗାଉସ୍ ଓ ବ୍ୟାଡମିଣ୍ଟନରେ ଭାଗଲପୁର ଡିଭିଜନର ସମୀର କୁମାର ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି। ଟିଟିରେ ହଜାରିବାଦର ସୋମନାଥ ଦାସ ଦ୍ୱିତୀୟ, ମୁଜାଫରପୁରର ଉମେଶ କୁମାର ତୃତୀୟ, ଜାମସେଦପୁରର ଉତ୍ପଳ ଦତ୍ତ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ବ୍ୟାଡମିଣ୍ଟନରେ କଟକର ମିଟନ୍ କୁମାର ଶତପଥୀ ଦ୍ୱିତୀୟ, ମୁଜାଫରପୁରର ପି. ପ୍ରଭାକର ଦ୍ୱିତୀୟ ଓ ବ୍ରହ୍ମପୁରର ଅଶୋକ କୁମାର ପଣ୍ଡା ଚତୁର୍ଥ ସ୍ଥାନ ହାସଲ କରିଛନ୍ତି । ଏଲଆଇସି ପାଟନା ଜୋନ ଆଞ୍ଚଳିକ ପ୍ରବନ୍ଧକ ଗର୍ଗ ସୋରେନ ମୁଖ୍ୟଅତିଥି, ସମ୍ବଲପୁର ଡିଭିଜନ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋଜ କୁମାର ପଣ୍ଡା, ବିପଣନ ପ୍ରବନ୍ଧକ ଅଜୟ କୁମାର, ପ୍ରବନ୍ଧକ କହ୍ନେଇ ହାଁସଦା, କ୍ରୀଡା ପ୍ରମୋସନ ବୋର୍ଡ ସଦସ୍ୟ ମୃତ୍ୟୁଞ୍ଜୟ କୁମାର ସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ବ୍ୟାଡମିଣ୍ଟନ ସଂଘର କର୍ମକର୍ତ୍ତା ମ୍ୟାଚ ପରିଚାଳନା କରିଥିଲେ। ତୁହିନ ଦେ, ଗୋପାଳକୃଷ୍ଣ ବହିଦାର, ତ୍ରିନାଥ ଦୋରା, ବିଦୁଭୂଷଣ ମିଶ୍ର, ସାଧନ ମିଶ୍ର, ଆଶିଷ ମହାପାତ୍ର, ବିଦ୍ୟାଧର ଜେନା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏଥିରେ ଓଡିଶା, ଝାଡଖଣ୍ଡ ଓ ବିହାରର କ୍ରୀଡାବିତ୍‌ମାନେ ଭାଗ ନେଇଥିଲେ।

# ବନ୍ଧୁକ ମୁନରେ ଲୁଟିନେଲେ ୩୬ ହଜାର, ବାଇକ୍

**ଜମନକିରା/କୁଚିଣ୍ଡା, ୨୬।୭(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଭୋଜପୁର ପଞ୍ଚାୟତ ରେଙ୍ଗାଲବେଡ଼ା ଗାଁରେ ଗୁରୁବାର ବିଳମ୍ବିତ ରାତିରେ ବଡ ଧରଣର ଲୁଟ୍‌ପାଟ୍ ହୋଇଛି। ସହଯୋଗ ଗ୍ରାହକ ସେବା କେନ୍ଦ୍ରରୁ ୩ ଜଣ ଦୁର୍ବୃତ୍ତ ବନ୍ଧକ ମୁନରେ ୩୬ ହଜାର ଟଙ୍କା, ୩ ଟି ମୋବାଇଲ ଓ ଗୋଟିଏ ବାଇକ୍‌କୁ ଲୁଟ୍ କରି ଫେରାର ହେବାରେ ସକ୍ଷମ ହୋଇଛନ୍ତି। ଏ ନେଇ କୁଚିଣ୍ଡା ଥାନା ପକ୍ଷରୁ ତଦନ୍ତ ଜାରି ରହିଛି।

ପୋଲିସ ସୂତ୍ରରୁ ସୂଚନା ଅନୁଯାୟୀ, ରାତି ୧୧ଟା ପର୍ଯ୍ୟନ୍ତ ରେଙ୍ଗାଲବେଡ଼ା ଗାଁର ସିମାଶୁ ନାୟକ ତାଙ୍କ ସହଯୋଗ କେନ୍ଦ୍ରରେ କାମ କରୁଥିଲେ। ତାଙ୍କ ସହ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରେବତୀ ମୋହନ ବାରିକଙ୍କ ନିର୍ଦ୍ଦେଶ କ୍ରମେ କିରାଣି ରମଣୀରଞ୍ଜନ ପଧାନ ଓ ଡାଟା ଏଣ୍ଟ୍ରି ଅପରେଟର ଲିପ୍ଟନ ନାୟକ ମିଶି ସ୍କୁଲର କେତେକ ରିପୋର୍ଟ ପ୍ରସ୍ତୁତ କରୁଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ମୁହଁରେ ରୁମାଲ ବାନ୍ଧି ଦୋକାନ ଭିତରକୁ ପଶିଥିଲେ। ବନ୍ଧୁକ ଦେଖାଇ 'ଯାହା ପାଖରେ ଯାହା ଟଙ୍କା, ମୋବାଇଲ ଅଛି ଦେଇଦିଅ' ବୋଲି ଧମକ୍ ଦେଇଥିଲେ। ଭୟରେ ତିନି ଜଣ ଯାକ ନିଜ ନିଜ ପାଖରେ ଯାହା କିଛି ଟଙ୍କା ଥିଲା ସବୁ ଦେବା ପରେ ମୋବାଇ ଗୁଡ଼ିକ ଦେଇଦିଅ ବୋଲି ଦୁର୍ବୃତ୍ତ କହିଥିଲେ। ଏଣୁ ସମସ୍ତେ ମୋବାଇଲ ଗୁଡ଼ିକ ଦେଇଥିଲେ। ହେଲେ ଦୋକାନ ମାଲିକ ସିମାଂଶୁ ତାଙ୍କ ମୋବାଇଲରେ ବହୁତ ଡାଟା ଥିବାରୁ ଫେରାଇ ଦେବାକୁ ଅନୁରୋଧ କରିଥିଲେ। ଫଳରେ ଦୁର୍ବୃତ୍ତମାନେ ତାଙ୍କ ମୋବାଇଲ ଦେଇ ଦେଇଥିଲେ। ଠିକ୍ ଏହି ସମୟରେ ସିମାଂଶୁଙ୍କ ଘରୁ ବିଳମ୍ବିତ ହୋଇଥିବା ନେଇ ତାଙ୍କ ମା' ଫୋନ୍ କରିଥିଲେ। ଘରୁ ଫୋନ୍ ଆସିବାରୁ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଫୋନ୍ ଭିଡି ନେଇ ସିମାଂଶୁଙ୍କୁ ଗାଳି ଗୁଲଜ କରିବା ସହ ଫୋନ୍‌କୁ କଚାଡ଼ି ଭାଙ୍ଗି ଦେଇଥିଲେ। ପରେ ଦୁର୍ବୃତ୍ତମାନେ ଲିପ୍ଟନଙ୍କୁ ତାଙ୍କ ଆପାଚି ବାଇକ (ଓଡ଼ି ୨୮ ୩୭୯୧)ର ଚାବି ମାଗି ଗାଡ଼ି ନେଇ ଫେରାର୍ ହୋଇଯାଇଥିଲେ। ଏବିଷୟରେ ସିମାଂଶୁ ଓ ଅନ୍ୟମାନେ ଭୟଭିତ ହୋଇ ରାତିରେ କୁଚିଣ୍ଡା ଥାନାକୁ ଖବର ଦେଇ ନ ଥିଲେ। ଶୁକ୍ରବାର ସକାଳେ ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ତଦନ୍ତକରିଛି।

# ଅରବିନ୍ଦ ସ୍କୁଲ ପ୍ରତିଷ୍ଠା ଦିବସରେ ସଙ୍ଗୀତ ମହାବିଦ୍ୟାଳୟ ଉଦ୍‌ଘାଟିତ

**ରେଢାଖୋଲ,୨୬।୭(ଡି.ଏନ.ଏ.)**

ରେଢାଖୋଲସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟରେ ଏକ ସଙ୍ଗୀତ ମହାବିଦ୍ୟାଳୟ ଉଦ୍‌ଘାଟିତ ହୋଇଛି। ଉପଜିଲାପାଳ ବିଶିକେସନ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିବା ସହ ଭଜନ ପରିବେଷଣ କରିଥିଲେ। ସୁରେନ୍ଦ୍ର ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ପତିଷ୍ଠିତ ତବଲା ଗୁରୁ ରାଜକିଶୋର ପାଢୀ, ଇଂ ଅଜୟ ମହାକୁଡ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ପ୍ରମୋଦା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଅଚ୍ୟୁତାନନ୍ଦ ଦାଶ, ଚଳଚ୍ଚିତ୍ର ଅଭିନେତା ଭାରତ ଗୌରବ ଦାଶ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଗୋପିନାଥ ଖିଲାରୀ ପ୍ରଦାନ କରିଥିଫବା ବେଳେ ସୁନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁ ରାଧେଶ୍ୟାମ ନାୟକଙ୍କ ନେତୃତ୍ୱରେ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଖେଳ ଶିକ୍ଷକ ଯୋଗିନ୍ଦ୍ର ପଣ୍ଡା ଛାତ୍ରୀଛାତ୍ରମାନଙ୍କ ମାର୍ଚ୍ଚପାଷ୍ଟ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବିଶ୍ୱାଳ ଛାତ୍ରୀଛାତ୍ରମାନଙ୍କୁ ଧ୍ୟାନ ଓ ପ୍ରାର୍ଥନା କରାଇଥିଲେ। ଅନାଦି ଚରଣ ସାହୁ, ପ୍ରିୟଦର୍ଶୀ ପ୍ରଧାନ, ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ଅଭିଭାବକମାନେ ସହଯୋଗ କରିଥିଲେ।





ରେଢାଖୋଲ ଅରବିନ୍ଦ ସ୍କୁଲ ପ୍ରତିଷ୍ଠା ଦିବସ ଅବସରରେ ସଙ୍ଗୀତ ମହାବିଦ୍ୟାଳୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ବାଇକ୍ ଦୁର୍ଘଟଣାରେ ଯୁବକ ଆହତ

**ନାକଟିଦେଉଳ,୨୬।୭(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ପଞ୍ଚାୟତ ଛକଠାରେ ଶୁକ୍ରବର ଅପରାହ୍ନ ପ୍ରାୟ ସାଢେ ୫ଟାବେଳେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ବାଇକ ଆରୋହୀ ଜଣକ ହେଲେ ନାକଟିଦେଉଳ ଥାନା ଅନ୍ତର୍ଗତ ସରାପାଲି ଗୌଡ଼ପଡ଼ା ଗ୍ରାମର ରାଜକିଶୋର ଖୁରା। ଗୋଧିଡ଼ିପ ପଟରୁ ଏକ ବାଇକ ଆସୁଥିବା ବେଳେ ସ୍ଥାନୀୟ ପଞ୍ଚାୟତଛକସ୍ଥିତ ଏକ ହୋଟେଲରୁ ବାଇକରେ ରାଜକିଶୋର ବାହାରୁଥିଲାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ରାଜକିଶୋର ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ଦମକଳ ଗାଡ଼ି ସେଠାରେ ପହଞ୍ଚି ଆହତ ରାଜକିଶୋରଙ୍କୁ ନାକଟିଦେଉଳ ଡାକ୍ତରଖାନାକୁ ନେଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

## ଫଟୋରେ ଖବର







ସମ୍ବଲପୁର ୱାର୍ଡ ନଂ. ୩୪ ଅଞ୍ଚଳବାସୀ ବିବିଧ ସମସ୍ୟାର ସମାଧାନ ଦାବିରେ ଶୁକ୍ରବାର ମହାନଗର ନିଗମ ଅଫିସ ଆସିଛନ୍ତି (ବାମ)। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା କ୍ଷତିପୂରଣ ଉପଦେଷ୍ଟା କମିଟି ବୈଠକରେ ମଞ୍ଚାସୀନ ଅଧିକାରୀମାନେ (ମଝି)। କ୍ଷତିପୂରଣ ଉପଦେଷ୍ଟା କମିଟି ବୈଠକରେ ଭାଗ ନେଇଥିବା ବିସ୍ଥାପିତମାନେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜୁଲାଇ ୨୭/୨୦୧୯ Sambalpur, Saturday, July 27 / 2019




■ କାରଗଲ୍ ଯୁଦ୍ଧରେ ସାମିଲ ଥିବା ସୁବେଦାର ଇଂ. ରମେଶ ଚନ୍ଦ୍ର ପଣ୍ଡାଙ୍କ ଅନୁଭୂତି

# ଭାରତୀୟ ସୈନ୍ୟଙ୍କ ଦୃଢମନୋବଳ ବିଜୟ ଆଣିଥିଲା

ଦେଶ ମାତୃକାର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଭାରତୀୟ ସେନା ୧୯୯୯ ଜୁଲାଇ ୨୬ରେ କାରଗିଲ୍ ଯୁଦ୍ଧରେ ବିଜୟ ପ୍ରାପ୍ତ ହୋଇ ନିଜର ଅପୂର୍ବ ସାହସିକତା ଓ ଦେଶପ୍ରେମର ପରାକାଷ୍ଠା ପ୍ରଦର୍ଶନ କରିପାରିଥିଲେ। ଭାରତୀୟ ସେନାଙ୍କୁ କାରଗିଲ୍‌ଠାରେ ମିଳିଥିବା ବିଜୟକୁ ଜୁଲାଇ ୨୬ରେ ୨୦ବର୍ଷ ପୂରିଛି। ପ୍ରତିକୂଳ ସ୍ଥାନରେ ଥାଇ ମଧ୍ୟ ଭାରତୀୟ ସେନାଙ୍କ ଦୃଢ ମନୋବଳ ଓ ତ୍ୟାଗ ଯୋଗୁ ଭାରତମାତାର ମଥାରେ ବିଜୟର ଟିକା ଶୋଭା ପାଇଥିଲା। କାରଗିଲ୍ ଶିଖରରେ ଥିବା ପାକିସ୍ତାନ ଶତ୍ରୁପକ୍ଷକୁ ଉଚିତ ଲକ୍ଷ୍ୟଭେଦ କରି ପାହାଡ଼ ତଳୁ ଭାରତୀୟ ସେନା ପକ୍ଷରୁ ବୋଫର୍ସ କମାଣରେ ତୋପ ଫୁଟାଇବା ଅନ୍ୟତମ ପ୍ରମୁଖ କାର୍ଯ୍ୟ ଥିଲା। ଏହି ପ୍ରଯୁକ୍ତି ଭିତ୍ତିକ ନିଶାଣ ମାଧ୍ୟମରେ ଶତ୍ରୁପକ୍ଷକୁ କିଭଳି ନିପାତ କରାଯିବ, କମାଣକୁ ସେହିଭଳି ଲକ୍ଷ୍ୟ କରି ସଜାଡ଼ିବା ପଛରେ ଭାରତୀୟ ସୈନ୍ୟ ବାହିନୀରେ ଥିବା ଓଡିଶାର ସୁବେଦାର ଇଂ. ରମେଶ ଚନ୍ଦ୍ର ପଣ୍ଡାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। କାରଗିଲ ଯୁଦ୍ଧରେ ସାମିଲ ଥିବା ସୁବେଦାର ଇଂ. ପଣ୍ଡା ଏବେ ଅବସର ନେଇ ସାରିଛନ୍ତି। ଭାରତୀୟ ସୈନ୍ୟ ବିଭାଗ ଓ ସୁନ୍ଦରଗଡର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ବହୁ ପୁରସ୍କାର ଓ ସମ୍ମାନ ମଧ୍ୟ



ରମେଶ ଚନ୍ଦ୍ର ପଣ୍ଡା

ମିଳିଛି। ହେଲେ ପ୍ରତିବର୍ଷ ଏହି କାରଗିଲ୍ ବିଜୟ ଦିବସ ଆସିଲେ ମନେପଡିଯାଏ ତାଙ୍କର ସେତେବେଳର ଯୁଦ୍ଧ ବିଭୀଷିକା ଓ ଭାରତୀୟ ସେନାର ବୀରତ୍ୱର ଗାଥା।

୧୯୯୯ ଜୁନ୍ ଶେଷ ସପ୍ତାହରେ ଇଂ ରମେଶ ଚନ୍ଦ୍ର ପଣ୍ଡା ଛୁଟିରେ ଘରକୁ ଆସିଥାନ୍ତି। ହଠାତ୍ ସେନା ବିଭାଗରୁ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ଜରୁରୀ ଡାକରା ଆସିଥିଲା। ସେତେବେଳେ ପାକିସ୍ଥାନୀ ସେନା ଭାରତର ସୀମାରେ ଅନୁପ୍ରବେଶ କରି ଯୁଦ୍ଧ ଆରମ୍ଭ କରିଦେଇଥାଆନ୍ତି। ରମେଶଙ୍କୁ ଖୁବ୍ ଶୀଘ୍ର ନିଜ ହେଡକ୍ୱାଟରରେ ପହଞ୍ଚିବାକୁ ପଡ଼ିଥିଲା। ତାଙ୍କୁ ତୁରନ୍ତ ଟାଇଗର ହିଲର ତୋଲନୀ ଘାଟି ଅଭିମୁଖେ ଯିବାକୁ ନିର୍ଦ୍ଦେଶ ମିଳିଲା । ସେନାବାହିନୀ ସହିତ ସେ ପହଞ୍ଚି ଥିଲେ ତୋଲନୀ ଘାଟିରେ। ସେତେବେଳେ କାରଗିଲ ପାହାଡ ଉପରୁ ପାକିସ୍ତାନୀ ଶତ୍ରୁପକ୍ଷ ଆଖିବୁଜା ଗୁଳିବର୍ଷଣ କରୁଥାନ୍ତି। ଏଭଳି ସ୍ଥିତିରେ ଭାରତୀୟ ସେନା ନିଜର ସାହସ ହରାଇ ନ ଥିଲା। ଖୁବ ଚତୁରତାର ସହ ଭାରତୀୟ ସେନା ଶତ୍ରୁପକ୍ଷକୁ ସାମ୍ନା କରିଚାଲିଥିଲେ। ନିଜ ଜୀବନକୁ ବାଜି ଲଗାଇ ଭାରତୀୟ ସେନା ଲଢେଇ ଜାରି ରଖିଥିଲେ। ପାକିସ୍ତାନୀ ସେନାର ଆକ୍ରମଣକୁ ମୁକାବିଲା କରିବାକୁ ଭାରତୀୟ ସେନା ପକ୍ଷରୁ ବୋଫର୍ସ ତୋପ (ଟ୍ୟାଙ୍କ)ର କୌଶଳପୂର୍ଣ୍ଣ ବ୍ୟବହାର ଥିଲା ଏହି ଯୁଦ୍ଧ ପାଇଁ ଗୁରୁତ୍ୱପୂର୍ଣ୍ଣ। ସମୁଦ୍ରପତ୍ତନ ଠାରୁ ୧୨ଶହ ମିଟର ଉଚ୍ଚତାରେ ଚାଲିଥିବା ଏହି ଲଢେଇ ଭାରତୀୟ ସେନା ପାଇଁ ବଡ ଚ୍ୟାଲେଞ୍ଜ ହୋଇଥିଲା। ସେନାବିଭାଗରେ ଇଲେକଟ୍ରୋନିକ୍ସ ଓ ମେକାନିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟରତ ରମେଶ ଓ ତାଙ୍କ ସହଯୋଗୀଙ୍କ ପାଇଁ ଏହି ଯୁଦ୍ଧ ଥିଲା ବେଶ ସଂଘର୍ଷପୂର୍ଣ୍ଣ। ବଙ୍କର ଭିତରେ ରହି ଶତ୍ରୁପକ୍ଷକୁ ଲକ୍ଷ୍ୟଭେଦ କରି ଗୁଳିବର୍ଷଣ ପାଇଁ ତୋପ ଗୁଡିକୁ ଠିକ ମାପଦଣ୍ଡରେ ପ୍ରସ୍ତୁତ କରି ରଖିବା ସେମାନଙ୍କର ମୁଖ୍ୟ କାମ ଥିଲା। ଆବଶ୍ୟକସ୍ଥଳେ ତୋପର ଯନ୍ତ୍ରାଂଶଗୁଡିକୁ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ପଡୁଥିଲା। ନିଜ ସାଥୀମାନଙ୍କ ମୃତ୍ୟୁକୁ ଆଖି ଆଗରେ ଦେଖିଥିଲେ ରମେଶ। ହେଲେ ସେଥିରେ ବିଚଳିତ ନ ହୋଇ କର୍ତ୍ତବ୍ୟ ସମ୍ପାଦନ କରିବା କେତେ ଯେ କଷ୍ଟକର ଥିଲା ତାହା ସେ କହିଲାବେଳେ ଥରି ଉଠିଥିଲେ। ଏପରିକି ଶହୀଦ ହେଉଥିବା ସାଥୀ ସେନାଙ୍କୁ ଉଠାଇବା ପାଇଁ ୩ଦିନ ସମୟ ଲାଗି ଯାଉଥିଲା। କାରଣ ପାକିସ୍ତାନୀ ସେନା ପକ୍ଷରୁ ତୁହାକୁ ତୁହା ଗୁଳିବର୍ଷଣ ହେଉଥିଲା। ଶେଷରେ କାରଗିଲ ଦ୍ରାସ ପାହାଡ ଶିଖରରେ ପାକିସ୍ତାନୀ ସେନାଙ୍କୁ ପରାସ୍ତ କରି ଭାରତୀୟ ସେନା କାରଗିଲ ଯୁଦ୍ଧରେ ବିଜୟ ଧ୍ୱଜା ଉଡାଇବାକୁ ସକ୍ଷମ ହୋଇଥିଲେ। ରମେଶଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀ ତପେଶ୍ୱରୀ ପଣ୍ଡା ଜଣେ ବୀର ଯୋଦ୍ଧାଙ୍କ ସହଧର୍ମିଣୀ ହେବାର ସୌଭାଗ୍ୟ ମିଳିଥିବା ନେଇ ନିଜକୁ ବେଶ ଗର୍ବିତ ବୋଲି କହନ୍ତି। ସେତେବେଳର କାରଗିଲ ଯୁଦ୍ଧ ସମ୍ପର୍କରେ ଟିଭି, ରେଡିଓ ଓ ଖବରକାଗଜରେ ଖବର ଆସୁଥିବା ବେଳେ ସେ ହେମଗିରର ଉପାନ୍ତ ଏକ ବିଦ୍ୟାଳୟରେ ୨ବର୍ଷର ଶିଶୁକନ୍ୟାକୁ ଧରି ଶିକ୍ଷକତା କରୁଥିଲେ । ସେ ସବୁବେଳେ ଆତ୍ମବିଶ୍ୱାସ ରଖିଥିଲେ ଯେ, ତାଙ୍କ ସ୍ୱାମୀଙ୍କ କିଛି ଅମଙ୍ଗଳ ହେବ ନାହିଁ ଏବଂ ଏ ଯୁଦ୍ଧରେ ଭାରତର ବିଜୟ ନିଶ୍ଚିତ। ଆଜିର ଦିବସରେ ପ୍ରତ୍ୟେକ ଭାରତୀୟ ଦେଶ ମାତୃକାର ସେବାରେ ନିଜ କ୍ଷେତ୍ରରେ ସମର୍ପିତ ମନୋଭାବ ନେଇ କାର୍ଯ୍ୟ କରିବା ଆବଶ୍ୟକ।

**ଉପସ୍ଥାପନା–ଜୟନାରାୟଣ ମେଣ୍ଡୁଲି, ସୁନ୍ଦରଗଡ଼**

## ଦେଓଗାଁ ପ୍ରାଥମିକ ସ୍କୁଲରେ ତାଲା

**କନ୍ଧମାଳ,୨୬।୭ (ଡି.ଏନ.ଏ):** ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଦେଓଗାଁ ନୂତନ ପ୍ରକଳ୍ପ ପ୍ରାଥମିକ ସ୍କୁଲରେ ଶୁକ୍ରବାର ୧୦ଟାରେ ଅଭିଭାବକ ଓ ଛାତ୍ରୀଛାତ୍ର ତାଲା ପକାଇ ଧାରଣା ଦେଇଛନ୍ତି । ଜଣେ ଶିକ୍ଷକଙ୍କ ବଦଳି ବାତିଲ କରିବାକୁ ସ୍କୁଲରେ ତାଲା ପକାଇ ଶିକ୍ଷାଦାନ ବନ୍ଦ କରାଯାଇଥିବା ପରିଚାଳନା କମିଟି ସଭାପତି ଭଗବାନ ବାଘ ପ୍ରକାଶ କରିଛନ୍ତି । ଦେଓଗାଁ ପ୍ରକଳ୍ପ ପ୍ରାଥମିକ ସ୍କୁଲରେ ସମୁଦାୟ ୧୦୭ ଜଣ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି । ଶିକ୍ଷା ବିଭାଗର ବଦଳି ଆଦେଶରେ ଏହି ସ୍କୁଲର ୫ ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କୁ ଅପସାରଣ କରାଯାଇଛି। ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅନୁଯାୟୀ ସ୍କୁଲରେ ଶିକ୍ଷକ ଅଭାବକୁ ଅନୁଭବ କରି ପୁଣି ତାଙ୍କୁ ଫେରାଇ ଆଣିବାକୁ ଦାବି କରି ଏହି ଆନ୍ଦୋଳନ ହୋଇଛି । ଏ ନେଇ ଶିକ୍ଷା ବିଭାଗକୁ ଲିଖିତଭାବେ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ଘଟଣାସ୍ଥଳକୁ କୌଣସି ଅଧିକାରୀ ଆସି ନ ଥିଲେ । ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ପରିଚାଳନା କମିଟି ସଭାପତି ବାଘ ସୂଚନା ଦେଇଛନ୍ତି ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଜଓ୍ବାନ ଓ କିଷାନର ଜୟ୍ ହିଁ ଦେଶ ଓ ଜାତିର ଜୟ୍।

- ଲାଲବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ବାଇକ୍ ଧକ୍କାରେ ଶିଶୁକନ୍ୟା ମୃତ

ବରଗଡ଼ ଅଫିସ୍,୨୬।୭

ବରଗଡ଼ ଜିଲା ଭଟଲି ଥାନା ଖରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଶିରପାଲି ଗ୍ରାମରେ ଶୁକ୍ରବାର ବାଇକ୍ ଧକ୍କାରେ ଜଣେ ଦେଢ଼ବର୍ଷ ଶିଶୁକନ୍ୟାର ମୃତ୍ୟୁ ହୋଇଛି । ମୃତ ଶିଶୁ ଉକ୍ତ ଗ୍ରାମର ଗାୟତ୍ରୀ ସା ବୋଲି ସୂଚନା ମିଳିଛି । ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଶିଶୁ ଗୁରୁତର ଆହତ ହୋଇଛି । ଚିକିତ୍ସା ପାଇଁ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପ୍ରକାଶ ଯେ, ମୃତାହତ ଶିଶୁଙ୍କ ସମେତ ପିଲାମାନେ ରାସ୍ତାକଡରେ ଖେଳୁଥିବା ବେଳେ ଜଣେ ବାଇକ୍ ଆରୋହୀ ଦ୍ରୁତବେଗରେ ଆସି ସେମାନଙ୍କୁ ଧକ୍କା ଦେଇଥିଲେ । ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ । ବରଗଡ଼ରେ ଡାକ୍ତରମାନେ ଗାୟତ୍ରୀଙ୍କୁ ମୃତ ଘୋଷଣା କରିଥିଲେ ।

### ତରଭା ସହରକୁ ପଲିଥିନ ମୁକ୍ତ କରିବାକୁ ପ୍ରୟାସ

ତରଭା ୨୬।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦରୁ ତରଭା ସହରକୁ ପଲିଥିନ ମୁକ୍ତ ସହର ଭାବେ ଗଢି ତୋଲିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ପୋଲିସ ଏଏସଆଇ ଶ୍ରୀକୃଷ୍ଣ ସେଠ ସହର ବଜାର ଏରିଆରେ ଚଢାଉ କରି ଦୋକାନମାନଙ୍କରୁ ପଲିଥିନ ଜବତ କରିବା ସହିତ ଦୋକାନୀମାନଙ୍କୁ ଜରିମାନା କରିଥିଲେ । ୧୪ଟି ଦୋକାନରେ ଚଢାଉ କରାଯାଇଥିଲା। ସେଥିମଧ୍ୟରୁ ୧୦ଟି ଦୋକାନରୁ ୪୨ଶହ ଟଙ୍କା ଜରିମାନା ଆଦାୟ କରାଯିବା ସହିତ ୨୨ କେଜି ପଲିଥିନ ଜବତ ହୋଇଥିଲା। ଏଥି ସହିତ ଦୋକାନୀମାନଙ୍କୁ ପଲିଥିନର ଅପକାରିତା ବିଷୟରେ ବୁଝାଯାଇ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଇଥଇଲା । ନାରାୟଣ ମେହେର, ବିଶ୍ୱରଞ୍ଜନ ମିଶ୍ର, ସରୋଜ ସାହୁ, ବିଶ୍ୱ ରଞ୍ଜନ ନାଏକ, ସଞ୍ଜୟ ମାହାଣା, ଲମ୍ବୋଦର ନାୟକ, କୁଳମଣି ଥନାପତି, କୃଷ୍ଣଭକ୍ତ ନାଏକ ପ୍ରମୁଖ ଏହି ଚଢାଉ ରେ ସାମିଲ ଥିଲେ ।

### ଜତିନ୍ ଫାଇଟର ବିଜୟୀ

ସୋନପୁର,୨୬।୭(ନି.ପ୍ର.)

ସୋନପୁର ବୁଢି ସମଲେଇ ଫୁଟବଲ କ୍ଲବ ପକ୍ଷରୁ ସ୍ଥାନୀୟ କଲେଜ ପଡିଆରେ ଚାଲିଥିବା ପ୍ରିମିୟର ଫୁଟବଲ ଲିଗ୍‌ର ଶୁକ୍ରବାର ତୃତୀୟ ଦିବସରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ରୟାଲସ୍ ଟାଇଗର ଓ ଜତିନ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଜତିନ ଫାଇଟର ୧-୦ଗୋଲରେ ମ୍ୟାଚ୍ ବିଜୟୀ ହେଇଥିଲା। ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ଶେଷଦେବ ଝାଙ୍କରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରା ଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ସୁରେଶ୍ୱରୀ ୱାରିୟର୍ସ ଓ ରିକ୍ସ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ଟି ଡ୍ର ହୋଇଥିଲା। ଅମିତ କୁମାର ପଟ୍ଟନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସୁଦାମ ଜଗଦଲା, ସିଦ୍ଧାନ୍ତ ପାତ୍ର, ସଞ୍ଜୟ ସାହୁ, ନରସିଂହ ସେଠୀ ଓ ପ୍ରଶାନ୍ତ ସେଠୀ ଖେଳ ପରିଚାଳନା କରିଥିଲେ । ବରିଷ୍ଠ ଫୁଟବଲ ଖେଳାଳି ଆଦିତ୍ୟ କିଶୋର ଦାନୀ ଓ ସୁବର୍ଣ୍ଣପୁର ଜିଲା କନଷ୍ଟେବଲ-ହାବିଲଦାର ସଂଘର ସମ୍ପାଦକ ଦୀନେଶ ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ରାଜୀବ ପଟ୍ଟନାୟକ, ରାକେଶ ନାଗ, ଶିଶର ମହାନ୍ତି ଓ ଶଙ୍କର୍ଷଣ ପଟ୍ଟନାୟକ ସହଯୋଗ କରିଥିଲେ।

### ଶିକ୍ଷାନୁଷ୍ଠାନରେ କାରଗିଲ ବିଜୟ ଦିବସ ପାଳିତ

ମନମୁଣ୍ଡା,୨୬।୭(ଡି.ଏନ.ଏ)

ମନମୁଣ୍ଡାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶୁକ୍ରବାର କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଓଡିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲର ସୈନିକ ପୋଷାକଧାରୀ ଛାତ୍ରୀଛାତ୍ରମାନେ ସକାଳେ ବିଦ୍ୟାଳୟ ପରିସରରେ ପରେଡ କରିବା ସହ ବୀର ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଅଧକ୍ଷା ବୁଲବୁଲି ନାୟକଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସେହିପରି ମନମୁଣ୍ଡା ଲୋପାମୁଦ୍ରା କଲେଜରେ ଅଧକ୍ଷ ସମ୍ପଦ ଭୁକ୍ତା, ମନମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିନୋଦ ସାବତ, ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ହୋତା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାଗିରଥି ରଥ, ଶ୍ରୀନିବାସ ରାମାନୁଜନ ଗ୍ଲୋବାଲ ସ୍କୁଲରେ ଅଧକ୍ଷ ଚନ୍ଦ୍ରମଣି ସିଂଙ୍କ ଅଧକ୍ଷତାରେ ସଭାମାନ କରାଯାଇ ଏହି ଦିବସ ପାଳନ କରାଯାଇଥିଲା। ଶଗଡା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ ଏବଂ ଦମାମୁଣ୍ଡା ଜୟ କୃଷ୍ଣ ଉଚ୍ଚ ମାଧମିକ ବିଦ୍ୟାଳୟରେ ମଧ ଏହି ଦିବସ ପାଳନ କରାଯାଇଥିଲା ।

## ମେଗା ଉଠାଜଳସେଚନ ପ୍ରକଳ୍ପ ପରିଦର୍ଶନ କଲେ ଜିଲାପାଳ

# ଚାଷୀଙ୍କ ସମସ୍ୟା ପଚାରି ବୁଝିଲେ

ତରଭା ୨୬।୭(ଡି.ଏନ.ଏ.)

**ବିଭାଗୀୟ ଅଧିକାରୀ, ତହସିଲଦାରଙ୍କୁ ଦେଲେ ତଦନ୍ତ ନିର୍ଦ୍ଦେଶ**



ଜିଲାପାଳ ମୋନିଷା ବାନାର୍ଜୀ ଶୁକ୍ରବାର ଗୁଞ୍ଜିମୁଣ୍ଡା ମେଗା ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ଚାଷୀଙ୍କ ସମସ୍ୟା ପଚାରି ବୁଝୁଛନ୍ତି।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଛା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୁଞ୍ଜିମୁଣ୍ଡା ତେଲନଦୀ ଖଣ୍ଡିରେ ଥିବା ମେଗା ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହି ପ୍ରକଳ୍ପରୁ ମରାଡୁଗୋଛା, ବନ୍ଧକେଡା, ଗୁଞ୍ଜିମୁଣ୍ଡା ପ୍ରଭୃତି ଗ୍ରାମକୁ ଚାଷ କାର୍ଯ୍ୟ ପାଇଁ ଜଳଯୋଗାଣ କରାଯାଇଥାଏ। ଗତ କିଛି ଦିନ ହେଲା କୌଣସି କାରଣବଶତଃ ଏହି ମେଗା ପ୍ରକଳ୍ପରୁ ଜଳଯୋଗାଣ ବନ୍ଦ କରାଯାଇଥିଲା। ଚଳିତ ବର୍ଷ ସ୍ୱଳ୍ପ ବର୍ଷା ହେତୁ କେତେକ ଚାଷୀ କ୍ଷେତରେ ଧାନ ବୁଣି ଥିବା ବେଳେ ଆଉ କେତେକ ପହ୍ଲା ପକାଇଥିଲେ। ବର୍ଷା ନ ହେବାରୁ ଉକ୍ତ ଧାନ ଓ ପହ୍ଲା ସବୁ ଶୁଖି ମରିବାକୁ ବସିଲାଣି। ଫଳରେ ଚାଷୀମାନେ ହତାଶ ହୋଇ ପଡିଛନ୍ତି । ଏହି ପଏଣ୍ଟରୁ ଚାଷ ଜମିକୁ ପାଣି ଯୋଗାଇ ଦିଆଯାଇଥିଲେ ଉପରୋକ୍ତ ଗ୍ରାମମାନଙ୍କର ଚାଷୀମାନେ ଉପକୃତ ହୋଇଥାନ୍ତେ । ଗତ ୨୩ ତାରିଖ ଦିନ ଉକ୍ତ ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହିତ ଉଠା ଜଳ ସେଚନ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ଶୁକ୍ରବାର ତାଙ୍କ ତରଭା ଗସ୍ତ ସମୟରେ ପ୍ରଥମେ ଗୁଞ୍ଜିମୁଣ୍ଡା ମେଗା ଉଠା ଜଳ ସେଚନ ପ୍ରକଳ୍ପ ପରିଦର୍ଶନ କରି ଚାଷୀଙ୍କ ସମସ୍ୟା ପଚାରି ବୁଝିଥିଲେ । ଏଠାରେ ବିଭିନ୍ନ ଗ୍ରାମର ଶତାଧିକ ଚାଷୀ ଜିଲାପାଳଙ୍କୁ ଭେଟି ସମସ୍ୟା ସବୁ ଜଣାଇଥିଲେ । ଗୁଞ୍ଜିମୁଣ୍ଡା ଓ ଗୁହୁରିଆଘାଟର ଚାଷୀମାନେ ମେଗା ଉଠାଜଳସେଚନ ପ୍ରକଳ୍ପ ଆମ ପାଖରେ ଥାଇ ସୁଦ୍ଧା ଜମିକୁ ପାଣି ମାଡୁନାହିଁ ବୋଲି ଅଭିଯୋଗ କରିଥିଲେ । ଅଭିଯୋଗ ଶୁଣିବା ପରେ ଜିଲାପାଳ ବାନାର୍ଜୀ ଏ ନେଇ ବିଭାଗୀୟ ଅଧିକାରୀ ଓ ତରଭା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କୁ ଏହାର ବିଧିବଦ୍ଧ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିବା ଗୁଞ୍ଜିମୁଣ୍ଡା ଗ୍ରାମର ଚାଷୀ ବୈଷ୍ଣବ ସାହୁ, ଟଙ୍କଧର ଭୁଏ, ଦଶରଥ ଭୁଏ, ଜୟଚନ୍ଦ୍ର ଭୁଏ, ସନ୍ତୋଷ ବିଶି, ନିରଞ୍ଜନ ଭୋଇ ଓ ଶଙ୍କର ମହଲାଙ୍କ ଚାଷ ଜମିକୁ ସାତ ଦିନ ମଧ୍ୟରେ ପାଣି ପହଞ୍ଚାଇବାର ବ୍ୟବସ୍ଥା କରିବାକୁ କ୍ଷୁଦ୍ର ଜଳ ସେଚନ ନିର୍ବାହୀ ଯନ୍ତ୍ରୀ କିଶୋର କୁମାର ଆଚାର୍ଯ୍ୟଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ ପରିଦର୍ଶନ ସମୟରେ ଡେପୁଟି ଡାଇରେକ୍ଟର ପ୍ଲାନିଙ୍ଗ ଗୌରହରି ସାହୁ, ଏଇଇ ଦିଲୀପ ପାତ୍ର, ଉଠା ଜଳ ସେଚନ ନିର୍ବାହୀ ଯନ୍ତ୍ରୀ ଗିରୀଶ ଚନ୍ଦ୍ର ମୁଣ୍ଡା, ଡିଏମଓଏଆଇସି ମନୋରଞ୍ଜନ ପରିଡା, କେନାଲ ଡିଭିଜନ ନିର୍ବାହୀ ଯନ୍ତ୍ରୀ ବରପାଲି ପ୍ରଭାସ କୁମାର ରଥ, ତରଭା ବିଡିଓ ନିହାର ରଞ୍ଜନ କହଁର ଓ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, ଗତ ୨୦ତାରିଖ ସନ୍ଧ୍ୟାରେ ଗୁଞ୍ଜିମୁଣ୍ଡା ଲିଫ୍ଟ ପଏଣ୍ଟରୁ ପାଣି ଛଡା ନ ଯିବା ଯୋଗୁଁ ବନ୍ଧକେଡା ଗ୍ରାମବାସୀ ତାଲାବନ୍ଦ କରିଥିଲେ । ଏହି ମେଗା ଲିଫ୍ଟ ପଏଣ୍ଟରୁ ୮୦୦ ହେକ୍ଟର ଜମିକୁ ଜଳସେଚନ କରିବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ପରିତାପର ବିଷୟ ବନ୍ଧକେଡା ଓ ଗୁଞ୍ଜିମୁଣ୍ଡା ପଏଣ୍ଟମାନଙ୍କରେ ପ୍ରାୟ ୧୦ମାସ ହେବ ଆବଶ୍ୟକ ପାଣି ନ ବାହାରିବାରୁ A ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ତାଲାବନ୍ଦ କରିଥିଲେ। ଗତବର୍ଷ ଅକ୍ଟୋବର ମାସରେ ମଧ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଯେଗୁଁ ଜିଲା ପ୍ରଶାସନ ତରଫରୁ ମେଗାଲିଫ୍ଟ ପଏଣ୍ଟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ତରଭା ଥାନା ଅଧିକାରୀଙ୍କ ଉପସ୍ଥିତିରେ ବନ୍ଧକେଡା ଗ୍ରାମରେ ଏକ ବୈଠକ କରାଯାଇ ତିନିମାସ ମଧ୍ୟରେ ସମସ୍ତ ୮୦୦ଏକର ଜମିକୁ ପାଣି ଯୋଗାଇ ଦିଆଯିବା ନିର୍ଭର ପ୍ରତିଶ୍ରୁତି ପାଇବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ ।

## ବାଲ୍ୟ ବିବାହ ପ୍ରତିରୋଧ ଓ ଶିଶୁ ସୁରକ୍ଷା ସମ୍ପର୍କିତ ତାଲିମ

# ଶପଥ ନେଲେ ୭୩ ପ୍ରତିଭାଗୀ

ସୋନପୁର,୨୬।୭(ନି.ପ୍ର.)

ସୋନପୁର ବ୍ଲକ ମଲ୍ଲିକମୁଣ୍ଡା ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ବାଲ୍ୟ ବିବାହ ପ୍ରତିରୋଧ ଓ ଶିଶୁ ସୁରକ୍ଷା ସମ୍ପର୍କିତ ତାଲିମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଲ୍ଲିକମୁଣ୍ଡା ପଞ୍ଚାୟତ ସରପଞ୍ଚ ମମତା ମାଝୀ ଯୋଗଦେଇ ବାଲ୍ୟ ବିବାହ ଏକ ଗୁରୁତର ସମସ୍ୟା। ସମସ୍ତଙ୍କ ସହଯୋଗରେ ଏହାକୁ ରୋକା ଯାଇପାରିବ ବୋଲି କହିଥିଲେ। ଜିଲା ଶିଶୁ ମଙ୍ଗଳ ସମିତିର ପ୍ରାକ୍ତନ ସଦସ୍ୟ ରାଧେଶ୍ୟାମ ପଣ୍ଡା ଯୋଗଦେଇ ବାଲ୍ୟ ବିବାହ ହେବା ଦ୍ୱାରା ଶାରୀରିକ ଏବଂ ମାନସିକ ସ୍ତରରେ ପଡୁଥିବା ପ୍ରଭାବ ସମ୍ପର୍କରେ ଉପସ୍ଥାପିତ କରିବା ସହିତ ବାଲ୍ୟ ବିବାହ ପ୍ରତିରୋଧ ଆଇନ ୨୦୦୬ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ତଥା ଅଙ୍ଗନୱାଡି କର୍ମୀ ମନୋରମା ମିଶ୍ର ବାଲ୍ୟ ବିବାହ ନିରାକରଣ ପାଇଁ କୈଶୋର ଏବଂ ମାତାପିତାଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ବିଭାଗ ଦ୍ୱାରା ନିଆ ଯାଉଥିବା ସଚେତନତା ମୂଳକ କାଯର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶିଶୁମାନଙ୍କ ସୁରକ୍ଷା ପାଇଁ ରହିଥିବା ଆନୁଷ୍ଠାନିକ ଏବଂ ଅଣଆନୁଷ୍ଠାନିକ ସୁବିଧା ଓ ପୃଷ୍ଠପୋଷକ ସେବା ପ୍ରଦାନ ସମ୍ପର୍କରେ ବୁଝାଇଥିଲେ। ଦାଦନ ଶ୍ରମିକ ସମସ୍ୟା ଓ ବଡ ପରିବାର ଯୋଗୁଁ ବାଲ୍ୟ ବିବାହ କରାଯାଉଥିବା ପ୍ରତିଭାଗୀମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ପଞ୍ଚାୟତର ୭୩ ଜଣ ପ୍ରତିଭାଗି ବାଲ୍ୟ ବିବାହକୁ ରୋକିବା ତଥା ନିଜ ଅଞ୍ଚଳରେ ସଚେତନତା ସୃଷ୍ଟି କରିବା ପାଇଁ ଶପଥ ନେଇଥିଲେ। ରେଆରର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ବର୍ତ୍ତମାନ ସମୟରେ ଶିଶୁମାନଙ୍କ ପ୍ରତି ହେଉଥିବା ଅସୁରକ୍ଷିତ ବାତାବରଣ ସମ୍ପର୍କରେ ଜାଣିବା ତଥା ଜିଲାରେ ୨୨.୨ପ୍ରତିଶତ ବାଲ୍ୟ ବିବାହକୁ ହ୍ରାସ କରିବା ପାଇଁ ସଚେତନତା ସୃଷ୍ଟି ସକାଶେ ଏହି କାଯର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିବା କହିଥିଲେ। ପ୍ରାରମ୍ଭରେ କ୍ଷେତ୍ର ସଂଯୋଜିକା ଶ୍ୱେତା ରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।

### ଜେଏମଏଫସି କୋର୍ଟ ପରିସରରେ ବୃକ୍ଷରୋପଣ

ତରଭା ୨୬।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ଜେଏମଏଫସି କୋର୍ଟ ପରିସରରେ ଶୁକ୍ରବାର ପରିବେଶ ପ୍ରତି ସଚେତନତା ସୃଷ୍ଟି ପାଇଁ ବୃକ୍ଷରୋପଣ କରାଯାଇଛି । ଏଥିରେ ଜେଏମଏଫସି ମାଜିଷ୍ଟ୍ରେଟ ସବ୍ୟସାଚୀ ପ୍ରଧାନ ଓ କୋର୍ଟର କର୍ମଚାରୀମାନେ କୋର୍ଟ ସମ୍ମୁଖ ବିଭିନ୍ନ ସ୍ଥାନରେ ୫୦ରୁ ଅଧିକ ଗଛ ରୋପଣ କରିଥିଲେ । ଏଥିରେ କୋର୍ଟର କିରାଣି ସୁଶାନ୍ତ ମିଶ୍ର, ଦେବାଶିଷ ମିଶ୍ର, ଅରୁପ ମହାନନ୍ଦ, ଶୁଭଦର୍ଶିନୀ ମିଶ୍ର, ସରକାରୀ ଓକିଲ ଉମେଶ ନାଏକ ଓ ଥବିର ମାଝୀ ପ୍ରମୁଖ ସାମିଲ ଥିଲେ।

## କେନାଲ ପାଣି କ୍ଷେତରେ ପହଞ୍ଚୁନି

# କେନାଲ ଅଧିକାରୀ, ଅତିରିକ୍ତ ତହସିଲଦାରଙ୍କୁ ଭେଟିଲେ ଚାଷୀ

ବିନିକା, ୨୬।୭(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ଅନ୍ତର୍ଗତ ମହଦା ରାଜସ୍ୱ ସର୍କଲର ଚାଷୀମାନେ ଶୁକ୍ରବାର କେନାଲ ପାଣି ସମସ୍ୟା ନେଇ ବରପାଲି କେନାଲ ମୁଖ୍ୟ କାର୍ଯ୍ୟାଳୟ ଏକଜିକ୍ୟୁଟିଭ୍ ଇଞ୍ଜିନିୟର ଏବଂ ବିନିକା ଅତିରିକ୍ତ ତହସିଲଦାରଙ୍କୁ ଭେଟିଥିଲେ। ଚାଷୀଙ୍କ କହିବା ମୁତାବକ ମହଦା ଆର୍.ଡି ୧୦/୫୦୦ ଜଳକୋଷରୁ ପର୍ଯ୍ୟାପ୍ତ ପାଣି ନିସ୍କାସନ ହେଉନାହିଁ । ଫଳରେ ସ୍ଥାନୀୟ କେନାଲ ଉପରେ ନିର୍ଭର କରୁଥିବା ଶହେରୁ ଉର୍ଦ୍ଧ୍ୱ ଚାଷୀଙ୍କ କ୍ଷେତ ତଳମୁଣ୍ଡକୁ ପାଣି ମାଡିବାରେ ବିଳମ୍ବ ହେଉଛ, ପ୍ରତ୍ୟେକ ବର୍ଷ ଫସଲ ମରୁଡି ଯୋଗୁ କ୍ଷତିଗ୍ରସ୍ତ ହେଉଛି। ଏଥି ସହିତ କେନାଲ ସୀମାରେ ଚାଲିଥିବା ବେଆଇନ ଘର ନିର୍ମାଣ ଯୋଗୁ ଜଳ ନିଷ୍କାସନରେ ବାଧା ଉପୁଜୁଛି। ପୁନଶ୍ଚ ଲୋକଙ୍କ ଅଳିଆ ଆବର୍ଜନା ସବୁ କେନାଲରେ ପଡି ପୋତି ହୋଇ ପଡୁଛି । ପୁନଶ୍ଚ କେନାଲ ସଫେଇ ସମୟରେ ଆବର୍ଜନା ସବୁ ଆଡିରେ ପକାଇବାରେ ଯାତାୟାତରେ ସମସ୍ୟା ହେଉଛି। ଜଳକୋଷର ତୁରନ୍ତ ମରାମତି ଓ ସୀମା ଚିହ୍ନଟୀକରଣ ଦିଗରେ ବିହିତ ପଦକ୍ଷେପ ନେବାକୁ ମହଦା ଗାଁର ଚାଷୀ ମହେନ୍ଦ୍ର ଭୋଇ, ଶଶୀ ଭୋଇ, ଭରତ ପଧାନ, କାର୍ତ୍ତିକ ସାହୁ, କିଶୋର ଚନ୍ଦ୍ର ନାଇକ, ସୁଦାମ ସା, ଗୁନୁ ଭୁଏ , ସୁବଳ ଭୋଇ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବିନିକା ଅତିରିକ୍ତ ତହସିଲଦାର ରାକେଶ ଅଗ୍ରୱାଲ ମହଦା ଆର୍.ଆଇ ପ୍ରଦୀପ କୁମାର ମେହେରଙ୍କୁ କେନାଲ ସୀମାରେ ନିର୍ମିତ ହୋଇଥିବା ଘର ବିଷୟରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଛାତ୍ରୀଛାତ୍ର କଲେ ବୃକ୍ଷରୋପଣ

ବାଉଁଶୁଣୀ, ୨୬।୭ (ଡି.ଏନ.ଏ)

ବୌଦ୍ଧ ବ୍ଲକ ବାଉଁଶୁଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ପ୍ରଧାନଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ସଭାପତିତ୍ୱରେ ଶୁକ୍ରବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଆଇସି ରାମସୁବ୍ରମନ୍ୟୁ ପ୍ରଧାନ ମୁଖ୍ୟଅତିଥି, ଏସଆଇ ସନ୍ତୋଷ କୁମାର ମହାକୁଳ, ଧନେଶ୍ୱର ମଣ୍ଡଳ, ସୁରେନ୍ଦ୍ର ଦାସ, ପଞ୍ଚାନନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଅତିଥିମାନେ ବୃକ୍ଷର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଶେଷରେ ଖଗେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶୂନ୍ୟରୁ ପଡୁଛି ଢେଲା ଭୌତିକ କାଣ୍ଡ ସନ୍ଦେହ

ବିନିକା , ୨୬।୭ (ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ଖଇରମାଳ ଗ୍ରାମ ଉପରପଡାବାସୀ ଗତ ୧୫ ଦିନ ଧରି ଏକ ଅସ୍ୱାଭାବିକ ପରିସ୍ଥିତି ଦେଇ ସମୟ ବିତାଉଛନ୍ତି। ପ୍ରତ୍ୟହ ପଡାରେ ଛୋଟ ବଡ ଢେଲା ଓ ପଥରମାନ ପଡୁଛି । ପ୍ରଥମେ ପଡାବାସୀ ଏହା ମନୁଷ୍ୟକୃତ ବୋଲି ଭାବୁଥିଲେ। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପଡା ଚତୁଃପାର୍ଶ୍ୱରେ ୧୦ଦିନ ପାଳି କରି ପହରା ଦେଲେ । ମାତ୍ର ସେମାନେ କାହାକୁ ବି ଧରି ପାରି ନ ଥିଲେ। ଏହିକ୍ରମରେ ମଙ୍ଗଳବାର ସନ୍ଧ୍ୟାରେ ଉପରପଡା ବାସିନ୍ଦା ଅଶ୍ୱିନୀ ପଧାନଙ୍କ ସ୍ତ୍ରୀ ରାଜେଶ୍ୱରୀ ଘର ବାରଣ୍ଡାରେ ରୋଷେଇ ବାସ କରୁଥିବା ବେଳେ ଏକ ଢେଲା ତାଙ୍କ ଉପରେ ପଡିବାରେ ସେ ଆହତ ହୋଇଥିଲେ । ସେହିଭଳି ଜୟଦେବ ପାତ୍ର ତାଙ୍କ ଛାତ ଉପରେ ଶୋଇଥିବା ବେଳେ ତାଙ୍କ ଉପରେ ଏକ ଢେଲା ପଡିଥିଲା । ଏହିଭଳି ଉପରପଡାରେ ଅନେକ ବ୍ୟକ୍ତି ଗତ ଦୁଇ ସପ୍ତାହ ମଧ୍ୟରେ ଢେଲା ମାଡରେ ଆହତ ହୋଇ ସାରିଲେଣି । ଆଗକୁ ଯେଭଳି ଏପରି କାଣ୍ଡର ପୁନରାବୃତ୍ତି ନ ଘଟେ ସେଥିପାଇଁ ଗାଁର ୱାର୍ଡମେମ୍ବର ପ୍ରେମରାଜ ବାଗଙ୍କ ସମେତ ଉପରପଡାର ମହାଦେବ ପାତ୍ର, ଭିକାରୀ ପାତ୍ର, ଦେବରାଜ ପାତ୍ର, ଆଦିତ୍ୟ ପଧାନ, ମନୋଜ ପଧାନ, ଦୁଃଖୁ ପାତ୍ର, ତୀର୍ଥ ଦେହେରୀ ପ୍ରମୁଖ ଗାଁ ଝାଙ୍କରଙ୍କ ପରାମର୍ଶ ଲୋଡ଼ିଥିଲେ । ଝାଙ୍କର ମହାବୀର ବରିହା ଏ ନେଇ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ଗାଁରେ କରିବାକୁ ପରାମର୍ଶ ଦେଇଛନ୍ତି। ଆଜିର ବିଜ୍ଞାନ ଯୁଗରେ ଏପରି ଭୌତିକ କାଣ୍ଡ ବିଶ୍ୱାସଯୋଗ୍ୟ ନ ହେଲେ ବି ସେମାନେ ଏପରି ଘଟଣାର ସମ୍ମୁଖୀନ ହୋଇଥିବା ଗ୍ରାମବାସୀ କହିଛନ୍ତି।

### ୨ ଦିନ ହେଲା ଅନ୍ଧାରରେ ଯାମୁପଦର ଗାଁ

ପୁରୁଣାକଟକ,୨୬।୭(ଡି.ଏନ.ଏ)

ବୌଦ୍ଧ ଜିଲା କରକଟା ପଞ୍ଚାୟତ ଅନ୍ତର୍ଗତ ଯାମୁପଦର ଗ୍ରାମରେ ଥିବା ଟ୍ରାନ୍ସଫର୍ମରରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଗତ ଦୁଇଦିନ ଧରି ଗାଁ ଅନ୍ଧାରରେ ରହିଛି। ବିଦ୍ୟୁତ ସେବା ବ୍ୟାଘାତ ଯୋଗୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଗାଁକୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଖୁବଶୀଘ୍ର ବିଦ୍ୟୁତ ସେବା ସ୍ୱାଭାବିକ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ କୁହାଯାଇଛି ।

### ମନମୁଣ୍ଡା କଲେଜରେ ଶିଳ୍ପ ସଚେତନତା ଶିବିର

ମନମୁଣ୍ଡା, ୨୬।୭ (ଡି.ଏନ.ଏ)

କନ୍ଧମାଳ ବ୍ଲକର ମନମୁଣ୍ଡା ଲୋପାମୁଦ୍ରା କନିଷ୍ଠ ମହାବିଦ୍ୟାଳୟରେ ଶିଳ୍ପ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ସମ୍ପଦ ଭୁକ୍ତାଙ୍କ ପୌରୋହିତ୍ୟରେ ଉଦ୍ୟୋଗୀ ସଚେତନତା ଶିବିର ଶୁଭାରମ୍ଭ ହୋଇଥିଲା। ଏହି କର୍ମଶାଳାରେ ଜିଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ଉଦୟନାଥ ପାତ୍ର, ଷ୍ଟେଟ ବ୍ୟାଙ୍କ ଏଲଡିଏମ ରବୀନ୍ଦ୍ର କୁମାର ସେଠୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନର ନିର୍ଦ୍ଦେଶକ ଆର. ସି ମଲ୍ଲିକ ଓ ଆଇପିଓ ପ୍ରଭାତ କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଆତ୍ମନିଯୁକ୍ତି ସମ୍ପର୍କରେ ସଚେତନ କରିଥିଲେ । ଅଧ୍ୟାପକ ଦେବବ୍ରତ ଥନାପତି, ବ୍ରଜେନ୍ଦ୍ର କୁମାର ତ୍ରିପାଠୀ, ସଞ୍ଜୟ ଭବସାଗର, ଗୋପାଳକ୍ରିଷ୍ଣା ଦାସ ପ୍ରମୁଖ ସହଯୋଗ କରିଥିଲେ ।

### ବୌଦ୍ଧ ପଞ୍ଚାୟତ କଲେଜରେ ପ୍ରାଣୀ ବିଜ୍ଞାନ ସେମିନାର

ବୌଦ୍ଧ,୨୬।୭(ସ୍ୱ.ପ୍ର)

ବୌଦ୍ଧ ପଞ୍ଚାୟତ କଲେଜରେ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଏକ ସେମିନାର ଶୁକ୍ରବାର ଅନୁଷ୍ଠିତ ହୋଇଛି । କଲେଜର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସେମିନାରରେ ଇଂଲିଶ ବିଭାଗ ମୁଖ୍ୟ ପ୍ରଭାତଚନ୍ଦ୍ର ମିଶ୍ର, ଷ୍ଟାଟିଷ୍ଟିକ୍ସ ବିଭାଗ ମୁଖ୍ୟ ଡଃ. ବୀର ନାରାୟଣ ମହାପାତ୍ର, ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରକାଶ ଚନ୍ଦ୍ର ବେହେରା ଓ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଯୋଗଦେଇ ଆଧୁନିକ ଯୁଗରେ ପ୍ରାଣୀ ବିଜ୍ଞାନର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଅଧ୍ୟାପିକା ଶ୍ୱେତା ସୁମନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ପରୀ-୩ ପାଇଁ ପ୍ରସ୍ତୁତି

# ୩୯ ନିଖୋଜ ଶିଶୁଙ୍କୁ ଉଦ୍ଧାର କରାଯିବ

ସୋନପୁର,୨୬।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ହଜି ଯାଇଥିବା ଶିଶୁମାନଙ୍କୁ ଉଦ୍ଧାର କରି ଥଇଥାନ କରାଯିବ। ଏଥି ସକାଶେ ପରୀ ୩ କାର୍ଯ୍ୟକ୍ରମ ଜୁଲାଇ ୩୦ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମ ଜରିଆରେ ଶିଶୁମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଜିଲା ପୋଲିସ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏସ୍‌ପି ଦେବୀ ପ୍ରସାଦ ଦାଶ ବୈଠକରେ ଅଧକ୍ଷତା କରିଥିଲେ। ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ ସମ୍ପର୍କରେ ଏସ୍‌ପି ସୂଚନା ଦେଇଥିଲେ। ଶିକ୍ଷା ସେମାନଙ୍କର ମୌଳିକ ଅଧିକାର ଓ ଏଥିରୁ କୌଣସି ମତେ ସେମାନଙ୍କୁ ବଞ୍ଚିତ କରା ନ ଯିବାକୁ ମତ ଦେଇଥିଲେ। ଜିଲାରେ ପଞ୍ଜିକୃତ ୩୯ ଜଣ ନିଖୋଜ ଶିଶୁଙ୍କୁ ଉଦ୍ଧାର କରିବା ପାଇଁ ପୋଲିସ ପ୍ରଶାସନ ସହିତ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ଶ୍ରମ ବିଭାଗ, ଶିଶୁ କଲ୍ୟାଣ କମିଟି ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନଗୁଡିକୁ ମିଳିତ ଭାବେ କାର୍ଯ୍ୟ କରିବେ। ୧୪ ବର୍ଷରୁ କମ୍ ବୟସର ଶିଶୁମାନେ ହୋଟେଲ, ଢାବା ଇତ୍ୟାଦିରେ କାମ କରୁଥିବା ଦୃଷ୍ଟି ଗୋଚର ହେଲେ ଶ୍ରମ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯିବ। ଜିଲାରେ କାର୍ଯ୍ୟ କରୁଥିବା ୩ଟି ଶିଶୁଗୃହକୁ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ କରାଯିବାକୁ ଏସ୍‌ପି ଦାଶ ସୂଚନା ଦେଇଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି ରମେଶ କୁମାର ପାଣିଗ୍ରାହୀ, ଆନ୍ଥୋନି ତିର୍କୀ, ଡିଏସପି ମନୋରଞ୍ଜନ ପ୍ରଧାନ, ସେଖ୍ ମୁଜିବୁର ରେହମାନ, ହେମସାଗର ନନ୍ଦ, ଆନନ୍ଦବର୍ଦ୍ଧନ ଗୁରୁ, ସୋନପୁର ଏସଡିପିଓ ମିହିର କୁମାର ପଣ୍ଡା, ସୋନପୁର ଆଇଆଇସି ଲୋକେଶ ସାହୁ, ଜିଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ହିମାଂଶୁ ଭୂଷଣ ନାୟକ, ସଭ୍ୟ ମଧୁସୂଦନ ପ୍ରଧାନ, ଦିଲ୍ଲିପ କୁମାର ମୁଖି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଓ କେଶବ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରସ୍ତୁତି ବୈଠକରେ ଏସ୍‌ପି, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଓ ଜିଲାର ବରିଷ୍ଠ ପୋଲିସ ଅଧିକାରୀ ।

### ବାଇକ୍ ଦୁର୍ଘଟଣାଗ୍ରସ୍ତ, ଆରୋହୀ ଆହତ

ବିନିକା,୨୬।୭(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କଲେଜ-ସିଲାଟି ରାସ୍ତା ମଝିରେ ଶୁକ୍ରବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ ଚାଳକ ବିନିକା ବ୍ଲକ ଗଣେଶପୁରର ଯୋଗାସନ ମିର୍ଦ୍ଧା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବିନିକା ଓ ପରେ ବୁର୍ଲା ମେଡିକାଲ ପଠାଯାଇଛି। ଗୁଲୁଣ୍ଡାରୁ ବାଇକରେ ଯୋଗାସନ ବିନିକା ଆସୁଥିବା ବେଳେ ଭାରସାମ୍ୟ ହରାଇ ଗାଡି ସହ ପଡି ଯାଇଥିଲେ।

## ଅଧାପନ୍ତରିଆ ମେହେରୁଣି ପୋଲ

# ଆପ୍ରୋଚ୍ ବୁଲାଣି ରାସ୍ତା ନେଲାଣି ୨୦ ଜୀବନ

ମନମୁଣ୍ଡା, ୨୬।୭ (ଡି.ଏନ.ଏ)

ବହୁ ପୁରାତନ ମେହେରୁଣି ପୋଲ ଦୁର୍ବଳ ହୋଇ ପଡିଥିବାରୁ ମନମୁଣ୍ଡାରେ ଏକ ନୂତନ ପୋଲ ନିର୍ମାଣ କାମ ଆରମ୍ଭ କରାଯାଇଛି । ଏହି କାମ ଗତ ୨୦୧୭ ଫେବୃୟାରୀ ୧୫ରୁ ଆରମ୍ଭ ହୋଇଥିଲା ଏବଂ ଏହା ୧୫ ଫେବୃୟାରୀ ୨୦୧୯ ସୁଦ୍ଧା ସମ୍ପୂର୍ଣ୍ଣ ହେବା କଥା । କିନ୍ତୁ କାମ କଛପଗତିରେ ଚାଲିଥିବାରୁ ଅଦ୍ୟାବଧି ପିଲର ନିର୍ମାଣ ସରିନାହିଁ । ଏ ସମ୍ପର୍କରେ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ଇଂ. ଧାନଚାନ୍ଦଙ୍କୁ ପଚାରିବାରୁ ଉଭୟ ପାର୍ଶ୍ୱର ଆପ୍ରୋଚ ଜମି ଅଧିଗ୍ରହଣ ଏଥିରେ ବାଧକ ସାଜିଥିବା କହିଛନ୍ତି । ଜମି ଅଧିଗ୍ରହଣ ସରି ନ ଥିବାରୁ କାମ ଆଗେଇ ପାରୁନାହିଁ । ଏହା ଅଗଷ୍ଟ ସୁଦ୍ଧା ହୋଇଯିବ ଏବଂ ତା ପରେ କାମ ଦ୍ରୁତଗତିରେ କରାଯାଇ ସମ୍ପୂର୍ଣ୍ଣ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଉକ୍ତ କାମର ଫଳକ ଅଦ୍ୟାବଧି ଲଗାଯାଇନାହିଁ । ତେବେ ଏହାର ବ୍ୟୟ ଅଟକଳ ୮ କୋଟି ୧୭ ଲକ୍ଷ ୪୨ ହଜାର ୬୫୨ ଟଙ୍କା ବୋଲି ଏନଏଚ ଏସଡିଓ ଗଣେଷ ବେହେରା କହିଛନ୍ତି। ପୁରାତନ ପୋଲର ଆପ୍ରୋଚ ବୁଲାଣି ଯୋଗୁ ବହୁ ଦୁର୍ଘଟଣା ଘଟିଛି । ଏହି ବିପଦପୂର୍ଣ୍ଣ ବୁଲାଣିରେ ଏନଏଚ ତରଫରୁ ସଙ୍କେତ ବୋର୍ଡ ଲଗାଯାଇ ନ ଥିବାରୁ ଏକ ନିର୍ଦ୍ଧିଷ୍ଟ ଜାଗାରେ ହିଁ ଦୁର୍ଘଟଣା ହେଉଛି । ଦୁର୍ଘଟଣାରେ ଅଦ୍ୟାବଧି ପ୍ରାୟ ୨୦ଜଣଙ୍କ ଜୀବନ ଚାଲିଗଲାଣି । ନୂତନ ପୋଲ ହେଲେ ମୋଡାଣି ସିଧା ହୋଇପାରନ୍ତା ଓ ଦୁର୍ଘଟଣା ହୁଅନ୍ତା ନାହିଁ ବୋଲି ଜନସାଧାରଣ ମତପ୍ରକାଶ



ଅଧାପନ୍ତରିଆ ମେହେରୁଣି ପୋଲ କାମ ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ,
ତେବେ କପଟତା ତ୍ୟାଗ କର।
-ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ମୋ ସ୍କୁଲ ଅଭିଯାନରେ ବୃକ୍ଷରୋପଣ

ପାଇକମାଲ, ୨୬।୭ (ଡି.ଏନ.ଏ): ପାଇକମାଲ ଉଚ୍ଚ ବିଦ୍ୟାଳୟଠାରେ ମୋ ସ୍କୁଲ ଅଭିଯାନ ତରଫରୁ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟ ପରିସରରେ ୫୦ଟି ବୃକ୍ଷରୋପଣ କରାଯାଇଥିଲା। ପୂର୍ବତନ ଛାତ୍ର ବିନୋଦ କୁମାର କାଲିଆ, ଜନକଲାଲ ମେହେର, ମହାଦେବ ବେହେରା, ପ୍ରେମସାଗର କୁଲତା, ଡା. ରତନ ଅଗ୍ରୱାଲ, ଡା. ଜୟଶ୍ରୀ ସାହୁ, ପ୍ରଫୁଲ୍ଲ କୁମାର ପ୍ରାଣିଗ୍ରାହୀ, ନରେନ୍ଦ୍ର ସାହୁ, କସ୍ତୁରୀ ଭୋଏ, ସୁରେନ୍ଦ୍ର କୁମାର ଭୋଏ ପ୍ରମୁଖ ବୃକ୍ଷ ରୋପଣ କରିଥିଲେ । ପ୍ରଧାନ ଶିକ୍ଷକ ଚାରୁ ଚରଣ ମହାନ୍ତି ସହଯୋଗ କରିଥିବା ବେଳେ ତ୍ରିଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ନିଯୁକ୍ତି ମେଳା, ଦକ୍ଷତା ବିକାଶ ଶିବିର

ବରଗଡ଼ ଅଫିସ୍,୨୬।୭: ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସଡିଏ), ଜିଲା ପ୍ରଶାସନ ଏବଂ ଓରମାସ୍ ଆନୁକୂଲ୍ୟରେ ଗୁରୁବାର ଜିଲାସ୍ତରୀୟ ନିଯୁକ୍ତି ମେଳା ଓ ଦକ୍ଷତା ବିକାଶ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରକାରୀ ଶିଳ୍ପକେନ୍ଦ୍ର (ଆଇଟିଆଇ) ପରିସରରେ ଅନୁଷ୍ଠିତ ଏହି ଶିବିରକୁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଉଦଘାଟନ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ସରକାରୀ ଆଇଟିଆଇର ଅଧ୍ୟକ୍ଷ କୁଳମଣି ବେହେରା, ବିଡ଼ିଓ ଶରତ ଚନ୍ଦ୍ର ବାଗ, ଓରମାସ ଅଧିକାରୀ ରାଜଗୋପାଳ ଦାଶ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ଉକ୍ତ ମେଳାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ନିୟୋଜିତ ୧୨ଟି ଏବଂ ଓରମାସ ଦ୍ୱାରା ନିୟୋଜିତ ୯ଟି ତାଲିମ ତଥା ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ । ବରଗଡ଼ ଜିଲାର ୧୨ଟି ବ୍ଲକରୁ ୧୦୪୪ଜଣ ଆଶାୟୀ ପ୍ରାର୍ଥୀ, ପ୍ରାର୍ଥୀମାନେ ବିଭିନ୍ନ ବିଭାଗରେ ବିଭିନ୍ନ ସଂସ୍ଥା ସହିତ ପଞ୍ଜୀକୃତ ହୋଇଥିଲେ। ସେହିପରି ପୂର୍ବରୁ ତାଲିମ ନେଇ ସ୍ୱାବଲମ୍ବୀ ହୋଇଥିବା ଜିଲାର ୯ଜଣ ଯୁବତୀ ଯୁବକଙ୍କୁ ୟୁଥ୍ ଆଇକନ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା ନିୟୋଜନ ଅଧିକାରୀ ସଙ୍ଗୀତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

### କାରଗିଲ ବିଜୟ ଦିବସ ପାଳିତ

ଝାରବନ୍ଧ, ୨୬।୭ (ଡି.ଏନ.ଏ) ଝାରବନ୍ଧ ତହସିଲ ଅଫିସ୍‌ରେ କାରଗିଲ ବିଜୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ତହସିଲଦାର ପର୍ଶୁରାମ ଆର୍ଯ୍ୟନ ପଣ୍ଡାଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସେହିପରି ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଅଧକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା । ସଭାରେ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଏହି ଅବସରରେ ଶହୀଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କରାଯାଇଥିଲା । ଅଧାପକ ଡ. ରଶ୍ମିରଞ୍ଜନ ମହାନ୍ତି, ସାର୍ତ୍ତିକ ସାହୁ, ସରୋଜ କୁମାର ଶବର, ଅଧାପିକା ଯାଜ୍ଞସେନୀ ନାୟକ, ରଶ୍ମି ମହାଲିଙ୍ଗ, ରୀତାଞ୍ଜଳି ଗୁରୁ, ଅଶୋକ ହାତୀ, ପ୍ରକାଶ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ସେବାଶ୍ରମରେ ଅବ୍ୟବସ୍ଥା, ଗ୍ରାମବାସୀଙ୍କ ପ୍ରତିବାଦ

ବରଗଡ଼ ଅଫିସ୍,୨୬।୭



ସେବାଶ୍ରମ ସ୍କୁଲ ଆଗରେ ଗ୍ରାମବାସୀ ପ୍ରତିବାଦ ଜଣାଉଛନ୍ତି ।

- ସେବିକା, ଅନ୍ତେବାସୀଙ୍କୁ ନିର୍ଯାତନା ଅଭିଯୋଗ
- ପ୍ରଧାନସେବକଙ୍କ ବଦଳି ଦାବି ଜୋର୍ ଧରିଲା
- ତଦନ୍ତ ଆରମ୍ଭ କଲେ ଜିଲା ମଙ୍ଗଳ ଅଧିକାରୀ

ବରଗଡ଼ ବ୍ଲକ ଅନ୍ତର୍ଗତ ପ୍ରଧାନପାଲି ସେବାଶ୍ରମ ସ୍କୁଲରେ ଖୋଦ୍ ପ୍ରଧାନସେବକ ସ୍କୁଲର ସେବିକା ତଥା ଅନ୍ତେବାସିନୀ ପିଲାମାନଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ଏ ନେଇ ସେବାଶ୍ରମ ସ୍କୁଲର କର୍ମଚାରୀମାନେ ଗତ ସୋମବାର ଜିଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳଙ୍କୁ ଫେରାଦ ହୋଇ ପ୍ରଧାନସେବକ କ୍ଷୀରେଶ୍ୱର ତାଣ୍ଡିଙ୍କ ବିରୋଧରେ ଅଭିଯୋଗ ଆଣିଥିବାବେଳେ ଶୁକ୍ରବାର ଗ୍ରାମବାସୀ ତାଣ୍ଡିଙ୍କୁ ଘେରି ପ୍ରତିବାଦ ଜଣାଇଥିଲେ। ତେବେ ଏ ନେଇ ତାଣ୍ଡିଙ୍କ ମତାମତ ମିଳିପାରି ନାହିଁ । ଅନ୍ୟପଟେ ଶୁକ୍ରବାର ଉକ୍ତ ସ୍କୁଲକୁ ତଦନ୍ତରେ ଆସିଥିବା ଜିଲା ମଙ୍ଗଳ ଅଧିକାରୀ ବିଶ୍ୱାଳ କହିଛନ୍ତି, ମନୋମାଳିନ୍ୟ ଯୋଗୁ ସେଭଳି ପରିସ୍ଥିତି ଉପୁଜିଥିଲା ଏବଂ ତାର ମୀମାଂଶା ହୋଇଯିବ । ମାତ୍ର ସେବିକା ତଥା ଅନ୍ତେବାସିନୀ ପ୍ରଧାନସେବକଙ୍କୁ ସ୍କୁଲରୁ ବଦଳି କରି ନୂତନ ଜଣେ ପ୍ରଧାନସେବକଙ୍କୁ ଅବସ୍ଥାପିତ କରିବାକୁ ଦାବି କରିଛନ୍ତି । ସେହିପରି ଗ୍ରାମବାସୀ ଏଭଳି ଦାବିରେ ଅଡ଼ି ବସି ପ୍ରଧାନସେବକ ତାଣ୍ଡିଙ୍କୁ ସେବାଶ୍ରମ ସ୍କୁଲରୁ ହଟା ନ ଗଲେ ଆଗକୁ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଚେତାବନୀ ଦେଇଛନ୍ତି ।

ପ୍ରକାଶ ଯେ, ଉକ୍ତ ସେବାଶ୍ରମ ସ୍କୁଲ ହଷ୍ଟେଲରେ ୬୩ଜଣ ଅନ୍ତେବାସିନୀ ତଥା ଛାତ୍ରୀ ଅଛନ୍ତି । ଭଲ ପରିବେଶରେ ରହି ଉତ୍ତମ ଶିକ୍ଷାଦାନ ପାଇବା ଆଶା ନେଇ ଅଭିଭାବକମାନେ ସେମାନଙ୍କୁ ଏଠାରେ ଛାଡ଼ିଛନ୍ତି । ମାତ୍ର ସ୍କୁଲର ପଛପଟ ପାଚେରୀ ଭାଙ୍ଗି ଯାଇଥିବା ସତ୍ତ୍ୱେ ତାକୁ ମରାମତି କରାଯାଉ ନାହିଁ । ସେମାନଙ୍କୁ ଠିକ୍‌ଭାବେ ଖାଦ୍ୟପେୟ ମଧ୍ୟ ଦିଆଯାଉନାହିଁ ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି । କିଛିଦିନ ପୂର୍ବରୁ ଭାତ, ଡାଲି ବଦଳରେ ଦୀର୍ଘଦିନ ଧରି କେବଳ ଚୂଡ଼ା, ଚିନି ଦିଆଯାଇଥିଲା। ଯେତେବେଳେ ଡାଲି ଦିଆଯାଉଛି, ତାହା ମଧ୍ୟ ଖାଇବା ଉପଯୋଗୀ ହେଉ ନ ଥିବା ଅଭିଯୋଗ ହେଉଛି । ଆଗରୁ ସବୁ ଠିକ୍‌ଠାକ୍ ଥିଲା ଏବଂ ପ୍ରଧାନସେବକ ତାଣ୍ଡି ଯୋଗଦାନ କରିବା ପରେ ତାହା ଅବ୍ୟବସ୍ଥିତ ହୋଇ ପଡ଼ିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି ।

ସ୍କୁଲର ସେବିକା ମୋନାଲିସା ମହାପାତ୍ର କହିଛନ୍ତି, ପ୍ରଧାନସେବକଙ୍କ ବ୍ୟବହାର ଠିକ୍ ନାହିଁ । ଏପରିକି ବିଭିନ୍ନ ନୋଟିସ୍‌ରେ ନିଜ ଅନିଚ୍ଛା ସତ୍ତ୍ୱେ ଦସ୍ତଖତ କରିବାକୁ ବାଧ୍ୟ କରୁଛନ୍ତି । ଆଗରୁ ପ୍ରାୟ ମାସେ ଧରି ପିଲାମାନଙ୍କୁ କେବଳ ଚୂଡ଼ା, ଚିନି ଖାଇବାକୁ ଦିଆଯାଇଥିଲା । ଏହା କଣ ମାନସିକ ନିର୍ଯାତନା ନୁହେଁ କି ବୋଲି ମହାପାତ୍ର ପ୍ରଶ୍ନ କରିଛନ୍ତି । ସେହିପରି ଆଉ ଜଣେ ସେବିକା ରଞ୍ଜିତା ରଥ କହିଛନ୍ତି, ଆମେ ଜଣେ ଭଦ୍ର ପ୍ରଧାନସେବକ ଚାହୁଁଛୁ । ପ୍ରଧାନସେବକ ତାଣ୍ଡି ଏଠାରେ ଯୋଗଦାନ କଲା ପରଠାରୁ ସବୁବେଳେ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି । ଗର୍ଭବତୀ ଥିବା ସତ୍ତ୍ୱେ ସେବିକାଙ୍କୁ ଚାଉଳ ଆଣିବା ପାଇଁ ଏଫସିଆଇକୁ ପଠାଉଛନ୍ତି। ଯିଏ ଛୁଆମାନଙ୍କୁ ଭଲଭାବେ ଖାଇବା, ପିଇବା ଦେବାର ବ୍ୟବସ୍ଥା କରିବା ସହିତ ସ୍କୁଲକୁ ଶୃଙ୍ଖଳିତ ରଖିପାରିବେ, ସେଭଳି ଜଣେ ପ୍ରଧାନସେବକ ଏଠାରେ ନିଯୁକ୍ତି ଦେଲେ ଭଲ ହୁଅନ୍ତା। ତେବେ ପ୍ରଧାନସେବକଙ୍କ ଆଚରଣ ନେଇ ଅନ୍ତେବାସିନୀ ଛାତ୍ରୀଛାତ୍ର, ସେବିକାଙ୍କଠାରୁ ଆରମ୍ଭ କରି ଅଭିଭାବକ ଓ ଗ୍ରାମବାସୀ ଏଭଳି ଅଭିଯୋଗ ଆଣୁଥିବାବେଳେ ଆଗକୁ ଜିଲା ମଙ୍ଗଳ ବିଭାଗ କିଭଳି କାର୍ଯ୍ୟାନୁଷ୍ଠାନ ନେଉଛି, ତାହା ଆଗାମୀ ଦିନରେ ଜଣାପଡ଼ିବ ।

# କାର୍ଯ୍ୟକ୍ଷମ ହେଉନି ଶୌଚାଳୟ

ବରପାଲି, ୨୬।୭ (ଡି.ଏନ.ଏ)

ବରପାଲି ବସଷ୍ଟାଣ୍ଡ ପଛପଟେ ଥିବା ଶୌଚାଳୟ ନିର୍ମାଣ କରାଯାଇଥିଲେ ମଧ୍ୟ ଆଜି ଯାଏ ତାହା ଲୋକଙ୍କ ସେବାରେ ଆସିନାହିଁ । ଗତ ବିଜେପୁର ଉପନିର୍ବାଚନ ବେଳେ ଏନଏସି ପକ୍ଷରୁ ୩ଲକ୍ଷ ୯୫ ହଜାର ଟଙ୍କା ବ୍ୟୟରେ ଏହାର ନିର୍ମାଣ ହୋଇଥିଲା। ହେଲେ ଏଯାଏ ତାକୁ କାର୍ଯ୍ୟକ୍ଷମ କରାଯାଇପାରିନାହିଁ । ଫଳରେ ବସଯାତ୍ରୀ ଓ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ମେହେରଙ୍କୁ ଯୋଗାଯୋଗ କରିବାରୁ ସେ ଏକ ଜରୁରୀ ବୈଠକରେ ଥିବାରୁ ପରେ ମତ ଦେବେ ବୋଲି କହିଥିଲେ ।



ନବନିର୍ମିତ ଶୌଚାଳୟ ।

# ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

ପାଇକମାଲ, ୨୬।୭(ଡି.ଏନ.ଏ)

ପାଇକମାଲର ନୃସିଂହନାଥ ବିନ୍ଧ୍ୟବାସିନୀ ଅତିଥି ଭବନରେ ଶୁକ୍ରବାର ପଶ୍ଚିମ ଓଡିଶା ବିଦ୍ୟୁତ କର୍ମଚାରୀଙ୍କ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାସଂଘର ଉପ ସଭାପତି ଭରତ ଚନ୍ଦ୍ର ଭୋଇ ସଭାପତିତ୍ୱ କରିଥିଲେ । ବରିଷ୍ଠ ସଭ୍ୟ ଗୋଲେଖ ଆଚାର୍ଯ୍ୟ ମୁଖ୍ୟଅତିଥି, ଜେନେରାଲ ସେକ୍ରେଟାରୀ ଅତୀଶ କୁମାର ପଣ୍ଡା ମୁଖ୍ୟବକ୍ତା, ସଂଘର ଉପ ସଭାପତି ପବିତ୍ର ଖୁଣ୍ଟିଆ, ବିଶ୍ୱନାଥ ସାହୁ, ପ୍ରତ୍ୟୁଷ କୁମାର ମାହାନା, ସମ୍ପିତ କୁମାର ପଣ୍ଡା, ରାମ କୁମାର ସାହା, ଡିଭିଜନାଲ ସମ୍ପାଦକ ଚନ୍ଦ୍ରକାନ୍ତ ପାଣ୍ଡେ, ସଭ୍ୟ ସିଦ୍ଧେଶ୍ୱର ସାହୁ, ମଣ୍ଟୁ ବେହେରା, ଚଉବର୍ଗ ସାହୁ ତଥା ବଡ ସତପଥୀ ଯୋଗ ଦେଇଥିଲେ । ସଂଘର ଶାଖା ସମ୍ପାଦକ ଓ ସବଡିଭିଜନାଲ ସମ୍ପାଦକ ନିର୍ବାଚନ କରାଯାଇଥିଲା। ପାଇକମାଲ ସବଡିଭିଜନର ଶଶାଙ୍କ ଶେଖର ସାହୁ, ପଦ୍ମପୁରର ମନୋଜ କୁମାର ସାହୁ, ବରପାଲିର ସୌଭାଗ୍ୟ ପ୍ରଧାନ, ସୋହେଲାର ଚୌକିତରାମ ପଟେଲଙ୍କୁ ସମ୍ପାଦକ ଏବଂ ଜେନେରାଲ ସେକ୍ରେଟାରୀ ଭାବେ ସହଦେବ ଭାଗ, ବରଗଡ ଡିଭିଜନ ସମ୍ପାଦକ ଭାବେ ଚୌବର୍ଗ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଥିଲା । ଏଥିରେ ଅତୀଶ କୁମାର ପଣ୍ଡା ଓ ସମିତି କୁମାର ପଣ୍ଡା ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ଚୌବର୍ଗ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସିଦ୍ଧେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସାମାଜିକ କର୍ମୀ ବଡ ସତପଥୀଙ୍କୁ ସଂଘ ତରଫରୁ ସମ୍ମାନିତ କରାଯାଇଥିଲା ।

# ବଣ୍ଡେଇପାଲି ପ୍ରାଥମିକ ସ୍କୁଲରେ ବୃକ୍ଷରୋପଣ



ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଉଛି ।

ଘେଁସ,୨୬।୭(ଡି.ଏନ.ଏ)

ସୋହେଲା ବ୍ଲକ ଅନ୍ତର୍ଗତ ବଣ୍ଡେଇପାଲି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ପୁରୋହିତଙ୍କ ନେତୃତ୍ୱରେ ଇକୋ କ୍ଲବ ତରଫରୁ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା । ସ୍କୁଲ ପରିସରକୁ ସବୁଜ ସୁନ୍ଦର କରିବା ଲକ୍ଷ୍ୟ ନେଇ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆମ୍ବ, ପଣସ, ପିଜୁଳି, ଅମୃତଭଣ୍ଡା ଆଦି ବିଭିନ୍ନ ପ୍ରକାର ବୃକ୍ଷଚାରା ରୋପଣ କରାଯାଇଥିଲା। ଶିକ୍ଷକ ଚୈତନ୍ୟ ପଧାନ, ଅଶୋକ କୁମାର ଦାଶ, ଟିକେଶ୍ୱର ପଧାନ, ମୁକୁନ୍ଦ ସାହୁ, ପରିଚାଳନା ସମିତି ସଭ୍ୟାସଭ୍ୟ ସହଯୋଗ କରିଥିଲେ ।

## କାୟାକଳ୍ପ ସମ୍ବର୍ଦ୍ଧନା ସମାରୋହ

# ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୨୬।୭

ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ କାୟାକଳ୍ପ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଏସ.ସି ଦାଶ କାୟାକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଦକ୍ଷତା ପ୍ରତିପାଦନ କରିଥିବା ବିଭିନ୍ନ ଡାକ୍ତରଖାନାକୁ ଅର୍ଥରାଶି ପ୍ରଦାନ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା । ସେହିପରି ଅନ୍ୟ ଏକ ବୈଠକରେ ଜିଲାରେ ଚାଲିଥିବା ସ୍ୱାସ୍ଥ୍ୟସେବା ଉପରେ ଆଲୋଚନା ହୋଇଥିଲା। ଆଲୋଚନାବେଳେ ଜିଲାରେ ୨୧୯ଜଣ ଡାକ୍ତରଙ୍କ ଆବଶ୍ୟକସ୍ଥଳେ ୧୧୫ଜଣ କାର୍ଯ୍ୟରତ ଥିବା ସୂଚନା ଦିଆଯାଇଥିଲା । ସେହିପରି ୧୬୧ ଷ୍ଟାଫନର୍ସ ପଦବୀ ରହିଥିବାବେଳେ କେବଳ ୩୫ଜଣ କାର୍ଯ୍ୟରତ ଥିବା ନେଇ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ସେହିପରି ଗାଁ କଲ୍ୟାଣ ସମିତିର କାର୍ଯ୍ୟକାରିତା ଆଦି ଉପରେ ଆଲୋଚନା ହୋଇଥିଲା । ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ସମେତ ଜିଲାର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଦିବ୍ୟାଙ୍ଗ ବୁରୁଧ୍‌କୁଁ ଉଧାର କଲେ ସ୍ୱେଚ୍ଛାସେବୀ

ବିଜେପୁର, ୨୬।୭ (ଡି.ଏନ.ଏ):

## ବିଜେପୁର ବ୍ଲକ

- ୪ ଦିନ ହେଲା ଅସାହା ହେଇ ପଡ଼ିରହିଥିଲେ।
- ଚିକିତ୍ସା ଲାଗି ଭରତି ହେଲେ ଜିଲା ଡାକ୍ତରଖାନାରେ।

ବରଗଡ଼ ଜିଲା ବିଜେପୁର ବ୍ଲକ ଅଧୀନ ଖରମୁଣ୍ଡା ଗାଁ ପାସର ମାମା ଛକ୍‌ରେ ଦିବ୍ୟାଙ୍ଗ ବୁରୁଧ୍ ବିରଞ୍ଚି ତାଣ୍ଡି ଅସାହା ହେଇ ପଡ଼ିରହିଥିଲେ। ଇ ଖବରଟା ସୋସିଆଲ ମିଡ଼ିଆରେ ଭାଇରାଲ ହେଲା ଉତାରୁ ବରଗଡ଼ ଜିଲାର ସ୍ୱେଚ୍ଛାସେବୀ ସଂଗଠନ ସ୍ୱେଚ୍ଛାସେବୀଗଣ ଶୁକ୍ରବାର ବୁରୁଧ୍‌କୁଁ ଉଧାର କରିଛନ୍।

ସୂଚନା ହିସାବେ ଇ ବ୍ଲକର କନଡ଼ିହି ଗାଁର ଦିବ୍ୟାଙ୍ଗ ବିରଞ୍ଚି ତାଣ୍ଡି(୭୦)। ସେ ଝନେ ଅବିହାରି ଲୋକ୍ ହେଇଥିଲାବେଳେ ମା'ବାପ୍ ବଁଚିଥିବାର ତକ୍ ଠିକ୍‌ଠାକ୍ ଚଲୁଥିଲେ। ହେଲେ ଆଏଜ୍‌କେ ୧୦ ବଛର ତଲେ ମା'ବାପ୍ ଆରପାରକେ ଚାଲିଗଲା ଉତାରୁ ସେ ଭିଖ୍ ମାଗି ପେଟ୍ ପାଲୁଥିଲେ। ସେ ଭିନ୍ନକ୍ଷମ ଭତା ସଂଗେ ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଲ ପାଉଥିଲେ। ଗାଁବାସୀ ବି ଯେତେବେଳେ ଯେନ୍‌ତା ତାହାକୁ ସାହାଯ୍ କରୁଥିଲେ। ହେଲେ ତାକର ଭଂଗା ଦଦ୍‌ରା ଘରଟା ବରଷା ପାଏନ୍‌ରେ ଦରୋ ଦରୋ ଗଲୁଥିଲା। ଯେନ୍‌ଥିରଲାଗି ସେ ଉପେ ଶୁଇନ୍ ହେଇ ଗଲା ମାସ ଘେଁସ ଅଂଚଲର ଝନେ ଲାଗେଲେସର ଘରେ ଆଶ୍‌ରେ ନେଇଥିଲେ। ଗଲା ସୋମବାର ସେ ପିଡିଏସ ସାମାନ ନେବାର ଲାଗି ଟି.ଗଣ୍ଡପାଲି ପଁଚେତ୍‌କେ ଯାଇଥିଲେ। ପିଡିଏସ ଚାଉଲ ଧରି ଘରକେ ଫିରିଯିବାକେ ତାହାକୁ ତାକର ଲାଗେଲେସରମାନେ କହିଥିଲେ। ହେଲେ ସେ ଅରାଜି ହେଇଥିଲେ। ଇଆଡ଼େ ଟି.ଗଣ୍ଡପାଲିରୁ କନଡ଼ିହିକେ ସଂଯୋଗ କରୁଥିବାର ରାସ୍‌ତା ବି ଖରାପ ଅଛେ। ଯେନ୍‌ଥିରଲାଗି ସେ ଗାଁକେ ଫିରି ନାଇଁପାରି। ଶେଷେ ଉପେ ଶୁଇନ୍ ହେଇ ସେ ତାକର ତିନ୍ ଚକିଆ ଭଂଗା ଦଦ୍‌ରା ସାଇକେଲରେ ମାମା ଛକ୍‌ରେ ଖରା, ବରଷାରେ ପଡ଼ି ରହିଥିଲେ। ଏନ୍‌ତାଥି କେତେ ଥାନୀୟ ସ୍ୱେଚ୍ଛାସେବୀ ତାହାକୁ ଖାଏବା ପିଇବାକେ ଦେବାର ସଂଗେ ରାତିରେ ଦୁକାନ ବାରନ୍‌ଡ଼ାରେ ଆଶ୍‌ରେ ଦେଇଥିଲେ। ଦିବ୍ୟାଙ୍ଗ ବିରଞ୍ଚି ମାସକେତେ ତଲେ ଦୁରଘଟନାର ଶିକାର ହେଇ ଚାଲବୁଲ ବି ନାଇଁକରି ପାରୁଥାଇ, ଦିହିପା ବି ଠିକ୍ ନାଇଁଥାଇ। ସେଥିରଲାଗି ସ୍ୱେଚ୍ଛାସେବୀମାନେ ତାହାକୁ ସଂଗେ ସଂଗେ ଆମ୍ବୁଲାନ୍ସରେ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକେ ନେଇଥିଲେ। ପ୍ରାଥମିକ ଚିକିତ୍ସା ଉତାରୁ ତାହାକୁ ଜିଲା ମୁଖିଆ ଡାକ୍‌ତରଖାନାରେ ଭରତି କରାଯାଇଛେ। ସେ ଭଲ ହେଲା ଉତାରୁ ତାହାକୁ ବିଜେପୁର ବ୍ଲକ ବିଲେଇପାଲିରେ ଥିବାର ପାର୍ବତୀ ଗିରି ଅନାଥ ବୃଦ୍ଧାଶ୍ରମରେ ଥଇଥାନ କରାଯିବା ବଲି ସ୍ୱେଚ୍ଛାସେବୀ ସଂଗଠନର ମୁଖିଆ ଜଳନ୍ଧର ପଟେଲ କହିଛନ୍। ସାମାଜିକ କରମୀ ରଶ୍ମି ଭୋଇଙ୍କର ମଂଗୁଆଲତିରେ ଦିଲୀପ ମେହେର, ସୁନୀଲ ସେଠ, ସସ୍ମିତା ବେହେରା ପରମୁଖ ସଂଗଠନର ସଦସିଅମାନେ, ପାର୍ବତୀ ଗରି ବୃଦ୍ଧାଶ୍ରମର ଜଳନ୍ଧର ପଟେଲ ସମେତ କେତେ ଥାନୀୟ ସ୍ୱେଚ୍ଛାସେବୀ ବୁରୁଧ୍‌କୁଁ ଉଧାର କରିଥିଲେ।



ଦିବ୍ୟାଙ୍ଗ ବୁରୁଧ୍‌କୁଁ ସ୍ୱେଚ୍ଛାସେବୀମାନେ ଉଧାର କରୁଛନ୍।

# ଜିଲାପାଳ ଅଫିସ ଆଗରେ କୋଶଲ ସେନାର ବିକ୍ଷୋଭ

ବରଗଡ଼ ଅଫିସ୍,୨୬।୭

ବରଗଡ଼ର କୋଶଲ ସେନା ବିଭିନ୍ନ ଦାବି ନେଇ ଶୁକ୍ରବାର ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ସମ୍ବଲପୁରୀ/କୋଶଲୀ ଭାଷାରେ କରିବା, ସମ୍ବଲପୁରୀ/କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ, ଖରିଫ ଫସଲ ଆରମ୍ଭରୁ ବର୍ଷାଭାବ ଦେଖାଯାଇ ଥିବାରୁ ପଶ୍ଚିମଓଡ଼ିଶାକୁ ମରୁଡ଼ି ଘୋଷଣା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି । ସ୍ଥାନୀୟ ଡାକବଙ୍ଗଳାରୁ ପଦ୍ମଶ୍ରୀ ଡଃ ହଳଧର ନାଗ, ବାଲଗୋପାଳ ମିଶ୍ର, ପୁରୁଷୋତ୍ତମ ପାତ୍ରଙ୍କ ନେତୃତ୍ୱରେ କୋସଲ ସେନାର ସଭ୍ୟମାନେ ହାତରେ ତ୍ରିରଙ୍ଗା ଧରି ଏକ ଶୋଭାଯାତ୍ରାରେ ଜିଲାପାଳ ଅଫିସ ଆସିଥିଲେ ଏବଂ ସେଠାରେ ଉଦବୋଧନ ଦେଇଥିଲେ। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସଞ୍ଜୀବ କୁମାର ମେହେର ସ୍ମାରକପତ୍ର ଗ୍ରହଣ କରିଥିଲେ ।




ଜିଲାପାଳ ଅଫିସ ଆଗରେ କୋଶଲ ସେନାର ବିକ୍ଷୋଭ ।

# ମାଖନ ଚାଷରେ ବିକାଶର ଚମକ

ପଦ୍ମପୁର, ୨୬।୭ (ଡି.ଏନ.ଏ)

- ଏକର ପ୍ରତି ଆୟ ୮୦ ହଜାର
- ସରକାରୀ ପ୍ରୋତ୍ସାହନ ନାହିଁ
- କ୍ଷତି ହେଲେ ବୀମା ନାହିଁ

ଗାଁକୁ ଘେରି ରହିଛି ଚାଷ ଜମି। ପିଲାଟି ଦିନରୁ ଚାଷ କାମ ଦେଖିଲେ ସେ ଖୁସି ହେଉଥିଲେ। ମାତ୍ର ଦିନେ ଯେ ସେ ଜଣେ ସଫଳ ଚାଷୀ ହେବେ କେବେ ଭାବି ନ ଥିଲେ। ସେ ହେଲେ ପଦ୍ମପୁର ବ୍ଲକ ଦହିଗାଁ ଗ୍ରାମପଞ୍ଚାୟତ ଦର୍ଲିଗୁଡା ଗ୍ରାମର ପ୍ରବୀଣ ଦାଶ। ଚାଷକୁ ପାରମ୍ପରିକ କୃଷି କାର୍ଯ୍ୟ ବୋଲି ନ ଭାବି ଲାଭଜନକ ବ୍ୟବସାୟ ଭାବେ ଆପଣାଇଲେ ହିଁ ପ୍ରକୃତ ସଫଳତା ମିଳେ ବୋଲି କୁହନ୍ତି ପ୍ରବୀଣ। ସେ ଉଚ୍ଚଶିକ୍ଷା ଲାଭ ପରେ ମଧ୍ୟ ଚାକିରୀ ପଛରେ ନ ଗୋଡାଇ କୃଷିକୁ ନିଜର ବୃତ୍ତି କରିଛନ୍ତି। ପଡିଆ ପଡିଥିବା ନିଜର ୨ ଏକର ଜମିରେ ସେ ଲାଭଦାୟକ ମାଖନ ଚାଷ କରିଛନ୍ତି। ପ୍ରାୟ ୧ ହଜାର ଗଛ ଲଗାଇଛନ୍ତି। ବର୍ତ୍ତମାନ ୫୦୦ ରୁ ୬ଶହ ଗଛରେ ଫଳ ଫଳିବା ଆରମ୍ଭ କରିଥିବା ବେଳେ ଏକର ପ୍ରତି ଆୟ ୮୦ ହଜାରରୁ ୧ ଲକ୍ଷ ଟଙ୍କା ହେବ ବୋଲି କୁହନ୍ତି ପ୍ରବୀଣ।



ପ୍ରବୀଣ ନିଜ ଜମିରେ ମାଖନ ଚାଷ ତଦାରଖ କରୁଛନ୍ତି ।

ଏହି ମାଖନ ଚାଷରେ ବିଶେଷ ରୋଗ ପୋକ ଲାଗୁ ନ ଥିବା ବେଳେ ଏହା କମ୍ ଖର୍ଚ୍ଚରେ ଏକ ଲାଭ ଦାୟକ ଫସଲ। ଅନ୍ୟ ଫସଲ ତୁଳନାରେ ପାଣି କମ୍ ସହ ରାସାୟନିକ ସାର ବ୍ୟବହାର ହୋଇ ନ ଥାଏ। ଏହି ମାଖନ ଚାଷରୁ ସେ ୨ ଲକ୍ଷ ଟଙ୍କା ଆୟ କରିବାର ଲକ୍ଷ୍ୟ ରଖିଛନ୍ତି। ତେବେ ସରକାରୀ ସ୍ତରରେ ପ୍ରକୃତ ଚାଷୀଙ୍କୁ ସହାୟତା ମିଳୁନାହିଁ ବୋଲି ସେ ମତ ଦିଅନ୍ତି । ଉଦ୍ୟାନ ବିଭାଗ ତରଫରୁ ତାଙ୍କୁ କୌଣସି ବୈଷୟିକ ପରାମର୍ଶ ମିଳୁନାହିଁ। ଗ୍ରାମର ଅବସରପ୍ରାପ୍ତ ଉଦ୍ୟାନ କର୍ମଚାରୀ ରଣଜିତ ସେଠ ହିଁ ସମୟ ସମୟରେ ତାଙ୍କୁ ଚାଷ ସମ୍ବନ୍ଧୀୟ ପରାମର୍ଶ ଦିଅନ୍ତି। ଅପରପକ୍ଷେ ସରକାରୀ ସୁବିଧା କିମ୍ବା କ୍ଷତି ହେଲେ ବୀମା ମଧ୍ୟ ନାହିଁ। ସମାଜ ପାଇଁ ଜଣେ ଚାଷୀର ଆବଶ୍ୟକତା ଜରୁରୀ ହୋଇ ପଡିଥିବା ବେଳେ ଆଜିର ଯୁବପିଢ଼ି ଚାଷକୁ ବ୍ୟବସାୟ ଭାବେ ଗ୍ରହଣ କଲେ ସଫଳତା ହାତମୁଠାକୁ ଅଣାଯାଇ ପାରିବ ବୋଲି କୁହନ୍ତି ପ୍ରବୀଣ । ସମ୍ପ୍ରତି ଚାଷୀ ଆତ୍ମହତ୍ୟା ଧାରା ଭିତରେ ପ୍ରବୀଣଙ୍କ ସଫଳତା ନିରାଶା ଭିତରେ ଆଶା ବୋଲି ଆଲୋଚନା ହେଉଛି ।



ଯେଉଁମାନଙ୍କ ମନଟି ଛୋଟ, ସେମାନଙ୍କୁ
ଛୋଟ କଥାଟିଏ ବି ବଡ଼ ଭଳି ଜଣାପଡ଼େ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ବାଲ୍ୟ ବିବାହ ପ୍ରତିରୋଧ ଓ ଶିଶୁ ସୁରକ୍ଷା ସମ୍ପର୍କିତ ତାଲିମ: ଶପଥ ନେଲେ ୭୩ ପ୍ରତିଭାଗୀ

**ସୋନପୁର,୨୬।୭(ନି.ପ୍ର.):** ସୋନପୁର ବ୍ଲକ ମଲ୍ଲିକମୁଣ୍ଡା ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ବାଲ୍ୟ ବିବାହ ପ୍ରତିରୋଧ ଓ ଶିଶୁ ସୁରକ୍ଷା ସମ୍ପର୍କିତ ତାଲିମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଲ୍ଲିକମୁଣ୍ଡା ପଞ୍ଚାୟତ ସରପଞ୍ଚ ମମତା ମାଝୀ ଯୋଗଦେଇ ବାଲ୍ୟ ବିବାହ ଏକ ଗୁରୁତର ସମସ୍ୟା। ସମସ୍ତଙ୍କ ସହଯୋଗରେ ଏହାକୁ ରୋକା ଯାଇପାରିବ ବୋଲି କହିଥିଲେ। ଜିଲା ଶିଶୁ ମଙ୍ଗଳ ସମିତିର ପ୍ରାକ୍ତନ ସଦସ୍ୟ ରାଧେଶ୍ୟାମ ପଣ୍ଡା ଯୋଗଦେଇ ବାଲ୍ୟ ବିବାହ ହେବା ଦ୍ୱାରା ଶାରୀରିକ ଏବଂ ମାନସିକ ସ୍ତରରେ ପଡୁଥିବା ପ୍ରଭାବ ସମ୍ପର୍କରେ ଉପସ୍ଥାପିତ କରିବା ସହିତ ବାଲ୍ୟ ବିବାହ ପ୍ରତିରୋଧ ଆଇନ ୨୦୦୬ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ତଥା ଅଙ୍ଗନୱାଡି କର୍ମୀ ମନୋରମା ମିଶ୍ର ବାଲ୍ୟ ବିବାହ ନିରାକରଣ ପାଇଁ କୈଶୋର ଏବଂ ମାତାପିତାଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ବିଭାଗ ଦ୍ୱାରା ନିଆ ଯାଉଥିବା ସଚେତନତା ମୂଳକ କାଯର୍ୟ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶିଶୁମାନଙ୍କ ସୁରକ୍ଷା ପାଇଁ ରହିଥିବା ଆନୁଷ୍ଠାନିକ ଏବଂ ଅଣଆନୁଷ୍ଠାନିକ ସୁବିଧା ଓ ପୃଷ୍ଠପୋଷକ ସେବା ପ୍ରଦାନ ସମ୍ପର୍କରେ ବୁଝାଇଥିଲେ। ଦାଦନ ଶ୍ରମିକ ସମସ୍ୟା ଓ ବଡ ପରିବାର ଯୋଗୁଁ ବାଲ୍ୟ ବିବାହ କରାଯାଉଥିବା ପ୍ରତିଭାଗୀମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ପଞ୍ଚାୟତର ୭୩ ଜଣ ପ୍ରତିଭାଗି ବାଲ୍ୟ ବିବାହକୁ ରୋକିବା ତଥା ନିଜ ଅଞ୍ଚଳରେ ସଚେତନତା ସୃଷ୍ଟି କରିବା ପାଇଁ ଶପଥ ନେଇଥିଲେ। ରେଆରର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ବର୍ତ୍ତମାନ ସମୟରେ ଶିଶୁମାନଙ୍କ ପ୍ରତି ହେଉଥିବା ଅସୁରକ୍ଷିତ ବାତାବରଣ ସମ୍ପର୍କରେ ଜାଣିବା ତଥା ଜିଲାରେ ୨୨.୨ପ୍ରତିଶତ ବାଲ୍ୟ ବିବାହକୁ ହ୍ରାସ କରିବା ପାଇଁ ସଚେତନତା ସୃଷ୍ଟି ସକାଶେ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିବା କହିଥିଲେ। ପ୍ରାରମ୍ଭରେ କ୍ଷେତ୍ର ସଂଯୋଜିକା ଶ୍ୱେତା ରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।

### ପରୀ-୩ ପାଇଁ ପ୍ରସ୍ତୁତି: ୩୯

ସୋନପୁର,୨୬।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ହଜି ଯାଇଥିବା ଶିଶୁମାନଙ୍କୁ ଉଦ୍ଧାର କରି ଥଇଥାନ କରାଯିବ। ଏଥି ସକାଶେ ପରୀ ୩ କାର୍ଯ୍ୟକ୍ରମ ଜୁଲାଇ ୩୦ରୁ ଆରମ୍ଭ ହୋଇ ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମ ଜରିଆରେ ଶିଶୁମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଜିଲା ପୋଲିସ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏସ୍‌ପି ଦେବୀ ପ୍ରସାଦ ଦାଶ ବୈଠକରେ ଅଧକ୍ଷତା କରିଥିଲେ।

ଆକାଂକ୍ଷୀ ଜିଲା ପ୍ରଭାରୀଙ୍କ ସମୀକ୍ଷା ବୈଠକ

# ଭିତ୍ତିଭୂମି ସଂରଚନା, ଡାଟା ଅପଲୋଡ ଉପରେ ଗୁରୁତ୍ୱ

**ବଲାଙ୍ଗୀର ଅଫିସ, ୨୬।୭**



ଆକାଂକ୍ଷୀ ଜିଲା ସମୀକ୍ଷା ବୈଠକରେ ଯୁଗ୍ମ ସଚିବ ଓ ଜିଲା ପ୍ରଭାରୀଙ୍କ ସହ ଉପସ୍ଥିତ ଅଧିକାରୀ ।

ବଲାଙ୍ଗୀର ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ଶୁକ୍ରବାର ନୀତି ଆୟୋଗର ଆକାଂକ୍ଷୀ ଜିଲା ବଲାଙ୍ଗୀରର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଭାରତ ସରକାରଙ୍କ ଯୁଗ୍ମ ସଚିବ ତଥା ଆକାଂକ୍ଷୀ ଜିଲା ବଲାଙ୍ଗୀର ପ୍ରଭାରୀ ସୁରେଶ କୁମାର ବଶିଷ୍ଠ ଯୋଗଦେଇ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ ମହେଶ୍ୱର ସ୍ୱାଇଁ, ସିଡିଏମ୍‌ଓ ଡା ସଞ୍ଜୁକ୍ତା ସାହୁ, କୃଷି ଉପନିର୍ଦ୍ଦେଶକ ଶ୍ରୀଧର ଦାସ, ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ୱେସ୍କୋ ଅଧିକ୍ଷକ ଆଶିଷ କୁମାର ପାଢୀଯୋଷୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ନୀତି ଆୟୋଗର ଆକାଂକ୍ଷୀ ଜିଲାରେ ବଲାଙ୍ଗୀର ରହିଛି । ଏହି ଜିଲାର ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଜାତୀୟସ୍ତରରେ ଏହି ସ୍ୱତନ୍ତ୍ର ଆକାଂକ୍ଷୀ ଜିଲା ତାଲିକା ପ୍ରସ୍ତୁତ କରାଯାଇ ସେହି ଜିଲାର ବିକାଶ ପ୍ରକ୍ରିୟାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି ଓ ଜଳସମ୍ପଦ, ଆର୍ଥିକ ସନ୍ନିବେଶନ ଓ ଦକ୍ଷତା ବିକାଶ ଓ ମୌଳିକ ଭିତ୍ତିଭୂମି କ୍ଷେତ୍ରରେ ଏହି ଆକାଂକ୍ଷୀ ଜିଲାଗୁଡିକର ବିକାଶ ପରିମାପ କରାଯାଉଛି। ଉପରୋକ୍ତ କ୍ଷେତ୍ରରେ ଜିଲାରେ ଚାଲିଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମର କିଭଳି ବିକାଶ ହେଉଛି ସେ ଉପରେ ଜିଲା ପ୍ରଭାରୀ ବଶିଷ୍ଠ ସମୀକ୍ଷା କରିଥିଲେ। ଅନେକ ସୂଚକାଙ୍କରେ ଜିଲାର ସ୍ଥିତି ଠିକ୍ ନ ଥିବାରୁ ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ । ବିଶେଷକରି ଡାଟା ଅପଲୋଡ ଠିକ୍ ଭାବେ ହେଉ ନ ଥିବାକୁ ନେଇ ସେ ଗୁରୁତ୍ୱାରୋପ କରିଥିଲେ । ଏ ଦିଗରେ ଏକ ଜିଲାସ୍ତରୀୟ ନୋଡାଲ ଅଫିସର ନିଯୁକ୍ତ କରିବାକୁ ସେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନୀତି ଆୟୋଗ ତରଫରୁ ସଦ୍ୟ ପ୍ରକାଶିତ ଆକାଂକ୍ଷୀ ଶ୍ରେଷ୍ଠ ଜିଲା ତାଲିକାରେ ବଲାଙ୍ଗୀର ଜିଲା ନିରୁତ୍ସାହଜନକ ସ୍ଥିତିରେ ରହିଛି । ଏହି ଆକାଂକ୍ଷୀ ଶ୍ରେଷ୍ଠ ଜିଲା ତାଲିକାରୁ ବଲାଙ୍ଗୀର ୨୪ ସ୍ଥାନରୁ ଖସି ୯୩ରେ ପହଞ୍ଚିଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ସମୀକ୍ଷା ବେଳେ ଅନେକ ବିଭାଗରେ ଆଶାନୁରୂପକ ସଫଳତା ମିଳିଥିଲେ ମଧ୍ୟ ନିର୍ବାଚନ ସମୟରେ ଏସବୁ ଡାଟା ଅପଲୋଡ ଠିକ୍ ଭାବରେ ହୋଇନଥିବାରୁ ଆକାଂକ୍ଷୀ କାର୍ଯ୍ୟକ୍ରମର ଅସଲ ଚିତ୍ର ପ୍ରତିଫଳିତ ହୋଇନାହିଁ ବୋଲି ବୈଠକରେ ଜିଲାପାଳ ଡାକୁଆ ସୂଚନା ଦେଇ ଆଗକୁ ଯେଭଳି ଏହି କାର୍ଯ୍ୟକ୍ରମ ସଫଳତାର ସହ ହେବ ସେନେଇ ଅଧିକାରୀମାନଙ୍କୁ କହିଥିଲେ। ବୈଠକରେ ଜିଲାର ଉନ୍ନୟନ ପ୍ରକଳ୍ପ ଗୁଡିକର ଗତିବିଧି ଉପରେ ସମୀକ୍ଷା କରାଯାଇଛି । ଯେଉଁ କ୍ଷେତ୍ରରେ କୌଣସି ପ୍ରକାର ଅବହେଳା ଦେଖିଥିଲେ ସେଠାରେ ଅଧିକାରୀମାନଙ୍କୁ ଯୁଗ୍ମ ସଚିବ ବଶିଷ୍ଠ ତାଗିଦ୍ କରିଥିଲେ । ଶନିବାର ଜିଲାର କ୍ଷେତ୍ର ପରିଦର୍ଶନ କରି ବଶିଷ୍ଠ ଦିଲ୍ଲୀ ଫେରିଯିବେ ବୋଲି ଜଣାପଡିଛି ।

### ତରଭା ସହରକୁ ପଲିଥିନ ମୁକ୍ତ କରିବାକୁ ପ୍ରୟାସ

**ତରଭା ୨୬।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦରୁ ତରଭା ସହରକୁ ପଲିଥିନ ମୁକ୍ତ ସହର ଭାବେ ଗଢି ତୋଳିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ପୋଲିସ ଏଏସଆଇ ଶ୍ରୀକୃଷ୍ଣ ସେଠ ସହର ବଜାର ଏରିଆରେ ଚଢାଉ କରି ଦୋକାନମାନଙ୍କରୁ ପଲିଥିନ ଜବତ କରିବା ସହିତ ଦୋକାନୀମାନଙ୍କୁ ଜରିମାନା କରିଥିଲେ। ୧୪ଟି ଦୋକାନରେ ଚଢାଉ କରାଯାଇଥିଲା। ସେଥିମଧ୍ୟରୁ ୧୦ଟି ଦୋକାନରୁ ୪୨ଶହ ଟଙ୍କା ଜରିମାନା ଆଦାୟ କରାଯିବା ସହିତ ୨୨ କେଜି ପଲିଥିନ ଜବତ ହୋଇଥିଲା । ଏଥି ସହିତ ଦୋକାନୀମାନଙ୍କୁ ପଲିଥିନର ଅପକାରିତା ବିଷୟରେ ବୁଝାଯାଇ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଇଥଇଲା । ନାରାୟଣ ମେହେର, ବିଶ୍ୱରଞ୍ଜନ ମିଶ୍ର, ସରୋଜ ସାହୁ, ବିଶ୍ୱ ରଞ୍ଜନ ନାଏକ, ସଞ୍ଜୟ ମାହାଣା, ଲମ୍ବୋଦର ନାୟକ, କୁଳମଣି ଥନାପତି, କୃଷ୍ଣଭକ୍ତ ନାଏକ ପ୍ରମୁଖ ଏହି ଚଢାଉ ରେ ସାମିଲ ଥିଲେ ।

## ସିଆର୍‌ପିଏଫ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

### ୨ ଶହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ପ୍ରଦାନ

**ଖପ୍ରାଖୋଲ ୨୬।୭(ଡି.ଏନ୍.ଏ.)**

ଖପ୍ରାଖୋଲ ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟଠାରେ ସିଆର୍‌ପିଏଫ୍ ୧୮୯ ବାଟାଲିଅନ୍ ପକ୍ଷରୁ ଶୁକ୍ରବାର ସ୍ୱାସ୍ଥ୍ୟପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ୧୮୯ ବ୍ୟାଟାଲିୟନ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଶିବିରରେ ସିଆରପିଏଫ୍‌ର ସିଏମ୍‌ଓ ଡା. ଆର୍.ଆର୍. ରାମ, ବଲାଙ୍ଗୀର ଏଡିଏମ୍‌ଓ ଡା.ଉଷାରାଣୀ ଦାଶ, ଆଶିଷ୍ଟାଣ୍ଡ ସର୍ଜନ ଡା.ମନୋଜ କୁମାର ଅଗ୍ରୱାଲ, ଡା.ଉତ୍କଳମଣି ମେହେର, ଡା.ମୀନତୀ ହେମ୍ରମ୍ ପ୍ରମୁଖ ଯୋଗଦେଇ ୨ ଶହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ପୁର୍ନବସୁ ତିୱାରୀ, ଆଶିଷ୍ଟାଣ୍ଟ କମାଣ୍ଡାଣ୍ଟ ସନ୍ତୋଷ କୁମାର ସିଂ, ଖପ୍ରାଖୋଲ ସରପଞ୍ଚ ଉପେନ୍ଦ୍ର କୁମାର ଭୋଇ, ୟୁଜିବି ବ୍ୟାଙ୍କ ମ୍ୟାନେଜର ଅଶୋକ କୁମାର ବୁଡେକ ପ୍ରମୁଖ ଯୋଗ ଦେଇଥିଲେ।



ଅତିଥିମାନେ ଜଣେ ମହିଳାଙ୍କୁ ଔଷଧ ପ୍ରଦାନ କରୁଛନ୍ତି।

### ସବୁଜ ମହାନଦୀ ଅଭିଯାନ ସଚେତନତା ଯାତ୍ରା

**ଡୁଙ୍ଗୁରିପାଲି, ୨୬।୭(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ସବୁଜ ମହାନଦୀ ଅଭିଯାନ ସବୁଜିମା ସଚେତନତା ଯାତ୍ରା ଶୁକ୍ରବାର ଅପରାହ୍ନରେ ଜାତୀୟ ରାଜପଥ ପାର୍ଶ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ବନଖଣ୍ଡ, ବିନିକା ବନାଞ୍ଚଳ ତରଫରୁ ୭୫ ହଜାର ଚାରା ଜନସାଧାରଣଙ୍କୁ ବଣ୍ଟନ କରାଯିବାର ବ୍ୟବସ୍ଥା ଥିବା କୁହାଯାଇଥିଲା। ଏଥିପାଇଁ ଜନସାଧାରଣ ଆଧାର କାର୍ଡ ନକଲ ଦେଇ ୧୦ଟି ଲେଖାଏଁ ଚାରା ଗଛ ନେଇ ଲଗାଇବା ପାଇଁ ଏହି ମହନଦୀ ଅଭିଯାନରେ ସଚେତନତା କରାଯାଇଥିଲା। ଶୁକ୍ରବାରଠାରୁ ଡୁଙ୍ଗୁରିପାଲି ଫରେଷ୍ଟ ବିଭାଗ ପକ୍ଷରୁ ଲୋକମାନେ ଚାରା ନେଇ ନିଜ ବାଡିରେ ଜଙ୍ଗଲ ସୃଷ୍ଟି କରିପାରିବେ ବୋଲି ଡୁଙ୍ଗୁରିପାଲି ବନ ବିଭାଗ ଫରେଷ୍ଟର କୁର୍ତ୍ତିବାସ ସେଠ୍ ପ୍ରକାଶ କରିଛନ୍ତି । ଏହି ଚାରା ଡୁଙ୍ଗୁରିପାଲିର ସବୁ ଅଞ୍ଚଳକୁ ଯେପରି ପହଞ୍ଚି ପାରିବ ସେଥିପାଇଁ ସବୁଜ ମହାନଦୀ ଅଭିଯାନ ଆରମ୍ଭ ହୋଇଛି । ପ୍ରଥମ ଦିନରେ ୧୨ ହଜାରରୁ ଉର୍ଦ୍ଧ୍ୱ ଚାରା ଲୋକମାନଙ୍କୁ ବଣ୍ଟନ କରାଯାଇଛି ।

## ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି



ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଟିଟିଲାଗଡ଼,୨୬।୭(ଡି.ଏନ.ଏ.)**

ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ନେଇ ଶୁକ୍ରବାର ଉପଜିଲାପାଳ ସୁଧାକର ନାୟକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ପାଳନ ନେଇ ପ୍ରତ୍ୟୁଷରେ ରାମଧୂନ, ସକାଳ ସାଢେ ୭ରେ ସମସ୍ତ ସରକାରୀ, ବେସରକାରୀ, ଶିକ୍ଷାନୁଷ୍ଠାନ କାର୍ଯ୍ୟାଳୟରେ ଜାତୀୟ ପତକା ଉତ୍ତୋଳନ, ସକାଳ ସାଢେ ୮ରେ ମୁଖ୍ୟ ଉତ୍ସବସ୍ଥଳ ବାଳକ ହାଇସ୍କୁଲ ପଡ଼ିଆରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ମିଷ୍ଟାନ୍ନ ଓ ଫଳ ବଣ୍ଟନ, ଚାରା ରୋପଣ, ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏପରି କି ସ୍ୱତନ୍ତ୍ର ପୁରସ୍କାର ଭାବେ ମାଟ୍ରିକ ପରୀକ୍ଷାରେ ବଲାଙ୍ଗୀର ଜିଲାରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଙ୍କୁ ସ୍ଥାନୀୟ ରାଜଜ୍ୟୋତି ସେବା ସମିତି ପକ୍ଷରୁ ୫୧ହଜାର ଟଙ୍କା ପ୍ରଦାନ, ଯୁକ୍ତ ୨ ଏବଂ ଯୁକ୍ତ ୩ , ଦଶମ ବୋର୍ଡ, ଉତମ କ୍ୟାଡେଟ ପାଇଁ ପୁରସ୍କାର ପ୍ରଦାନ କରାଯିବ। ଶିକ୍ଷାନୁଷ୍ଠାନସ୍ତରରେ ବକ୍ତୃତା, ପ୍ରବନ୍ଧ, କ୍ୱିଜ, ଚିତ୍ରାଙ୍କନ, ସଂଗୀତ, ଲୋକନୃତ୍ୟ ଆସନ୍ତା ୫ରୁ ୯ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ବୈଠକରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ବିବରଣୀ ପାଠ କରିଥିବା ବେଳେ ତହସିଲଦାର ସ୍ୱଦୀପ ଟପୋ, ପୌର ନିର୍ବାହି ଅଧିକାରୀ ସନ୍ତୋଷ ବେହେରା, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତାରାଣୀ ମିଶ୍ର ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷାବିତ ଅଶ୍ୱିନୀ ମହାନ୍ତି, ଧବଳେଶ୍ୱର ଦଳବେହେରା, ତ୍ରିନାଥ ସରାଫ, ପ୍ରମୋଦ ପାଳ, ଉତ୍ତମା ନାୟକ, ଅଲେଖ ଦଳବେହେରା, ରାଜୁ ମିଶ୍ର, ଅଞ୍ଜଳି ବେହେରା, ପ୍ରଭାସ ବହିଦାର, ଶମ୍ଭୁପ୍ରସାଦ ଗୋୟଲ, ପ୍ରକାଶ ଅଗ୍ରୱାଲ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ, ଶିକ୍ଷାନୁଷ୍ଠାନ ତଥା ସମାଜସେବୀ ସଂଗଠନ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

କେନାଲ ପାଣି କ୍ଷେତରେ ପହଞ୍ଚୁନି

## କେନାଲ ଅଧିକାରୀ, ଅତିରିକ୍ତ ତହସିଲଦାରଙ୍କୁ ଭେଟିଲେ ଚାଷୀ

**ବିନିକା, ୨୬।୭(ଡି.ଏନ୍.ଏ.)**

ବିନିକା ତହସିଲ ଅନ୍ତର୍ଗତ ମହଦା ରାଜସ୍ୱ ସର୍କଲର ଚାଷୀମାନେ ଶୁକ୍ରବାର କେନାଲ ପାଣି ସମସ୍ୟା ନେଇ ବରପାଲି କେନାଲ ମୁଖ୍ୟ କାର୍ଯ୍ୟାଳୟ ଏକଜିକ୍ୟୁଟିଭ୍ ଇଞ୍ଜିନିୟର ଏବଂ ବିନିକା ଅତିରିକ୍ତ ତହସିଲଦାରଙ୍କୁ ଭେଟିଥିଲେ। ଚାଷୀଙ୍କ କହିବା ମୁତାବକ ମହଦା ଆର୍.ଡି ୧୦/୫୦୦ ଜଳକୋଷରୁ ପର୍ଯ୍ୟାପ୍ତ ପାଣି ନିଷ୍କାସନ ହେଉନାହିଁ । ଫଳରେ ସ୍ଥାନୀୟ କେନାଲ ଉପରେ ନିର୍ଭର କରୁଥିବା ଶହେରୁ ଉର୍ଦ୍ଧ୍ୱ ଚାଷୀଙ୍କ କ୍ଷେତ ତଳମୁଣ୍ଡକୁ ପାଣି ମାଡିବାରେ ବିଳମ୍ବ ହେଉଛ, ପ୍ରତ୍ୟେକ ବର୍ଷ ଫସଲ ମରୁଡି ଯୋଗୁ କ୍ଷତିଗ୍ରସ୍ତ ହେଉଛି। ଏଥି ସହିତ କେନାଲ ସୀମାରେ ଚାଲିଥିବା ବେଆଇନ ଘର ନିର୍ମାଣ ଯୋଗୁ ଜଳ ନିଷ୍କାସନରେ ବାଧା ଉପୁଜୁଛି। ପୁନଶ୍ଚ ଲୋକଙ୍କ ଅଳିଆ ଆବର୍ଜନା ସବୁ କେନାଲରେ ପଡି ପୋତି ହୋଇ ପଡୁଛି । ପୁନଶ୍ଚ କେନାଲ ସଫେଇ ସମୟରେ ଆବର୍ଜନା ସବୁ ଆଡିରେ ପକାଇବାରେ ଯାତାୟାତରେ ସମସ୍ୟା ହେଉଛି । ଜଳକୋଷର ତୁରନ୍ତ ମରାମତି ଓ ସୀମା ଚିହ୍ନଟୀକରଣ ଦିଗରେ ବିହିତ ପଦକ୍ଷେପ ନେବାକୁ ମହଦା ଗାଁର ଚାଷୀ ମହେନ୍ଦ୍ର ଭୋଇ, ଶଶୀ ଭୋଇ, ଭରତ ପଧାନ, କାର୍ତ୍ତିକ ସାହୁ, କିଶୋର ଚନ୍ଦ୍ର ନାଇକ, ସୁଦାମ ସା, ଗୁନୁ ଭୁଏ, ସୁବଳ ଭୋଇ ପ୍ରମୁଖା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବିନିକା ଅତିରିକ୍ତ ତହସିଲଦାର ରାକେଶ ଅଗ୍ରୱାଲ ମହଦା ଆର୍.ଆଇ ପ୍ରଦୀପ କୁମାର ମେହେରଙ୍କୁ କେନାଲ ସୀମାରେ ନିର୍ମିତ ହୋଇଥିବା ଘର ବିଷୟରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କାରଗିଲ ବିଜୟ ଦିବସ ପାଳିତ

# 'ଶହୀଦ ଯବାନ ଦେଶବାସୀଙ୍କୁ ସ୍ୱାଭିମାନୀ କରିଛନ୍ତି'

**ବଲାଙ୍ଗୀର ଅଫିସ, ୨୬।୭**



କାରଗିଲ ବିଜୟ ଦିବସ ପାଳନ ଅବସରରେ ଅତିଥିମାନେ ଶହୀଦ ବୀର ଯବାନଙ୍କୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି ।

ଜିଲା ସାମ୍ବାଦିକ ସଂଘ ଏବଂ ଅବସରପ୍ରାପ୍ତ ସୈନିକ ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶୁକ୍ରବାର ସନ୍ଧ୍ୟାରେ ୨୦ତମ କାରଗିଲ ବିଜୟ ଦିବସ ପାଳନ କରାଯାଇଥିଲା। ଜିଲା ସାମ୍ବାଦିକ ସଂଘ ପ୍ରତିଷ୍ଠାତା ସଭାପତି ସତ୍ୟ ନାରାୟଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କାରଗିଲ ଶହୀଦଙ୍କ ପରାକ୍ରମ ଏବଂ ଅମର ଗାଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଶଙ୍କର ପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବଲାଙ୍ଗୀର ୧୮୯ ସିଆର୍‌ପିଏଫ୍ ବାଟାଲିୟନ କମାଣ୍ଡାଣ୍ଟ ଯୋଗୀନ୍ଦର ସିଂ ମୌର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାରଗିଲ ବିଜୟ ଦିବସର ତାତ୍ପର୍ଯ୍ୟ ଏବଂ ଭାରତୀୟ ବୀର ଯବାନଙ୍କ ପରାକ୍ରମ ଉପରେ କହିଥିଲେ । କାରଗିଲରେ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ଉଚିତ୍ ଜବାବ ଦେଇ ଭାରତୀୟ ସେନା କେବଳ ଦେଶ ସୁରକ୍ଷା କରିନାହାନ୍ତି ମାତ୍ର ଦେଶର କୋଟି କୋଟି ଜନତାଙ୍କ ଭିତରେ ସ୍ୱାଭିମାନ୍‌ର ଜ୍ୟୋତି ଜଳାଇଛନ୍ତି ବୋଲି ମୌର୍ଯ୍ୟ କହିଥିଲେ। ଅବସରପ୍ରାପ୍ତ ସୈନିକ ସଂଘ ସଭାପତି ଶଶିକାନ୍ତ ନାଏକ, ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ କାରଗିଲ ବିଜୟ ଦିବସ ଉପରେ ବକ୍ତବ୍ୟ ରଖି କାରଗିଲ ଯୁଦ୍ଧର ସ୍ମୃତିଚାରଣ କରିଥିଲେ। ସଭା ପ୍ରାରମ୍ଭରେ ଶହୀଦ ବୀର ଯବାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ସତ୍ୟସୁନ୍ଦର ଭଞ୍ଜ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ସଂଘ ସଦସ୍ୟ ସୁଧୀର ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସୈନିକ, ସହରର ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନ କର୍ମକର୍ତ୍ତା ଯୋଗଦାନ କରିଥିଲେ।

## ଫଟୋରେ ଖବର







ଟିଟିଲାଗଡ଼ ପୌରପରିଷଦ ପକ୍ଷରୁ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳାମାନେ (ବାମ)। ଶୁକ୍ରବାର କାରିଗିଲ ବିଜୟ ଦିବସ ପାଳନ ଅବସରରେ ବେଲପଡ଼ା ଜବାହର ନବୋଦୟ ବିଦ୍ୟାଳୟର ଏନ୍‌ସିସି ଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

### ଆଶାକର୍ମୀଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ, ଥାନାରେ ମାମଲା

**ଭବାନୀପାଟଣା,୨୬।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ବୋର୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ମିଡିକାଲ ଅଫିସର ଜଣେ ଆଶକର୍ମୀଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଛନ୍ତି । ଏ ନେଇ ଆଶା କର୍ମୀ ଜଣଙ୍କ ଗୁରୁବାର କେ.ଗାଁ ଥାନାରେ ଅଭିଯୋଗ କରିଛନ୍ତି। ସରକାରୀ ଏମ୍‌ବିବିଏସ୍ ଡାକ୍ତର ବୋର୍ଡା ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ଜଣେ ବିହାହିତା ଆଶା କର୍ମୀଙ୍କୁ ସମ୍ପୃକ୍ତ ଡାକ୍ତର ଅଶ୍ଳୀଳ ଇଙ୍ଗିତ କରିବା ସହ ଶାରିରୀକ ସମ୍ପର୍କ ପାଇଁ ବାଧ୍ୟ କରୁଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୭ ଜୁଲାଇ, ୨୦୧୯



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।

- ଲେନିନ୍



## ସଂକ୍ଷେପରେ

### ଶିଶୁ ସୈନିକ ବିଦ୍ୟାଳୟରେ କାର୍ଗିଲ ବିଜୟ ଦିବସ

**ଟିକ୍ରାପଡା, ୨୬।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ସ୍ଥିତ ଶିଶୁ ସୈନିକ ବିଦ୍ୟାଳୟରେ କାର୍ଗିଲ ବିଜୟ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଗୋକୁଳାନନ୍ଦ ବାରିକ ସଭାରେ ଅଧ୍ୟକ୍ଷତା କରିଥିଲେ । ଦିଲ୍ଲୁ ବାଗ ସଭା ସଂଯୋଜନା କରିଥିଲେ । ଭାର୍ଗବୀ ରାଜପଲିଆ, ସୁରେନ୍ଦ୍ର ବଗର୍ତ୍ତି, ରାସନ୍ତି ପୁଟେଲ ପ୍ରମୁଖ ଶିକ୍ଷକ ବକ୍ତବ୍ୟ ପ୍ରଦାନ କରି କାର୍ଗିଲ ଯୁଦ୍ଧରେ ଲଢିଥିବା ସୈନିକଙ୍କ ସ୍ମୃତିଚାରଣ କରିଥିଲେ । ସଭା ପ୍ରାରମ୍ଭରେ ସହୀଦ ସୈନିକଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା ।

### ୫ ମାସ ହେଲା ଦରମା ପାଇ ନାହାନ୍ତି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ

**ଟିକ୍ରାପଡା, ୨୬।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏହାର ଅଧୀନ ଡାକ୍ତରଖାନାମାନଙ୍କରେ କାର୍ଯ୍ୟରତ କର୍ମଚାରୀମାନେ ୫ ମାସ ହେଲା ଦରମା ପାଇ ନାହାନ୍ତି। ଫଳରେ କର୍ମଚାରୀମାନେ ପରିବାର ପ୍ରତିପୋଷଣରେ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ବଦଳି ପରେ ଏହି ଅବସ୍ଥା ସୃଷ୍ଟି ହୋଇଥିବା ଜଣାପଡିଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ବିଶ୍ୱାସ କାର୍ଯ୍ୟକ୍ରମ ସମ୍ପର୍କିତ ତାଲିମ ଶିବିର

**ଖପ୍ରାଖୋଲ ୨୬।୭(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ କାର୍ଯ୍ୟାଳୟଠାରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବିଶ୍ୱାସ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସ୍ୱାସ୍ଥ୍ୟକର୍ମୀ ସାନ୍ତନୁ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ତାଲିମଦାତା ଭାବେ ମିଶନ ଶକ୍ତି ସଂଯୋଜିକା ପଙ୍କଜିନି ମିଶ୍ର, ସୁପରଭାଇଜର ନାରାୟଣ ପଧାନୀ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ଉନ୍ନତ ଜଳ, ପରିମଳ, ପରିଷ୍କାର, ପରିଚ୍ଛନ୍ନତା ନିମନ୍ତେ ଗା କଲ୍ୟାଣ ସମିତିର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ତାଲିମ ପ୍ରଦାନ କରିଥିଲେ। ଶିବିରରେ ଘୁନସର ପଞ୍ଚାୟତ ଅଞ୍ଚଳର ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।

### ଜେଏମ୍ଏଫ୍‌ସି କୋର୍ଟ ପରିସରରେ ବୃକ୍ଷରୋପଣ

**ତରଭା ୨୬।୭(ଡି.ଏନ.ଏ.):** ତରଭା ଜେଏମଏଫସି କୋର୍ଟ ପରିସରରେ ଶୁକ୍ରବାର ପରିବେଶ ପ୍ରତି ସଚେତନତା ସୃଷ୍ଟି ପାଇଁ ବୃକ୍ଷରୋପଣ କରାଯାଇଛି । ଏଥିରେ ଜେଏମଏଫସି ମାଜିଷ୍ଟ୍ରେଟ ସବ୍ୟସାଚୀ ପ୍ରଧାନ ଓ କୋର୍ଟର କର୍ମଚାରୀମାନେ କୋର୍ଟ ସମ୍ମୁଖ ବିଭିନ୍ନ ସ୍ଥାନରେ ୫୦ରୁ ଅଧିକ ଗଛ ରୋପଣ କରିଥିଲେ ।

ବଲାଙ୍ଗୀରରେ ଜିଲାସ୍ତରୀୟ ଗଣସତ୍ୟାଗ୍ରହ

# ଜମାକାରୀଙ୍କ ଟଙ୍କା ଫେରାଅ

**ବଲାଙ୍ଗୀର ଅଫିସ, ୨୬।୭**

- କେନ୍ଦ୍ର, ରାଜ୍ୟ ସରକାରଙ୍କୁ ସମାଲୋଚନା
- ଅଗଷ୍ଟ ୫ରେ ବିଧାନସଭା, କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା କେନ୍ଦ୍ରୀୟ କାର୍ଯ୍ୟାଳୟ ଘେରାଉ

ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜମାକାରୀ ଗଣସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ କୋଶଳ କଳାମଣ୍ଡପ ପଡ଼ିଆରୁ ଜମାକାରୀଙ୍କ ଏକ ଶୋଭାଯାତ୍ରା ବାହାରି ବଲାଙ୍ଗୀର ସହର ପରିକ୍ରମା କରିଥିଲା। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଞ୍ଚର ରାଜ୍ୟ ଯୁଗ୍ମ ଆବାହକ ବିଭୁଦତ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ସତ୍ୟାଗ୍ରହ ସମାରୋହ ହୋଇଥିଲା।

ମଞ୍ଚ ଆବାହକ ଜୟନ୍ତ ଦାସ, ଯୁଗ୍ମ ଆବାହକ ସୁଧାଂଶୁ ବେହେରା, ଅମର କୁମାର ସାହୁ, ପ୍ରଦୀପ କୁମାର ମହାରଣା, ଦିଲୀପ ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇ ଠକସଂସ୍ଥାଙ୍କ ଦ୍ୱାରା ଆର୍ଥିକ ଶୋଷଣର ଶିକାର ହୋଇଥିବା ବଲାଙ୍ଗୀର ଜିଲା ସମେତ ଓଡ଼ିଶାର ହଜାର ହଜାର ଜମାକାରୀଙ୍କ ଟଙ୍କା ଫେରାଇ ଦେବାକୁ ଦାବି କରିଥିଲେ। ବନମାଳୀ ନାଏକ, ଲଳିତ ଦୀପ, ପୃଥ୍ୱୀରାଜ ସିଂ, ଅଚ୍ୟୁତ ସିପୁନ ଖମାରୀ, ରାଘବ ରଣା, ବୃନ୍ଦାବନ ବାଗ, ବ୍ୟାସଦେବ ପଟେଲ, ବିପିନ୍ଦ୍ର ପୁଟେଲ, ବନବିହାରୀ ବୁଡେକ, କୁଶଳେଶ୍ୱର ନାଏକ, ମଦନ ମୋହନ ଡାଙ୍ଗ, ବଳଦେବ ଡାଙ୍ଗ, ସରୋଜ କୁମାର ତାଣ୍ଡି, ରବି ଭୋଇ, ଡମନ ବାଗ, ରମେଶ ପୋଢ଼, ଲବ ପୁଟେଲ, ସୁରଥ ଧରୁଆ ଓ ନବକୁମାର କ୍ଷେତି ସତ୍ୟାଗ୍ରହ ପରିଚାଳନା କରିଥିଲେ।

ଏପରି କି ଆର୍ଥିକ ଶୋଷଣ କରିଥିବା ଠକସଂସ୍ଥାଗୁଡିକୁ ଚିହ୍ନଟ କରି ଜମାକାରୀଙ୍କ ଟଙ୍କା ଫେରସ୍ତ କରିବା ଦିଗରେ ପଦକ୍ଷେପ ନେବେ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏଁ ଟଙ୍କା ଫେରସ୍ତ ହୋଇନାହିଁ। ତ୍ରୁଟିଯୁକ୍ତ ଆଇନ ସଂଶୋଧନ ପାଇଁ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା ତାହା ମଧ୍ୟ ହୋଇନାହିଁ। କେନ୍ଦ୍ର ସରକାର ତ୍ରୁଟିଯୁକ୍ତ ଆଇନ ସଂଶୋଧନ କରିବା କଥା କହି ଦ୍ୱିତୀୟ ଥର କ୍ଷମତାକୁ ଆସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତ୍ରୁଟିଯୁକ୍ତ ଆଇନ୍ ସଂଶୋଧନର ଚର୍ଚ୍ଚା କରୁନାହାନ୍ତି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ୍ କରିଥିବା ସମ୍ପତ୍ତି, ସିବିଆଇ ଅଦାଲତ ଠକ ସଂସ୍ଥାଗୁଡ଼ିକ ଉପରେ କରିଥିବା ଜରିମାନା ଅର୍ଥ ଜମାକାରୀଙ୍କୁ ଫେରସ୍ତ ପାଇଁ ଗଠିତ କର୍ପସ ପାଣ୍ଠିକୁ ପ୍ରଦାନ କରି ତୁରନ୍ତ ଜମାରାଶି ପେରସ୍ତ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଜମାକାରୀମାନେ ଦାବି କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ଭୁବନେଶ୍ୱର ଓ ଦିଲ୍ଲୀରେ ଜନସାଧାରଣଙ୍କୁ ଠକାମିର ଷଡଯନ୍ତ୍ର କରିଚାଲିଛନ୍ତି। ଲୋକେ ଲୁଣ୍ଠନର ଶିକାର ହେଉଛନ୍ତି । ତେଣୁ ଠକାମୀର ଶିକାର ହୋଇଥିବା ଜମାକାରୀମାନେ ଟଙ୍କା ପାଇଁ ଭୁବନେଶ୍ୱର, ଦିଲ୍ଲୀ ଯିବା ପରିବର୍ତ୍ତେ ତହସିଲ ଓ ଜିଲାସ୍ତରରେ ଲଢେଇ ଜାରି ରଖିବେ ବୋଲି କହିଥିଲେ। ତୁରନ୍ତ ଜମାକାରୀ ଚିହ୍ନଟ, ଟଙ୍କା ଫେରସ୍ତ ଓ ତ୍ରୁଟିଯୁକ୍ତ ଆଇନ ସଂଶୋଧନ ନ କଲେ ତହସିଲ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଅଚଳ କରିଦିଆଯିବ ବୋଲି କ୍ଷତିଗ୍ରସ୍ତ ଜମାକାରୀମାନେ ଜିଲାସ୍ତରୀୟ ଜମାକାରୀ ଗଣସତ୍ୟାଗ୍ରହରେ ଘୋଷଣା କରିଛନ୍ତି। ଅଗଷ୍ଟ ୫ ତାରିଖରେ ବଲାଙ୍ଗୀର ଜିଲାର ଜମାକାରୀମାନେ ବିଧାନସଭା ଏବଂ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖାର କେନ୍ଦ୍ରୀୟ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିବା ସୂଚନା ଦେଇଥିଲେ। ଜମାକାରୀମାନେ ଅଗଷ୍ଟ ୪ ତାରିଖରେ ଟ୍ରେନ ଯୋଗେ ଭୁବନେଶ୍ୱର ଯିବେ ବୋଲି କୁହାଯାଇଛି। ଏହି ଗଣସତ୍ୟାଗ୍ରହରେ ଜିଲାର ଶତାଧିକ ଜମାକାରୀ ଯୋଗ ଦେଇଥିଲେ।




ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ପକ୍ଷରୁ ବଲାଙ୍ଗୀରରେ ଅନୁଷ୍ଠିତ ଶୋଭାଯାତ୍ରା ।

### ସୋନପୁର ପ୍ରିମିୟର ଫୁଟବଲ ଲିଗ୍: ଜତିନ୍ ଫାଇଟର ବିଜୟୀ

**ସୋନପୁର,୨୬।୭(ନି.ପ୍ର.)**

ସୋନପୁର ବୁଢି ସମଲେଇ ଫୁଟବଲ କ୍ଲବ ପକ୍ଷରୁ ସ୍ଥାନୀୟ କଲେଜ ପଡିଆରେ ଚାଲିଥିବା ପ୍ରିମିୟର ଫୁଟବଲ ଲିଗ୍‌ର ଶୁକ୍ରବାର ତୃତୀୟ ଦିବସରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ରୟାଲସ୍ ଟାଇଗର ଓ ଜତିନ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଜତିନ ଫାଇଟର ୧-୦ଗୋଲରେ ମ୍ୟାଚ୍ ବିଜୟୀ ହୋଇଥିଲା। ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ଶେଷଦେବ ଝାଙ୍କରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରା ଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ସୁରେଶ୍ୱରୀ ୱାରିୟର୍ସ ଓ ରିକ୍ସ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ଟି ଡ୍ର ହୋଇଥିଲା। ଅମିତ କୁମାର ପଟ୍ଟନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସୁଦାମ ଜଗଦଲା, ସିଦ୍ଧାନ୍ତ ପାତ୍ର, ସଞ୍ଜୟ ସାହୁ, ନରସିଂହ ସେଠୀ ଓ ପ୍ରଶାନ୍ତ ସେଠୀ ଖେଳ ପରିଚାଳନା କରିଥିଲେ । ବରିଷ୍ଠ ଫୁଟବଲ ଖେଳାଳି ଆଦିତ୍ୟ କିଶୋର ଦାନୀ ଓ ସୁବର୍ଣ୍ଣପୁର ଜିଲା କନଷ୍ଟେବଲ-ହାବିଲଦାର ସଂଘର ସମ୍ପାଦକ ଦୀନେଶ ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ରାଜୀବ ପଟ୍ଟନାୟକ, ରାକେଶ ନାଗ, ଶିଶିର ମହାନ୍ତି ଓ ଶଙ୍କର୍ଷଣ ପଟ୍ଟନାୟକ ସହଯୋଗ କରିଥିଲେ।

## ପରିବେଶ ସୁରକ୍ଷା ପାଇଁ ଆଗଭର ହେବାକୁ ଆହ୍ୱାନ

**ଟିକ୍ରାପଡା, ୨୬।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଧୁମାଭଟାସ୍ଥିତ ବୀଣାପାଣି ଡିଗ୍ରୀ କଲେଜରେ ବନ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ମମତା ସେନାପତି ଅନୁଷ୍ଠିତ ସଭାରେ ଅଧ୍ୟକ୍ଷତା କରିଥିଲେ । ଅଧ୍ୟାପକ ସତ୍ୟନାରାୟଣ ବଗର୍ତ୍ତି ସଭା ସଂଯୋଜନା କରିଥିଲେ। ଦୀପାଞ୍ଜଳି ଖର୍ସେଲ, ଆଶିଷ ବେହେରା, ହେମନ୍ତ ନାଏକ, ପୁରୁଷୋତ୍ତମ ବାଗ, ଜତିନ ମଲ୍ଲିକ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିବେଶ ସୁରକ୍ଷା ପାଇଁ ସମସ୍ତେ ଆଗଭର ହେବାକୁ ବକ୍ତାମାନେ ଆହ୍ୱାନ ଜଣାଇଥିଲେ । ସଭା ପରେ ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ବୃକ୍ଷରୋପଣ କରିଥିଲେ ।



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧ୍ୟାପକ।

କାମରେ ଆସୁନି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ

## ଚାଷୀଜମିକୁ ପାଣି ଯୋଗାଇ ଦେବାକୁ ଦାବି

**ଗୁଡଭେଲା,୨୬।୭(ଡି.ଏନ୍.ଏ.)**

ଗୁଡଭେଲା ବ୍ଲକର ୯୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ହେଲେ ବର୍ତ୍ତମାନ ଶ୍ରାବଣ ମାସ ଆରମ୍ଭ ହେଇଥିଲେ ସୁଦ୍ଧା ବର୍ଷା ଅଭାବରୁ ଚାଷ କାର୍ଯ୍ୟ ଅଞ୍ଚଳରେ ଆଗେଇ ପାରୁନାହିଁ। ଏପରିସ୍ଥିତିରେ ବ୍ଲକର କିଛି ଅଞ୍ଚଳକୁ ଜଳସେଚିତ କରିବା ପାଇଁ ସରକାର ତେଲନଦୀ କୂଳରେ ୬ଟି ବୃହତ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରିଛନ୍ତି। ଜାମୁଟ ପଞ୍ଚାୟତ ମହାଜନପଡ଼ା ପ୍ରକଳ୍ପରୁ ପ୍ରାୟ ୮୦୦ ହେକ୍ଟର, ରୁଷୁଡ଼ା ପଞ୍ଚାୟତ ଚାଣ୍ଟିପଦର ପ୍ରକଳ୍ପରୁ ପ୍ରାୟ ୮୦୦ ହେକ୍ଟର, ଗୁଡଭେଲା ପ୍ରକଳ୍ପରୁ ପ୍ରାୟ ୭୫୦ ହେକ୍ଟର, ତାଣ୍ଡିଗାଁ ପ୍ରକଳ୍ପରୁ ପ୍ରାୟ ୯୦୦ ହେକ୍ଟର, କୁକେଡମାଳ ପ୍ରକଳ୍ପରୁ ପ୍ରାୟ ୨ହଜାର ହେକ୍ଟର, ତେନ୍ତୁଲିଖୁଣ୍ଟି ପ୍ରକଳ୍ପରୁ ପ୍ରାୟ ୧୫ ଶହ ହେକ୍ଟର ଏ ପରି ପ୍ରାୟ ୬୭୫୦ ହେକ୍ଟର ଚାଷ ଜମିକୁ ପାଣି ଯୋଗାଇବା ଲକ୍ଷ୍ୟ ନେଇ ଏହି ଯୋଜନା କରାଯାଇଥିଲା। ବିଭାଗୀୟ କର୍ମଚାରୀଙ୍କ ଦୂର ଦୃଷ୍ଟି ଅଭାବରୁ ଯୋଜନା ଫେଲ ମାରିଛି।

ଚଳିତ ବର୍ଷ ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ଚାଷୀ ଧାନ ବୁଣିବା ସହ ତଳି ପକାଇ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ବର୍ତ୍ତମାନ ବର୍ଷା ଅଭାବରୁ ମାଟି ଫାଟି ଆଁ କରିଥିବା ବେଳେ ଧାନ ଗଛଗୁଡିକ ମରିବାରେ ଲାଗିଛି। ଏପରିସ୍ଥିତିରେ ନଦୀରେ ପାଣି ଥିବା ବେଳେ ବୃହତ ଉଠା ଜଳସେଚନ କର୍ମଚାରୀଙ୍କ ଦେଖାନାହିଁ । ଏପରି କି ସୋନପୁରରେ ବିଭାଗର କାର୍ଯ୍ୟାଳୟ ରହିଥିବା ବେଳେ ଅଞ୍ଚଳର ଆଖପାଖରେ ଜଳପ୍ରକଳ୍ପର କୌଣସି କାର୍ଯ୍ୟାଳୟ ନ ଥିବାରୁ ଚାଷୀମାନେ କୌଣସି ଅଭିଯୋଗ ପାଇଁ ସୋନପୁର ଯିବାକୁ ପଡୁଥିବା କହିଛନ୍ତି। ଅନ୍ୟପକ୍ଷେ ନଦୀରେ ପାଣି ଥାଇ ମଧ୍ୟ ଚାଷଜମିକୁ ପାଣି ମିଳିବା କଷ୍ଟକର ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ଅମର ପ୍ରଧାନଙ୍କୁ ପଚାରିବାରୁ ନଦୀରେ ପାଣି ସମ୍ପୂର୍ଣ୍ଣ ଭାବେ ପ୍ରବାହିତ ହେବା ସହ ପ୍ରକଳ୍ପର ନିକଟକୁ ପାଣି ଆସିବା ପରେ ଚାଷୀଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି କହିଥିଲେ। ଏନେଇ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ କିଶୋର କୁମାର ବିଶ୍ୱାଳଙ୍କୁ ପଚାରିବାରୁ ବଲାଙ୍ଗୀର, ବୌଦ୍ଧ ଓ ସୋନପୁର ଜିଲାର ବୃହତ ଜଳପ୍ରକଳ୍ପ ପରିଚାଳନା ପାଇଁ ୪ ଜଣ କର୍ମଚାରୀ ଅଛନ୍ତି। ଚାଷୀମାନେ ଅନ୍‌ଲାଇନରେ ଅଭିଯୋଗ କରିପାରିବେ। ଅଭିଯୋଗ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଯଦି ସପ୍ତାହେ ମଧ୍ୟରେ ବର୍ଷା ନ ହୁଏ କିମ୍ବା ବୃହତ ଜଳପ୍ରକଳ୍ପରୁ ଚାଷୀଙ୍କୁ ଜଳ ଯୋଗଣ କରା ନ ଯାଏ ତେବେ ଅଞ୍ଚଳରେ ମରୁଡ଼ି ସମ୍ଭାବନାକୁ ଏଡାଇ ଦିଆଯାଇପାରିବ ନାହିଁ। ଏନେଇ ବୃହତ ଜଳପ୍ରକଳ୍ପରୁ ପାଣି ଉଠାଇ ଚାଷ ଜମିକୁ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।




ତାଣ୍ଡିଗାଁ ବୃହତ ଉଠାଜଳସେଚନ ପ୍ରକଳ୍ପ କେନ୍ଦ୍ର।

ଗୋଳାବାରୁଦ କାରଖାନା ନିଗମୀକରଣ ପ୍ରତ୍ୟାହାର

## ଆସନ୍ତା ୨୦ରୁ କାର୍ଯ୍ୟ ବନ୍ଦ ନିଷ୍ପତ୍ତି ନେଲା ମହାସଂଘ

**ସଇଁତଲା,୨୬।୭(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୋଳାବାରୁଦ କାରଖାନାଠାରେ ଗତ ୫ ଦିନ ଧରି ଭାରତୀୟ ପ୍ରତିରକ୍ଷା ମଜଦୁର ସଂଘ ପକ୍ଷରୁ ଭାରତ ସରକାରଙ୍କ ଗୋଳାବାରୁଦ କାରଖାନାର ନିଗମୀକରଣ ନିଷ୍ପତ୍ତି ବିରୋଧରେ ଧାରଣା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ବଲାଙ୍ଗୀର ଏସ୍‌ପିଙ୍କ ଜରିଆରେ ରକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ଶୁକ୍ରବାର ସନ୍ଧ୍ୟାରେ ବଡ଼ମାଳ ଗୋଳାବାରୁଦ କାରଖାନାର ଶତାଧିକ କର୍ମଚାରୀ ଏକ ଶୋଭାଯାତ୍ରାରେ ବାହାରି ପ୍ରଶାସନିକ ଭବନ ପର୍ଯ୍ୟନ୍ତ ଆସି ନିଗମୀକରଣ ପ୍ରସ୍ତାବ ପ୍ରତ୍ୟାହାର ପାଇଁ କାରଖାନାର ଅସ୍ଥାୟୀ ମହାପ୍ରବନ୍ଧକ ସଞ୍ଜୟ ପାଠକ, ଜଏଣ୍ଟ ଜିଏମ୍ ଏମ୍.ଜେଡ. ସର୍ବର, ୱାର୍କ୍ସ ମ୍ୟାନେଜର ମନୋଜ ରଏ, ଅଭିନିତ ଶ୍ରୀବାସ୍ତବ ଏବଂ ଜେଡବ୍ଲୁଏମ୍ ରାଧାକାନ୍ତ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ର ପ୍ରଦାନ ବେଳେ ଭାରତୀୟ ପ୍ରତିରକ୍ଷା ମଜଦୁର ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର ରାଲିକୁ ଉଦ୍‌ବୋଧନ ଦେଇଥିବା ବେଳେ ସିଇସି ସଭ୍ୟ ଅରୁଣ ପଟେଲ, ସଭାପତି ଭରତ ମାଝି, ସମ୍ପାଦକ ହରିହର ସିଂଙ୍କ ସହ ପୂର୍ବତନ ସିଇସି ସଭ୍ୟ ପ୍ରକାଶ କୁମାର ମହାପାତ୍ର, ପ୍ରଦୀପ କର, ବିଜୟ କୁମାର ସିଂ ଦେଓ, ଅନୀଲ ବେହେରା, କିରଣ ସେନାପତି, ଅଶ୍ୱିନୀ ପାଢ଼ୀ, ଗିରିଶ ସାହୁ, ଯୋଗେଶ ମେହେରଙ୍କ ସହ ଗୋଳାବାରୁଦ କାରଖାନାର ଅନ୍ୟାନ୍ୟ ଶ୍ରମିକ ସଂଗଠନର କର୍ମକର୍ତ୍ତାଙ୍କ ସହ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।




ଭାରତୀୟ ପ୍ରତିରକ୍ଷା ମଜଦୁର ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଚାଷ ଉପଯୋଗୀ ବର୍ଷା ନାହିଁ

# ହାତ ବାନ୍ଧି ବସିଛି ଚାଷୀ

**ଲୋଇସିଂହା,୨୬।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ କିଛି ବର୍ଷ ହେଲା ସ୍ୱଳ୍ପ ବୃଷ୍ଟିପାତ ସାଙ୍ଗକୁ ରୋଗପୋକ ଯୋଗୁ ଖରିଫ ଚାଷ ପ୍ରଭାବିତ ହେଉଛି। ଫଳରେ ଚାଷୀ କ୍ଷତିଗ୍ରସ୍ତ ହେବାରେ ଲାଗିଛି। ଏଥର ମୌସୁମୀ ଆଗୁଆ ଆସିବ ଏବଂ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗର ପୂର୍ବ ଅନୁମାନକୁ ନେଇ ଚାଷୀ ଉତ୍ସାହିତ ହୋଇପଡିଥିଲେ। ହେଲେ ଜୁଲାଇ ୨୬ ତାରିଖ ସୁଦ୍ଧା ଅଞ୍ଚଳରେ ଚାଷ ଉପଯୋଗୀ ବର୍ଷା ହୋଇନାହିଁ।

ଅନ୍ୟପକ୍ଷେ ଚାଷୀଙ୍କୁ ମୌସୁମୀ ଧୋକା ଦେଇଛି । ଧାରା ଶ୍ରାବଣରେ ଖରା ହୋଇ ଦିନକୁ ଦିନ ଗରମ ବଢିବାରେ ଲାଗିଛି। ଏପରିସ୍ଥିତିରେ ଚାଷୀ ସକାଳୁ ସଞ୍ଜ ଯାଏ ଗାଁ ପିଣ୍ଡାରେ ବସି ବର୍ଷାକୁ ଅନାଇ ରହିଥିବା ବେଳେ ଚାଷୀ ଚିନ୍ତାରେ ପଡିଛନ୍ତି। ୨୦ଟି ପଞ୍ଚାୟତକୁ ନେଇ ଲୋଇସିଂହା ବ୍ଲକ ଗଠିତ। ଅଣ ଜଳସେଚିତ ଲୋଇସିଂହା ବ୍ଲକରେ କୃଷି ବିଭାଗ ପକ୍ଷରୁ ଚଳିତ ବର୍ଷ ୧୦,୬୫୦ ହେକ୍ଟର ଜମିରେ ଖରିପ ଧାନ ଚାଷ ଲକ୍ଷ୍ୟ ରଖାଯାଇଛି। ହେଲେ ବର୍ଷା ଅଭାବରୁ ଚାଷୀ କାର୍ଯ୍ୟ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଅଞ୍ଚଳବାସୀ ଚାଷ ଜମିକୁ ଜଳସେଚନ କରିବା ନେଇ ବ୍ଲକ ଅଧୀନ ଗଡଶଙ୍କର ଡୁଙ୍ଗରିପାଲିରେ ଚାଲିଥିବା ବହୁ ପ୍ରତୀକ୍ଷିତ ଲୋୟର ସୁକତେଲ ପ୍ରକଳ୍ପକୁ ଅନାଇ ରହିଥିବା ବେଳେ ଏହା ଚାଷୀଙ୍କ ପାଇଁ ମରୀଚିକା ସଦୃଶ୍ୟ ହୋଇଛି। ଫଳରେ ବ୍ଲକରେ ଖରିଫ ଚାଷ ସମ୍ପୂର୍ଣ୍ଣ ବର୍ଷା ଉପରେ ନିର୍ଭର କରିବାକୁ ପଡୁଛି। ଏଭଳିସ୍ଥିତିରେ ବ୍ଲକରେ ପୋଖରୀ, କଟାଗୁଡିକର ପୁନରୁଦ୍ଧାର କରି ବର୍ଷା ଜଳ ସଂରକ୍ଷଣ କରି ଚାଷରେ ଉପଯୋଗ କରିବାକୁ ସରକାରୀଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଉଛି। ହେଲେ ଠିକାଦାର ଏବଂ ଯନ୍ତ୍ରୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ସରକାରଙ୍କ ସବୁ ଉଦ୍ୟମ ବିଫଳ ହେବାରେ ଲାଗିଛି। ଅନ୍ୟପକ୍ଷେ ଫସଲ ହାନି ଋଣବୋଝ ଚିନ୍ତାରେ ବିଗତ ଦିନରେ ଚାଷୀ ଆତ୍ମହତ୍ୟା ଭଳି ଘଟଣା ସାମ୍ନାକୁ ଆସିଛି। ଗତ ବର୍ଷ ରୋଗପୋକ ଏବଂ ପେଥାଇ ବାତ୍ୟା ପ୍ରଭାରେ ବ୍ଲକରେ ଖରିଫ ଫସଲ ନଷ୍ଟ ହୋଇଯାଇଥିଲା। ଏନେଇ ସରକାର ଇନ୍‌ପୁଟ ସବ୍‌ସିଡି ଏବଂ କୃଷିବୀମା ସହାୟତା ଘୋଷଣା କରିଥିଲେ। ହେଲେ ଅଦ୍ୟାବଧି ଚାଷୀଙ୍କୁ ସହାୟତା ମିଳିପାରି ନାହିଁ। ମୌସୁମୀ ବର୍ଷା ପରେ ଚାଷୀ ଧାନ ବୁଣା ସହ ତଳି ପକାଇ ଥିଲେ। ହେଲେ ଅଞ୍ଚଳରେ ଜୁଲାଇ ୧୫ରୁ ୨୬ ତାରିଖ ସୁଦ୍ଧା ଅଞ୍ଚଳରେ ମାତ୍ର ୧୮ ମି.ମି. ବର୍ଷା ହୋଇଛି। ବର୍ଷା ଅଭାବ ଯୋଗୁ ବୁଣା ଧାନ ସହ ତଳିଗୁଡିକ ମରିବାରେ ଲାଗିଛି। ଏନେଇ ଚାଷୀ ହତାଷ ହୋଇ ପଡିଛନ୍ତି।



ବାଦିବାହାଲ ଗ୍ରାମର ଚାଷୀମାନେ ପିଣ୍ଡାରେ ବସିଛନ୍ତି।

### ଏମାନେ ଯାହା କୁହନ୍ତି...

"୫ ଏକର ଜମିରେ ଚାଷ ପାଇଁ ଧାନ ତଳି ପକାଇଥିଲି। ବର୍ଷା ଅଭାବ ଯୋଗୁ ଏହା ମରିବାରେ ଲାଗିଛି। ବର୍ତ୍ତମାନ ବିହନ ଚିନ୍ତା ଘାରିଛି। ଆଗକୁ ବର୍ଷା ହେଲେ କ'ଣ କରିବୁ।

**-ଶ୍ରୀନିବାସ ପଶାୟତ, ଚାଷୀ ବାଦିବାହାଲ**

"ଗତ ବର୍ଷ ବର୍ଷା ଅଭାବରୁ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ସରକାର ଇନ୍‌ପୁଟ ସବ୍‌ସଡି ଏବଂ ବୀମା ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ହେଲେ ଚାଷୀଙ୍କୁ ଟଙ୍କା ମିଳି ନାହିଁ। ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ି ପରିସ୍ଥିତି ଉପୁଜିଛି। ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯାଉ।

**-ପଞ୍ଚୁ ସା, ଚାଷୀ ବୁର୍ଡା**

"ଜୁଲାଇ ୨୬ ତାରିଖ ସୁଦ୍ଧା ଅଞ୍ଚଳରେ ୧୨୫ ମି.ମି. ବର୍ଷା ହୋଇଛି। ଯାହାକି ଚାଷ କାର୍ଯ୍ୟ ପାଇଁ ଉପଯୋଗୀ ନୁହେଁ। ଯଦି ବର୍ଷା ନ ହୁଏ ତେବେ ଅଗଷ୍ଟ ପ୍ରଥମ ସପ୍ତାହରେ କ୍ଷୟକ୍ଷତିର ଆକଳନ କରାଯିବ।

**ସୁଶୀଲ କୁମାର ସେଠୀ, ବ୍ଲକ ସହକାରୀ କୃଷି ଅଧିକାରୀ**



> ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
>
> - ସିସେରା



## ସଂକ୍ଷେପରେ



### ଭାଜପାର ସଙ୍ଗଠନ ପର୍ବ, ସଦସ୍ୟତା ଅଭିଯାନ

**କୋମନା,୨୬।୭(ଡି.ଏନ.ଏ.)-** ନୂଆପଡ଼ା ଜିଲା କୋମନା ପାତାଳେଶ୍ୱର ମଣ୍ଡଳ ତରଫରୁ ସ୍ଥାନୀୟ ପଞ୍ଚାୟତ ସମିତି କଲେଜ ପରିସରରେ ଶୁକ୍ରବାର ମଣ୍ଡଳ ସଭାପତି ପୀତାମ୍ବର ନାଗଙ୍କ ଅଧ୍ୟକ୍ଷତାରେ ଭାଜପା ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ଅଭିନନ୍ଦନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତା ମନିଜର ଆର୍ଯ୍ୟ ଓ ତୁଳସ ପଟେଲ ଯୋଗଦେଇ ସମସ୍ତେ ସଙ୍ଗଠିତ ହୋଇ କାର୍ଯ୍ୟ କଲେ ସଫଳତା ନିଶ୍ଚିତ ବୋଲି କହିଥିଲେ। ନୂତନ ଭାବେ ୧୫୦ ଜଣ କଲେଜ ଛାତ୍ରୀଛାତ୍ର ଭାଜପାର ସଦସ୍ୟତା ଗ୍ରହଣ କରିଥିବା ବେଳେ ତନ୍ମଧ୍ୟରୁ ମୋବାଇଲ ଫୋନ ଯୋଗେ ୮୦ ଜଣଙ୍କୁ ସଦସ୍ୟତା ଗ୍ରହଣ କରାଗଲା। ପରେ କଲେଜ ପରିସରରେ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖଗେଶ୍ୱର ଦୀପ, ଚନ୍ଦନ ଠାକୁର, ଦିଗାମ୍ବର ଦୀପ, କଇଲାସ ତାଣ୍ଡି, ଈଶ୍ୱର ପଟେଲ, କରୁଣା ହୋତା , ବୁଲକୁ ପଣ୍ଡା ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଖଡ଼ିଆଳ ସହରରେ ବୁଲା କୁକୁରଙ୍କ ଆତଙ୍କ

**ଖଡିଆଳ,୨୬।୭ (ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଳ ସହରରେ ବର୍ତ୍ତମାନ ବୁଲା କୁକୁରଙ୍କ ଆତଙ୍କ ଦେଖା ଦେଇଛି । ସହର ମଧ୍ୟରେ ଶହ ଶହ କୁକୁର ବୁଲୁଥିବା ବେଳେ ବର୍ତ୍ତମାନ ସେମାନେ କାମୁଡି ବାରେ ଲାଗିଛନ୍ତି । ସୂଚନାମତେ ବୁଧବାର ବିଦ୍ୟାଳୟରୁ ଫେରୁଥିବା ସମୟରେ ସତନାମୀ ପଡାର ଜଣେ ୧୦ ବର୍ଷର ଝିଅ ସ୍ନେହା ଭରଦ୍ୱାଜଙ୍କୁ କାମୁଡିଥିବା ବେଳେ ଖଡିଆଳ ବ୍ଲକ ଛକରେ ଜଣେ ଆଲିଆ ନାମ୍ନି ଛାତ୍ରୀ ଏବଂ ଦୁରିଆପଡାର ଜଣେ ଝିଅଙ୍କୁ କାମୁଡିଥିବା ନଜର ହେଉଛି। ସେଥିପାଇଁ କୁକୁରମାନଙ୍କୁ ନେଇ ଖଡିଆଳ ସହରରେ ଭୟର ବାତାବରଣ ଖେଳିଯାଇଛି। ଏଥିପ୍ରତି ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି ।

## ସ୍ୱାସ୍ଥ୍ୟକର୍ମୀଙ୍କ ଦିନିକିଆ କର୍ମଶାଳା
# ସ୍ୱାସ୍ଥ୍ୟକ୍ଷେତ୍ରରେ ଜିଲାକୁ ଆଗୁଆ କରାଯିବ

**ନୂଆପଡା ଅଫିସ,୨୬।୭**



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବୈଠକ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ ଏବଂ କର୍ମୀମାନେ।

ନୂଆପଡା ରାଜ୍ୟର ଏକ ଉପାନ୍ତ ଜିଲା। ଏଠାରେ ଏକଦା ମାତୃ ଏବଂ ଶିଶୁ ମୃତ୍ୟୁହାର ବେଶୀ ରହୁଥିବାବେଳେ ଏଠାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଥିଲା । ହେଲେ ଜିଲାରେ ବିଭାଗରେ କାର୍ଯ୍ୟରତ ଆଶାଠାରୁ ଆରମ୍ଭ କରି ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କ ଅକ୍ଲାନ୍ତ ପରିଶ୍ରମ ପରେ ଏଥିରେ ବିଶେଷ ସୁଧାର ଆସିପାରିଛି। ସରକାର ଏହି ଜିଲାକୁ ଏସ୍ପିରେସନାଲ ଜିଲା ତାଲିକାରେ ରଖିଛନ୍ତି । ବର୍ତ୍ତମାନ ମିଶନ ମୋଡରେ ବିଭିନ୍ନ ସଙ୍ଗଠନ ସହ ମିଳିତ ଆନୁକୂଲ୍ୟରେ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଆଗକୁ ଜିଲାକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଣୀ କରାଯିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟର ବୈଠକ ଗୃହରେ ଆୟୋଜିତ ଜିଲାସ୍ତରୀୟ ଏନଏନଏମ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି ।

ନିତିଆୟୋଗ ଭାରତ ସରକାରଙ୍କ ଦ୍ୱାରା ଚାଲିଥିବା ଏସ୍ପିରେସନାଲ ଡିଷ୍ଟ୍ରିକ୍ଟ ପ୍ରୋଗ୍ରାମ ଉପରେ ୟୁଏନଏଫପିଏ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ଲୋକ ଦୃଷ୍ଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପି.କେ.ଭି. ପଟ୍ଟନାୟକ, ଡିପିଏମ ବିଶ୍ୱମ୍ବର ବେହରେ, ରଞ୍ଜନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଜିଲାର ବିଶେଷ କରି ନୂଆପଡା ବ୍ଲକର ସମସ୍ତ ମହିଳାପୁରୁଷ ସ୍ୱାସ୍ଥ୍ୟକର୍ମୀମାନେ ଯୋଗଦେଇଥିଲେ ।

ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର ସାରା ଦେଶରେ ମୋଟ ୧୧୫ଟି ଜିଲାକୁ ଏସ୍ପିରେସନାଲ ଜିଲା ଭାବରେ ଗ୍ରହଣ କରିଛନ୍ତି । ଏହି ଜିଲାରେ ମିଶନ ମୋଡରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବାକୁ ପ୍ରୟାସ କରାଯାଉଛି । ଏଥିପାଇଁ ନୂଆପଡା ଜିଲାପାଳ ମଧୁସ୍ମିତା ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲାବ୍ୟାପି କାର୍ଯ୍ୟକ୍ରମମାନ ଆରମ୍ଭ ହୋଇଛି । ପ୍ରଥମାର୍ଦ୍ଧରେ ଜିଲାର ସମସ୍ତ ଆଶାକର୍ମୀ, ଅଙ୍ଗନୱାଡି ଏବଂ ଏନଏନଏମମାନଙ୍କୁ ସ୍ୱଂୟ ସିଦ୍ଧ କରିବାକୁ ପଦକ୍ଷେପ ନିଆଯାଉଛି । ଏଥିସକାଶେ ଜିଲା ସ୍ୱାସ୍ଥ୍ୟ ବିଭାଗ ଲୋକଦୃଷ୍ଟି ସହ ମିଶି କାର୍ଯ୍ୟକ୍ରମ ସବୁ ହାତକୁ ନେଇଛନ୍ତି । ସର୍ବମୋଟ ୧୩ଟି ପାରାମିଟରକୁ ଉପରକୁ ଆଣିବାକୁ ପଦକ୍ଷେପ ନିଆଯାଉଛି । ପ୍ରତିମାସ ଏହାର ଜିଲାସ୍ତରୀୟ ଏବଂ ରାଜ୍ୟସ୍ତରରେ ସମୀକ୍ଷା କରାଯାଉଛି। ଏଥିରେ ଜିଲା ଆଗକୁ ଯାଉଥିବା ଅଧିକାରୀମାନେ ପ୍ରକାଶ କରିଥିଲେ। ଅକାର୍ଯ୍ୟକ୍ରମକୁ ଜିଲା ସ୍ୱାସ୍ଥ୍ୟ ସମିତି ଏବଂ ଲୋକଦୃଷ୍ଟିର କାର୍ଯ୍ୟକର୍ତ୍ତାମାନେ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଗାଡ଼ି ଚାଳକଙ୍କ ମୃତ୍ୟୁକୁ ନେଇ ସନ୍ଦେହ

**ନୂଆପଡା ଅଫିସ/ସିନାପାଲି, ୨୬।୭ (ଡି.ଏନ.ଏ.)**

ନୂଆପଡା ଜିଲା ସଦର ମହକୁମାସ୍ଥିତ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ଜାତୀୟ ରାଜପଥ ୩୫୩ରେ ବିଷ୍ଣୁ ରାଜପୁତ (୨୫) ନାମକ ଯୁବକଙ୍କୁ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଅଗ୍ନିଶମ ବିଭାଗ ତାଙ୍କୁ ଉଦ୍ଧାର କରି ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି । ତାଙ୍କ ଘର ସିନାପାଲି ଥାନା ଚଲନା ଗାଁରେ ବୋଲି ଜଣାପଡିଛି। ସେ ଦୀର୍ଘ ବର୍ଷ ଧରି ଟ୍ରକ ଆଦି ଗାଡି ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ । ପୋଲିସ ଏକ ଅଜଣା ଗାଡି ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ କହୁଥିବାବେଳେ ଏହି ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଇଛି । ଗୁରୁବାର ରାତି ୪ଟାରେ ରାସ୍ତାରେ ଜଣେ ଯୁବକ ମରି ପଡିଥିବା ଜଣାପଡିଥିଲା । ସକାଳେ ଅଗ୍ନିଶମ ବିଭାଗ ଯୁବକଙ୍କୁ ଉଦ୍ଧାର କରିଥିଲେ । ହସ୍ପିଟାଲକୁ ନେବାବେଳକୁ ତାଙ୍କ ମୃତ୍ୟୁ ହୋଇସାରିଥିଲା। ପୋଲିସ ଏହାକୁ ନେଇ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରିଛି । ମୃତଦେହ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ପୂର୍ବତନ ଜିଲା ପରିଷଦ ସଭ୍ୟ ସୁବ୍ରତ ଠାକୁରଙ୍କ ଦାବି ପରେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ତହସିଲଦାର ଗାଁକୁ ଯାଇ ପରିବାର ଲୋକଙ୍କୁ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ବିଷ୍ଣୁ ପୂର୍ବରୁ ପଡୋଶୀ ଛତିଶଗଡସ୍ଥିତ ବାଗବାହାରାରେ ରହି ବିଭିନ୍ନ ଗାଡି ଚଳାଉଥିଲେ । ଗତ ବର୍ଷ ମଏନପୁର ଗାଁରୁ ବିବାହ କରିଥିଲେ। ଆଜକୁ ୩ରୁ ୪ଦିନ ତଳେ ଘରୁ ବାହାରି ବାଗବାହାରାକୁ ଯାଇଥିଲେ। ହେଲେ ହଠାତ ଏହି ରାସ୍ତାରେ ବିଳମ୍ବିତ ରାତିରେ ମୃତଦେହ ପଡିବା ଘଟଣାକୁ ନେଇ ଭିନ୍ନ ଚର୍ଚ୍ଚା ଚାଲିଛି । ଏହାର ସବିଶେଷ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ସାମନାକୁ ଆସିବ ବୋଲି କୁହାଯାଉଛି।

## ହାଇକୋର୍ଟ ଫାଉଣ୍ଡେଶନ ଡେ ପାଳନ
# ଜିଲାରେ ଲାଗିଲା ୪ ହଜାର ଚାରା

**ନୂଆପଡା ଅଫିସ,୨୬।୭**



ନ୍ୟାଶନାଲ କଲେଜ ପରିସରରେ ଜିଲା ଦୌରା ଜଜ୍ ଚାରା ରୋପଣ କରୁଛନ୍ତି ।

ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ବିଭିନ୍ନ ସ୍ଥାନାରେ ହାଇକୋର୍ଟ ଫାଉଣ୍ଡେଶନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ନ୍ୟାଶନାଲ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଦୌରାଜଜ୍ ଅସୀମ କୁମାର ଦଳବେହେରା ସଭାପତିତ୍ୱ କରିଥିବା ବେଳେ ସିଭିଲ କୋର୍ଟ ରେଜିଷ୍ଟ୍ରାର ଜୟପ୍ରକାଶ ନାୟକ, ସିନିୟର ସିଭିଲ ଜଜ୍ ସୁଧୀର କୁମାର ମିଶ୍ର, ଏସଡିଜେଏମ ସୋମାଲିନା ମିଶ୍ର, ନ୍ୟାଶନାଲ କଲେଜ ଅଧ୍ୟକ୍ଷ ଏସ.ଏନ.ଦାସ, ସିଡବ୍ଲୁସିର ସଦସ୍ୟ କୁମୁଦ ରଞ୍ଜନ ହୋତା, ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡିଏଲଏସଏ ସମ୍ପାଦକ ଅଜିତ କୁମାର ଓତା ପରିଚାଳନା କରିଥିଲେ । ଏହି ଅବସରରେ ନ୍ୟାଶନାଲ କଲେଜ, ଜିଲା ପୋଲିସ ପଡିଆରେ ଅତିଥିମାନେ ବିଭିନ୍ନ ମୂଲ୍ୟବାନ ଚାରା ରୋପଣ କରିଥିଲେ । ସେହିଭଳି ଖଡିଆଳ ଏବଂ ସିନାପାଲି ତାଲୁକ ଆଇନ ସେବା ସମିତି ତରଫରୁ ମଧ୍ୟ କାର୍ଯ୍ୟକ୍ରମ ପାଳନ କରି ଅନ୍ୟୂନ ହଜାରେ ଚାରା ରୋପଣ କରାଯାଇଥିଲା । ଜିଲା ବ୍ୟାପି ସ୍କୁଲ ଲିଗାଲ ଲିଟରେସିରେ ସ୍କୁଲ ପିଲାଙ୍କ ଦ୍ୱାରା ମୋଟ ୩ ହଜାର ଚାରା ରୋପଣ କରାଯାଇଛି।

## ଆଶାକର୍ମୀଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ, ଥାନାରେ ମାମଲା

**ଭବାନୀପାଟଣା,୨୬।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ବୋର୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ମିଡିକାଲ ଅଫିସର ଜଣେ ଆଶକର୍ମୀଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଛନ୍ତି । ଏ ନେଇ ଆଶା କର୍ମୀ ଜଣଙ୍କ ଗୁରୁବାର କେ.ଗାଁ ଥାନାରେ ଅଭିଯୋଗ କରିଛନ୍ତି। ସରକାରୀ ଏମ୍‌ବିବିଏସ୍ ଡାକ୍ତର ବୋର୍ଡା ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ଜଣେ ବିହାହିତା ଆଶା କର୍ମୀଙ୍କୁ ସମ୍ପୃକ୍ତ ଡାକ୍ତର ଅଶ୍ଳୀଳ ଇଙ୍ଗିତ କରିବା ସହ ଶାରିରୀକ ସମ୍ପର୍କ ପାଇଁ ବାଧ କରୁଥିଲେ। ଏହା ନ ମାନିବାରୁ ଡାକ୍ତର ଜଣଙ୍କ ସମ୍ପୃକ୍ତ ଆଶା କର୍ମୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗତ ମାସରେ ହସ୍ପିଟାଲ ପରିସରରେ ଏଭଳି ଏକ ଘଟଣା ଘଟିଥିଲେ ହେଁ ଲୋକ ଲଜ୍ୟା ଓ ଭୟରେ ଆଶା କର୍ମୀ ମୁହଁ ଖୋଲି ନ ଥିଲେ। ଡାକ୍ତରଙ୍କ ଏଭଳି ଦୁର୍ବ୍ୟବହାରର ପ୍ରମାଣ ସଂଗ୍ରହ କରିବା ପରେ ଆଶା କର୍ମୀ ଏବେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କେ.ଗାଁ ଥାନାରେ ଆଶା କର୍ମୀ ଲିଖିତ ଏତାଲା ସମେତ ପ୍ରମାଣ ଭାବେ ଡାକ୍ତରଙ୍କ ମୋବାଇଲ୍‌ର କଲର୍ ରେକର୍ଡିଂ ପୋଲିସକୁ ଦେଇଛନ୍ତି। ତେବେ ଅଭିଯୋଗକୁ ସମ୍ପୃକ୍ତ ଡାକ୍ତର ଅସ୍ୱୀକାର କରୁଛନ୍ତି। ଏ ନେଇ କେ.ଗାଁ ଥାନାରେ ବୁଝାମଣା ହୋଇଥିବା କହିଛନ୍ତି ଡାକ୍ତର। ଅନ୍ୟପକ୍ଷରେ ଅଭିଯୋଗକାରୀଙ୍କ ଉପରେ ଏତାଲା ପ୍ରତିହାର କରିବା ପାଇଁ ଚାପ ପକାଉଥିବା ଅଭିଯୋଗ ହେଉଛି।

## କାର୍‌ଗିଲ ବିଜୟ ଦିବସରେ ଭାଜପାର କଲେଜସ୍ତରୀୟ ସଦସ୍ୟତା ଗ୍ରହଣ

**ସିନାପାଲି,୨୬।୭ (ଡି.ଏନ.ଏ.)**

ନୂଆପଡା ଜିଲା ବିଭିନ୍ନ କଲେଜରେ ଶୁକ୍ରବାର ଭାଜପା ତରଫରୁ କଲେଜସ୍ତରୀୟ ସଦସ୍ୟତା ଗ୍ରହଣ କରାଯାଇଥିବା ବେଳେ ଖଡିଆଳ ବିଧାନସଭାସ୍ତରରେ ଥିବା ୬ଟି କଲେଜରେ ଭାଜପା ତରଫରୁ ସଦସ୍ୟତା ଗ୍ରହଣ କରାଯାଇଛି। ଏହି ଅବସରରେ କାରଗିଲରେ ଶହୀଦ ଯବାନମାନଙ୍କ ସ୍ମୃତିଚାରଣ କରିଥିଲେ । ଖଡିଆଳ ବିଧାନସଭା ଅଧୀନ ସିନାପାଲି କଲେଜ, ହାତୀବନ୍ଧା କଲେଜ, ଡୁକୁଲା କଲେଜ, ବୋଡେନ କଲେଜ, ଖରିଆର କଲେଜ, ଭୁଲିଆ ସିକୁଆଁ କଲେଜଗୁଡିକରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସଦସ୍ୟତା ଗ୍ରହଣ କରାଯାଇଥିଲା । ବିଧାନସଭା କ୍ଷେତ୍ରରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସଦସ୍ୟତା ଗ୍ରହଣ କରିଥିବା ନୂଆପଡା ଜିଲା ସଦସ୍ୟତା ଗ୍ରହଣ ପ୍ରମୁଖ ସୁବ୍ରତ ଠାକୁର ପ୍ରକାଶ କରିଛନ୍ତି । ସିନାପାଲି କଲେଜରେ ନୂଆପଡା ଜିଲା ଭାଜପା ସଭାପତି ଶିବ ପ୍ରସାଦ ମୁଣ୍ଡଙ୍କ ନେତୃତ୍ୱରେ ଚାଲିଥିବା ବେଳେ ସୁବ୍ରତ ଠାକୁର, ହୃଷିକେଶ ଗହିର, ମାର୍କଣ୍ଡ ଗହିର ନେତୃତ୍ୱ ଦେଇଥିଲେ। ଡୁକୁଲା କଲେଜରେ ଦେବଦେବ ସିଂଦେଓ, ଅତିନ୍ଦ୍ରଜିତ ସିଂଦେଓ, ଶମ୍ଭୁ ଅଗ୍ରୱାଲ, ପୃଥିରାଜ ମହାନ୍ତି, ନିମାଇଁ ତାଣ୍ଡି, ବିକାଶ ସିଙ୍ଘଲ, ଧରମସିଂ ମାଝି ପ୍ରମୁଖ ନେତୃତ୍ୱ ନେଇଥିଲେ ।



ଭାଜପା ତରଫରୁ କଲେଜସ୍ତରୀୟ ସଦସ୍ୟତା ଗ୍ରହଣ କରାଯାଉଛି।

## କଂଗ୍ରେସରୁ ଚିତ୍ତରଞ୍ଜନଙ୍କ ପରେ ପ୍ରଶାନ୍ତଙ୍କ ଇସ୍ତଫା

**ଭବାନୀପାଟଣା,୨୬।୭ (ଡି.ଏନ.ଏ.)**

ଦଳର ନେତୃବୃନ୍ଦଙ୍କ ଉପରେ ଅସ୍ଥା ହରାଇବା ଏବଂ ଦଳରେ ଅଣଦେଖା କରାଯାଉଥିବା ଅଭିଯୋଗ ନେଇ ନର୍ଲା ନିର୍ବାଚନମଣ୍ଡଳୀ ଦଳୀୟ ବିଧାୟକ ପ୍ରାର୍ଥୀ ଚିତ୍ତରଞ୍ଜନ ମଣ୍ଡଳ ଓ ପିସିସି ସଦସ୍ୟ ତଥା ପ୍ରଦେଶ ଏସ୍‌ସି ସେଲ୍ ଉପସଭାପତି ପ୍ରଶାନ୍ତ ନାଏକ କଂଗ୍ରେସର ସମସ୍ତ ପଦପଦବୀ ସହ ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି । ଚିତ୍ତରଞ୍ଜନ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି ଯେ, ଦଳୀୟ କିଛି ନେତୃବୃନ୍ଦଙ୍କ ଦଳ ବିରୋଧି ଅନ୍ତର୍ଘାତି କାମ ଯୋଗୁ ନିର୍ବାଚନରେ ହାରିଲେ। ଏ ସମ୍ପର୍କରେ ସେ ଲିଖିତ ଅଭିଯୋଗ କରିଥିଲେ ହେଁ ଅନ୍ତର୍ଘାତି କାମ କରିଥିବା ଦଳୀୟ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଏଭଳି ସ୍ଥିତିରେ ସେ ନିଜକୁ ଅସହାୟ ମନେ କରି କଂଗ୍ରେସ ଛାଡିବା ନିଷ୍ପତ୍ତି ନେଇଛନ୍ତି ପ୍ରକାଶ କରିଛନ୍ତି । ସେହିପରି ପ୍ରସାନ୍ତ କୁମାର ନାଏକ ପିସିସି ସଭାପତିଙ୍କ ଦୁର୍ବଳ ନେତୃତ୍ୱ ଯୋଗୁ କଳାହାଣ୍ଡି ଜିଲାରେ କଂଗ୍ରେସର ବିଫଳ ହେଲା। ବିଜୟୀ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଜିଲାରେ ଦଳୀୟ ଟିକଟ ନ ଦେଇ ଭାଜପା ଓ ବିଜେଡି ସହ ସଳାସୁତୁରା କରି ଦୁର୍ବଳ ପ୍ରାର୍ଥୀମାନଙ୍କୁ ଟିକଟ ଦେବା ଫଳରେ ଦୟନୀୟ ଭାବେ ପ୍ରାର୍ଥୀମାନେ ହାରିଛନ୍ତି । ଏଭଳି ସ୍ଥିତିରେ ସେ କଂଗ୍ରେସର ସମସ୍ତ ପଦପଦବୀ ତଥା ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଉଛନ୍ତି ବୋଲି ଦର୍ଶାଇ ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି।

# ରୋଗୀଙ୍କୁ ଦୁର୍ବ୍ୟବହାର କରୁଥିବା ୩ ନର୍ସ ବଦଳି

**କେସିଙ୍ଗା,୨୬।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ୩ଜଣ ଷ୍ଟାଫ ନର୍ସଙ୍କୁ ଜିଲାର ବିଭିନ୍ନ ହସ୍ପିଟାଲକୁ ବଦଳି ହୋଇଛି । କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୨୦୦୮ରେ ମଧୁସ୍ମିତା ମହାନ୍ତି, ଗତ ୧୯୯୪ରେ ସାରଥି ଦେଇ ଏବଂ ଗତ ୨୦୧୫ରେ ସସ୍ମିତାରାଣୀ ସେନାପତିଙ୍କୁ ଷ୍ଟାଫ ନର୍ସ ଭାବେ ବିଭାଗୀୟ ପକ୍ଷରୁ ନିଯୁକ୍ତି ଦିଆଯାଇଥିଲା । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୭ଜଣ ନର୍ସ କାର୍ଯ୍ୟରତ ଅଛନ୍ତି । ଏଥି ମଧ୍ୟରୁ ୨ ଗୋଷ୍ଠୀରେ ବିଭକ୍ତ ହୋଇ ନିଜ ଭିତରେ ସିଡିଏମଓଙ୍କ ନିକଟରେ ବାରମ୍ବାର ମିଥ୍ୟା ଜାଲ ଦସ୍ତଖତ ଦେଇ ଅଭିଯୋଗ କରି ଆସୁଥିଲେ। ଏହି ଗୋଷ୍ଠୀ କେନ୍ଦ୍ରରେ ସବୁବେଳେ ବିଶୃଙ୍ଖଳା ସୃଷ୍ଟି କରି ଆସୁଥିଲେ। ଡାକ୍ତରମାନଙ୍କ କଥାକୁ କର୍ଣ୍ଣପାତ କରୁ ନ ଥିଲେ। ରୋଗୀମାନଙ୍କଠାରୁ ଜୋରଜବରଦସ୍ତ ଟଙ୍କା ଆଦାୟ କରୁଥିଲେ। ଏହି ସବୁକୁ ନେଇ କେସିଙ୍ଗା ସହରବାସୀ ଜିଲାପାଳ ଓ ସିଡିଏମଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଜଣେ ଜଣେ ଷ୍ଟାଫ ନର୍ସ ୨୫ ବର୍ଷ, ୧୧ ବର୍ଷ ଓ ୪ ବର୍ଷ ହେଲାଣି ଏଠି ରହି ରାଜୁତି କରୁଥିଲେ। ସରକାରଙ୍କ ନିୟମ ମୁତାବକ ୩ବର୍ଷ ପରେ ବଦଳି ହେବା କଥା। କିନ୍ତୁ ଦୀର୍ଘ ବର୍ଷ ପରେ ବି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛାଡି ନ ଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିଡିଏମଓ ୩ଜଣଙ୍କୁ ଚିଠି ନଂ. ୩୨୫୨/୩୨୫୬/୩୨୬୦ ତା. ୨୭ ଜୁଲାଇ, ୨୦୧୯ରେ ଜିଲାର ଭବାନୀପାଟଣା, ଧର୍ମଗଡ ଓ କୋକସରାକୁ ବଦଳି କରାଯାଇଛି । ସିଡିଏମଓଙ୍କ ବଦଳି ଆଦେଶକୁ ମଧ ଏହି ୩ଜଣ ଷ୍ଟାଫ ନର୍ସ ଗ୍ରହଣ କରୁ ନ ଥିଲେ । କିନ୍ତୁ ସିଡିଏମଓଙ୍କ କଡା ନିର୍ଦ୍ଦେଶାନୁସାରେ ୩ଜଣ ଷ୍ଟାଫ ନର୍ସ ଯୋଗଦାନ ପରେ ଛୁଟିରେ ରହି ଡେପୁଟେଶନରେ ପୁନଶ୍ଚ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଫେରି ଆସିବାକୁ ଯୋଜନା କରୁଥିବା ଜଣାପଡିଛି। ଏ ନେଇ ସିଡିଏମଓ ବନଲତା ଦେବୀଙ୍କୁ ପଚାରିବାରୁ ଏହି ୩ଜଣଙ୍କ ନାମରେ ବହୁବାର ଜିଲାପାଳ ଓ ମୋଠାରେ ଅଭିଯୋଗ ଆସିବା ପରେ ତଦନ୍ତ କରାଯାଇ ବଦଳି କରାଯାଇଛି ବୋଲି ପ୍ରକାଶ କରିଥିଲେ ।

# ମହାମାୟା ଆଇନ କଲେଜରେ ଚାରାରୋପଣ

**ନୂଆପଡା ଅଫିସ,୨୬।୭**

**ହାଇକୋର୍ଟ ପ୍ରତିଷ୍ଠା ଦିବସ**

ସ୍ଥାନୀୟ ମହାମାୟା ଆଇନ ମହାବିଦ୍ୟାଳୟରେ ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ଅଜିତ କୁମାର ଓତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହାଇକୋର୍ଟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଅନୀଲ କୁମାର ତାଣ୍ଡି ସଭାପତିତ୍ୱ କରିଥିବାବେଳେ କଲେଜ ସମ୍ପାଦକ ଟଙ୍କଧର ସାହୁ, ଶୈକ୍ଷଣୀକ ପ୍ରଭାରୀ ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ପାରାଲିଗାଲ ଭୋଲେଣ୍ଟିୟର୍ସମାନେ ଚାରା ରୋପଣ କରିଥିଲେ । ଏହି ଅବସରରେ ସମ୍ପାଦକ ଓତା କାର୍ଯ୍ୟକ୍ରମ ପାଳନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ବିଷଦ ଭାବରେ ଅବଗତ କରିଥିଲେ।



ହାଇକୋର୍ଟ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଚାରା ରୋପଣ ସକାଶେ ପ୍ରସ୍ତୁତି କରାଯାଉଛି ।

# ନକଲି ଶିକ୍ଷକ ଯାଞ୍ଚ ପ୍ରକ୍ରିୟା ଶେଷ

**ସିନାପାଲି,୨୬।୭ (ଡି.ଏନ.ଏ.)**

**ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ନକଲି ଶିକ୍ଷକ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ମଙ୍ଗଳବାରଠାରୁ ଆରମ୍ଭ ହୋଇ ଶୁକ୍ରବାର ଶେଷ ହୋଇଛି । ପ୍ରଥମ ଦିନରେ ୪ଟି କ୍ଲଷ୍ଟରର ଭରୁଆମୁଣ୍ଡା, ଭଟ୍ଟାପାଣି, ନୀଳଜୀ ଓ କଇଁଟପଦରର ସର୍ବମୋଟ ୭୦ ଜଣ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା । ଦ୍ୱିତୀୟ ଦିନରେ ଘାଟମାଳ କେନ୍ଦୁମୁଣ୍ଡା, ହାତିବନ୍ଧା ଓ ଗୋଡାଳ କ୍ଲଷ୍ଟରର ୭୨ ଜଣ। ତୃତୀୟ ଦିବସରେ ଯୋଗୀବାହାଲ, ପଡିଆଲପଡା, ସିଙ୍ଘଝର ଓ ଗୋବିନ୍ଦପୁର କ୍ଲଷ୍ଟରର ୬୫ ଏବଂ ଶୁକ୍ରବାର ଶେଷ ଦିବସରେ ବ୍ରାହ୍ମଣୀଗୁଡା, ସିନାପାଲି, ଡଙ୍ଗରୀଗୁଡା, ଗମ୍ଭାରୀଗୁଡା କ୍ଲଷ୍ଟରର ୧୧୦ଜଣ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଛି । ଏହି ଯାଞ୍ଚ ପ୍ରକ୍ରିୟା କେବଳ ୨୦୧୧ଠାରୁ ପରେ ଯେଉଁମାନେ ଚାକିରି କରୁଛନ୍ତି ସେମାନଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଉଛି । ଯାଞ୍ଚ ପ୍ରକ୍ରିୟାରେ ମାଟ୍ରିକ, ଯୁକ୍ତ ୨ ସମେତ ଅନ୍ୟାନ୍ୟ ଡିଗ୍ରୀଧାରୀମାନଙ୍କୁ ମାର୍କସିଟ, ବୋର୍ଡ ସାର୍ଟିଫିକେଟ ମଗାଯାଉଛି ଏବଂ ବିଏ ବିଇଡି ଶିକ୍ଷକମାନଙ୍କୁ ମାର୍କସିଟ, ବୋର୍ଡ ସାର୍ଟିଫିକେଟ ସମେତ ମାଇଗ୍ରେସନ ସାର୍ଟିଫିକେଟ, ଇକ୍ୟୁଭେଲେଣ୍ଟ ସାର୍ଟିଫିକେଟ ମଗାଯିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି । ହେଲେ ବାହାର ରାଜ୍ୟରୁ ଶିକ୍ଷା ଗ୍ରହଣ କରିଥିବା ବିଏ ବିଇଡି ଶିକ୍ଷକମାନଙ୍କ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟଧାରୀ ଶିକ୍ଷକମାନଙ୍କୁ ନେଇ ସିନାପାଲି ବ୍ଲକରେ ପୂର୍ବରୁ ଅନେକଥର ନକଲି ଥିବା ସନ୍ଦେହ କରି ଅଭିଯୋଗ ହୋଇଆସୁଥିଲା। ଅଭିଯୋଗ ସତ୍ତ୍ୱେ ଶିକ୍ଷା ବିଭାଗ ଏମାନଙ୍କୁ ଘଣ୍ଟ ଘୋଡାଉଥିବା ସାଧାରଣରେ ଚର୍ଚ୍ଚା ହୋଇଆସୁଛି। ସୂଚନାଯୋଗ୍ୟ ଯେ, ବାହାର ରାଜ୍ୟ ବିଇଡିଧାରୀମାନଙ୍କ କ୍ଷେତ୍ରରେ ପରୀକ୍ଷା ରେକିଂ କାର୍ଡ, ଆଡମିଟ କାର୍ଡ, କେବେ ନାମ ଲେଖାଇଲେ, ଆଡମିଶ ନକଲ ଲେଟର, ଆଡମିଶନ କ୍ରମିକ ସଂଖ୍ୟା କେତେ, କେବେ ଏନଟ୍ରାନ୍ସ ଦେଲେ, ଷ୍ଟଡି ସେଣ୍ଟର କେଉଁଟା, କେତେ ତାରିଖରୁ କେତେ ତାରିଖ ପର୍ଯ୍ୟନ୍ତ ୱାର୍କସପ୍ କଲେ, ପରୀକ୍ଷା କେନ୍ଦ୍ର କେଉଁଟା ଥିଲା, ପରୀକ୍ଷା କେବେ ଦେଲେ, ଫଳାଫଳ କେବେ ଘୋଷଣା ହେଲା । ଏସବୁର ସର୍ବଶେଷ ତଥ୍ୟ ମଗାଗଲେ ପ୍ରକୃତ ଶିକ୍ଷକ ଓ ନକଲି ଶିକ୍ଷକ ଜଣାପଡିଯିବ ବୋଲି ମତପ୍ରକାଶ ପାଇଛି । ସିନାପାଲିରେ ୨୦୧୧ ପରଠାରୁ ଚାକିରୀ କରୁଥିବା ଶିକ୍ଷକମାନଙ୍କ ମଧ୍ୟରେ ଏକ୍ସ କ୍ୟାଡେର ସହକାରୀ ଶିକ୍ଷକ, ଶିକ୍ଷା ସହାୟକ, ଗଣଶିକ୍ଷକ, ଜିଲାପରିଷଦ ଶିକ୍ଷକ, ବିଏ, ବିଇଡି ଶିକ୍ଷକ ସମସ୍ତ ୩୭୧ ମଧ୍ୟରୁ ଖବର ଲେଖା ପର୍ଯ୍ୟନ୍ତ ୧୬୧ ଜଣଙ୍କ ଯାଞ୍ଚ ପ୍ରକ୍ରିୟା ହୋଇସାରିଛି । ଏ ସମ୍ପର୍କରେ ସିନାପାଲି ବ୍ଲକ ଶିକ୍ଷା ଅଧିକାରୀ ଜଗଦିଶ ଖମାରୀଙ୍କୁ ପଚାରିବାରୁ ଯେଉଁମାନଙ୍କ ସାର୍ଟିଫିକେଟଗୁଡିକ ଯେଉଁ ସ୍ଥାନରୁ ବା କେନ୍ଦ୍ରରୁ ଆସିଛି ସେଠାକୁ ଆମେ ପଠାଇବୁ । ସେଠାରୁ ଫେରିବା ପରେ ଅସଲି ନା ନକଲି ପ୍ରକୃତରେ ଜଣାପଡିବ। ଏ ଦିଗରେ ଆମେ ସଜାଗ ରହିଛୁ ବୋଲି କହିଥିଲେ ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



**ସଂକ୍ଷେପରେ**



## ଗୋପାଳପୁରରେ ଇନ୍ଦ୍ରପୂଜା

**ମଦନପୁର,୨୬।୭ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ୍ ଅନ୍ତର୍ଗତ ମଦନପୁର ପଞ୍ଚାୟତ ଗୋପାଳପୁରଠାରେ ଶୁକ୍ରବାର ଇନ୍ଦ୍ର ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ସମସ୍ତ ଜନସାଧାରଣ ଓ ମହିଳା ଯୋଗଦାନ କରିଥିଲେ । ପୂଜା କର୍ତ୍ତା ଭାବେ ବିଶ୍ୱାମିତ୍ର ରଣା ଓ ସୁଭଦ୍ରା ରଣା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୂଜକ ଭାବେ ଦଶରଥ ପାଢୀ ପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ଶ୍ରୀ ରାମଜି ସାଂସ୍କୃତିକ ଅନୁଷ୍ଠାନ ବରିଷ୍ଠ କର୍ମକର୍ତ୍ତାମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନାମ ସଙ୍କିର୍ତ୍ତନ ହୋଇଥିଲା। ଜୟ ଘିଭେଲା, କରୁଣା ବାଗ, ବୈଦ୍ୟେନ୍ଦ୍ର ଗହିର ଓ ଜଗଦିଶ ରଣା ପୂଜାରେ ସହଯୋଗ କରିଥିଲେ।

## ଛତୁ ତାଲିମ୍ ଶିବିର ଉଦ୍‌ଘାଟିତ

**ଭବାନୀପାଟଣା,୨୬।୭ (ଡି.ଏନ.ଏ.)-** ଭବାନୀପାଟଣା ବନାଞ୍ଚଳ ଅଧୀନରେ ଥିବା ସରିଆଁ ବନସୁରକ୍ଷା ସମିତିଠାରେ ଶୁକ୍ରବାର ଏକ ଛତୁ ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଛତୁଚାଷ ତାଲିମ୍ ବନ ବିଭାଗ (ଆମ ଜଙ୍ଗଲ ଯୋଜନା) ଓ ଏସବିଆଇ ଆରଏସଇଟିଆଇ ତାଲିମ୍ କେନ୍ଦ୍ର ଭବାନୀପାଟଣାର ମିଳିତ ଉଦ୍ୟମରେ ଆୟୋଜିତ ହେଉଛି। ସିରିଆଁ ଗ୍ରାମର ୩୫ ଜଣ ଏସଏସଜି ମହିଳାଙ୍କୁ ନେଇ ଏହି ତାଲିମ କାର୍ଯ୍ୟକ୍ରମ ଚାଲିଛି। ଉଦ୍‌ଘାଟନୀରେ ସ୍ଥାନୀୟ ସରପଞ୍ଚ ଜନନୀ ଭୋଇ, ଏସବିଆଇ ଆରଏସଇଟିଆଇ ତାଲିମ୍ କେନ୍ଦ୍ରର କେନ୍ଦ୍ର ସିନିୟର୍ ଫେକଲ୍ଟି ବିବେକାନନ୍ଦ ରଥ, ପ୍ରମୋଦ କୁମାର ଚୌଧୁରୀ, ବନରକ୍ଷୀ ଦିଆଲୁ ରାଉତ୍, ପ୍ରିତିଶ ତିର୍କୀ, ଉମେଶ ଚନ୍ଦ୍ର ଗଉଡ, ମୀନା କୁମାରୀ ନାଏକ ଓ ବନ ସୁରକ୍ଷା ସମିତି କାର୍ଯ୍ୟକାରୀ କମିଟି ସଭ୍ୟାସଭ୍ୟ ଯୋଗଦେଇଥିଲେ।

## ଚାରା ରୋପଣ କାର୍ଯ୍ୟକ୍ରମ

**ଭବାନୀପାଟଣା,୨୬।୭(ଡି.ଏନ.ଏ.)-** ଭବାନୀପାଟଣାସ୍ଥିତ ରିଜର୍ଭ ପୋଲିସ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଭାଶଚନ୍ଦ୍ର ମିଶ୍ର ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ବୃକ୍ଷରୋପଣ ଓ ବୃକ୍ଷର ସୁରକ୍ଷା କାହିଁକି ଜରୁରି ହୋଇପଡିଛି ସେ ସମ୍ପର୍କରେ ବୁଝାଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସରୋଜା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୋଟାରି କ୍ଲବ୍ ସଭାପତି ହେମନ୍ତ ମୁଣ୍ଡ, ପ୍ରକୃତି ବନ୍ଧୁଶିକ୍ଷକ ରବୀ ପଟ୍ଟନାୟକ, ପୋଲିସ ହାଇସ୍କୁଲର ଜୟରାମ ସାହୁ, ପୋଲିସ ୟୁପିସ୍କୁଲର ନୀଳାମ୍ବର ନାୟକଙ୍କ ସମେତ ଛାତ୍ରୀଛାତ୍ରଙ୍କ ଅଭିଭାବକ, ସ୍କୁଲ ପରିଚାଳନା କମିଟିସଭ୍ୟ ଯୋଗଦେଇଥିଲେ। ସମସ୍ତେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ଦାସ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରମା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

### କେସିଙ୍ଗା ଷ୍ଟେଶନର ନୂତନ କାର୍ଯ୍ୟାଳୟ, ଗେଟ

# ୫ ମାସ ହେଲା ଅକାମୀ ହୋଇପଡ଼ିଛି

■ ଯାତ୍ରୀ ଗମନାଗମନରେ ଅସୁବିଧା

**କେସିଙ୍ଗା,୨୬।୭ (ଡି.ଏନ.ଏ.)**

ସମ୍ବଲପୁର ରେଳ ଡିଭିଜନ ଅନ୍ତର୍ଗତ କେସିଙ୍ଗାସ୍ଥିତ ରେଳ ଷ୍ଟେଶନର ନୂତନ ମୁଖ୍ୟ କାର୍ଯ୍ୟାଳୟ ଓ କମ୍ପ୍ୟୁଟର ଗୃହ ୫ ମାସ ହେଲା ଅକାମୀ ହୋଇ ପଡିରହିଛି । ଗତ ୨୦୧୬-୧୭ ଆର୍ଥିକ ବର୍ଷରେ କେସିଙ୍ଗା ରେଳ ଷ୍ଟେଶନ ଆଧୁନିକ ପ୍ରଣାଳୀରେ ମୁଖ୍ୟ କାର୍ଯ୍ୟାଳୟ ଓ କମ୍ପ୍ୟୁଟର ଗୃହ ନିର୍ମାଣ କରିବା ପାଇଁ ରେଳ ବିଭାଗ ପକ୍ଷରୁ ଆରଭିଏନଏଲ ମେଘା ପ୍ରୋଜେକ୍ଟକୁ ଦାୟିତ୍ୱ ଦିଆଯାଇଛି । ଗତ ମାର୍ଚ୍ଚ ୨୦୧୯ରେ ଭୁବନେଶ୍ୱର ଜେନେରାଲ ମ୍ୟାନେଜରଙ୍କ ପରିଦର୍ଶନ ପରଠାରୁ କାମ ବନ୍ଦ ରହିଛି । ପ୍ଲାଟଫର୍ମ ୧ ନମ୍ବରକୁ ଯାତ୍ରୀମାନେ ଅସ୍ଥାୟୀ କାଦୁଅ ରାସ୍ତା ଦେଇ ଷ୍ଟେଶନକୁ ଯିବାଆସିବା କରୁଛନ୍ତି । ପ୍ଲାଟଫର୍ମ ୧ରେ ନୂତନ ଆଧୁନିକ ପ୍ରଣାଳିରେ ଷ୍ଟେଶନର ମୁଖ୍ୟ କାର୍ଯ୍ୟାଳୟ ଓ କମ୍ପ୍ୟୁଟର ଗୃହ ନିର୍ମାଣରେ ବିଳମ୍ବ ହେଉଛି । ଭିନ୍ନକ୍ଷମ, ବୁଢ଼ାବୁଢ଼ୀ ଓ ଯାତ୍ରୀମାନେ ଅସ୍ଥାୟୀ କାଦୁଅ ରାସ୍ତା ଦେଇ ପ୍ଲାଟଫର୍ମ ୧କୁ ବହୁ କଷ୍ଟରେ ଯିବା ଆସିବା କରୁଛନ୍ତି । କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ମୁଖ୍ୟ କାର୍ଯ୍ୟାଳୟ ଓ କମ୍ପ୍ୟୁଟର ଗୃହ ଏବଂ ମୁଖ୍ୟ ଗେଟ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ । ନୂତନ ଏହି ଗୃହ ପଛପଟେ ବିକଳାଙ୍ଗ, ବୁଢ଼ାବୁଢ଼ୀ ଓ ଅନ୍ୟାନ୍ୟ ଯାତ୍ରୀମାନେ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ନୂତନ ଗୃହ ପଛପଟେ ଭିନ୍ନକ୍ଷମ ଓ ବୁଢ଼ାବୁଢ଼ୀମାନଙ୍କ ଚଢ଼ିବା ପାଇଁ ପାହଚ ନିର୍ମାଣ ଅଧାପନ୍ତରିଆ ହୋଇ ପଡିରହିଛି । ପ୍ଲାଟଫର୍ମ ନଂ. ୧ ବର୍ଷା ପାଣିରେ ଛାୟା ଗୃହରୁ ପାଣି ଗଳୁଛି। ଫଳରେ ଯାତ୍ରୀମାନେ ହଇରାଣ ହେଉଛନ୍ତି ।

ଏହି ୧ ନମ୍ବର ପ୍ଲାଟ ଫର୍ମ ପଛପଟେ ଗୋଟିଏ ଯାନବାହନ ପାର୍କିଂ ନ ଥିବାରୁ ଯାତ୍ରୀମାନେ ଗାଡି ମୋଟର, ସାଇକେଲ ରଖିବାରେ ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି । ପ୍ଲାଟଫର୍ମ ନଂ. ୩ରେ ଥିବା ଯାନବାହନ ପାର୍କିଂ ଅଣଓସାରିଆ ହୋଇଛି । ଏହି ୩ ନମ୍ବରରେ ଦୀର୍ଘ ୧ ବର୍ଷ ହେଲା ଷ୍ଟିଟ ଲାଇଟ ଅକାମି ହୋଇ ପଡିରହିଛି । ଦୀର୍ଘ ୩ ବର୍ଷ ହେଲା ୧ ନମ୍ବର ପ୍ଲାଟ ଫର୍ମରେ ଥିବା କେଣ୍ଟିନ ମଧ ଅକାମି ହୋଇ ପଡିରହିଛି । ଏହି ସବୁ ସମସ୍ୟା ଉପରେ କଳାହାଣ୍ଡି ରେଳ ଯାତ୍ରୀ ସଂଘ କେସିଙ୍ଗା ପକ୍ଷରୁ ୩ ଥର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଜଣାପଡିଛି । ଏ ସଂକ୍ରାନ୍ତରେ କେସିଙ୍ଗା ଷ୍ଟେଶନ ମାଷ୍ଟର ଏସ.କେ. ମିଶ୍ରଙ୍କୁ ପଚାରିବାରୁ ମୁଁ ଏହାକୁ କହି ପାରିବିନି । ଡିଆରଏମ ଜାଣିବେ ବୋଲି ପ୍ରକାଶ କରିଥିଲେ ।



ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି କେସିଙ୍ଗା ରେଳ ଷ୍ଟେଶନର ନୂତନ ମୁଖ୍ୟ କାର୍ଯ୍ୟାଳୟ ଓ ଗେଟ ।




ବିଜୟ ଦିବସ ପାଳନ ଅବସରରେ ଆୟୋଜିତ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା ।

# କାରଗିଲ ବିଜୟ ଦିବସ ପାଳନ କଲେ ଛାତ୍ରୀଛାତ୍ର

**ଭବାନୀପାଟଣା,୨୬।୭ (ଡି.ଏନ.ଏ.)**

ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଶୁକ୍ରବାର କାରଗିଲ ବିଜୟ ଦିବସ ପାଳନ କରାଯାଇଛି। ୧୯୯୯ରେ ଭାରତ-ପାକିସ୍ତାନ କାରଗିଲ ଯୁଦ୍ଧରେ ଶହୀଦ୍ ବୀର ଯବାନ୍‌ମାନଙ୍କ ଅମର ଆତ୍ମାର ସ୍ମୃତିଚାରଣ ସହ ଗଭିର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଛାତ୍ର ନେତା କେ. ପ୍ରବିଣ କୁମାରଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର କଲେଜ ଛକଠାରେ ଏକ ଶୋଭାଯାତ୍ରାରେ ବାହାରି ମାଣିକେଶ୍ୱରୀ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଯାଇଥିଲେ। ଆଜିର ଦିନରେ ମାତୃଭୂମିର ରକ୍ଷା ଓ ସୁରକ୍ଷା ପାଇଁ ଭାରତୀୟ ଯବାନ୍‌ମାନେ ନିଜ ଜୀବନକୁ ବାଜି ଲଗାଇ ନିଜର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଶତ୍ରୁର ମୁକାବିଲା କରି ଭାରତୀୟ ସେନା କାରଗିଲ ବିଜୟ କରିଥିଲେ। ସେହି ଶହୀଦ୍ ଓ ବୀର ଯବାନ୍‌ମାନଙ୍କ ବୀରତ୍ୱ କାହାଣି ସ୍କୁଲ ଓ କଲେଜର ପାଠ୍ୟକ୍ରମରେ ସେମାନଙ୍କ ବୀର ଗାଥାକୁ ସ୍ଥାନ ଦିଆଯାଉ ବୋଲି ପ୍ରକାଶ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ୍ ଦେଇ ଶୋଭାଯାତ୍ରା କରିଥିଲେ। ଏହି ଶୋଭାଯାତ୍ରାରେ ପୂର୍ବତନ ଛାତ୍ର ସଂସଦ ସଭାପତି ଅଭିନାଶ ଠାକୁର, ଆଶିଷ ମହାପାତ୍ର, ଛାତ୍ରନେତା ରାହୁଲ ରାୟ, ପ୍ରତିକ୍ଷ୍ୟା ଠାକୁର, ବିଷ୍ଣୁପ୍ରିୟା ଦାସ, ଶିବାନନ୍ଦ ସାହୁ, ନାନେଶ୍ୱର ଦୁର୍ଗା, ମୋନାଲିଷା ହରପାଲ୍, ସୁଧିର ଧଙ୍ଗଡାମାଝି, ବିଶ୍ୱଜିତ୍ ବାଗ ପ୍ରମୁଖ ନେତୃତ୍ୱ ନେଇଥିଲେ।



ଛାତ୍ରୀଛାତ୍ରଙ୍କ ଗହଣରେ ଉପସ୍ଥିତ ଅତିଥି ବୃନ୍ଦ ।

# କାରଗିଲ ବିଜୟ ଦିବସରେ ଚାରା ରୋପଣ କାର୍ଯ୍ୟକ୍ରମ

**କୋକସରା,୨୬।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଏନସିସି ଓ ୟୁଥ ରେଡକ୍ରସର ମିଳିତ ସହଯୋଗରେ ଶୁକ୍ରବାର କାରଗିଲ ବିଜୟ ଦିବସରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସବୁଜ ବିପ୍ଳବ ଦିନ ଅର୍ଥାତ୍ ଚାରା ରୋପଣ କରି ପାଳନ କରିବା ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ କଲେଜ ଅଧକ୍ଷ ଗୁଣାକାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଥାନା ଅଧିକାରୀ ସତ୍ୟନାରୟଣ ପ୍ରଧାନ, ସମ୍ମାନିତ ଅତିଥି ସାମାଜିକ କର୍ମୀ ଘାସିରାମ ପାଟଯୋଷୀ, ଆମପାଣି ବନପାଳ ନରେନ୍ଦ୍ର ବିଶି ଯୋଗଦେଇଥିଲେ। ପ୍ରଥମେ ଅତିଥିମାନେ ଶହୀଦ ଯବାନମାନଙ୍କ ସ୍ମୃତି ଉଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ଅତିଥି, ଅଧାପକ ଓ ଛାତ୍ରୀଛାତ୍ରମାନେ ଚାରା ରୋପଣ କରିଥିଲେ । ପରେ କାରଗିଲ ବିଜୟ ଦିବସ ଉପରେ ଏକ ଆଲୋଚନଚକ୍ର ହୋଇଥିଲା। ଏଥିରେ ଅତିଥିମାନେ ଯୁବପିଢୀମାନେ ଦେଶ ପାଇଁ ତ୍ୟାଗ ଓ ବଳିଦାନ ରଖିଲେ ଆମ ଦେଶ ପ୍ରତି କୌଣସି ବାହ୍ୟ ଶକ୍ତି ଆକ୍ରମଣ କରିବାକୁ ସାହାସ କରିବ ନାହିଁ ବୋଲି କହିଥିଲେ। ଏହି ଅବସରରେ ଅଧାପକ ପୁଷ୍ପରାଜ ମେହେର, ଅଇରି ନାଶନ ଚିନ୍ଦା, ଜଗନ ଚନ୍ଦାନି, ଏନସିସି ପ୍ରଶିକ୍ଷକ ଲେପ୍ଟନ୍ୟାଣ୍ଟ ଅଶ୍ୱିନି କୁମାର ପଟ୍ଟନାୟକ, ୟୁଥ ରେଡକ୍ରସ ପରାମର୍ଶଦାତା ସୁବ୍ରତ କୁମାର ବେହେରାଙ୍କ ସମେତ କଲେଜ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଚେତନତା କାର୍ଯ୍ୟକ୍ରମ

**ମଦନପୁର,୨୬।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ୍ ଭାରପ୍ରାପ୍ତ କୃଷି ଅଧିକାରୀ ଭାସ୍କର ସାହୁଙ୍କ ନେତୃତ୍ୱରେ ଓ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ନେଇ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମ.ରାମପୁର ବ୍ଲକ କୃଷି କାର୍ଯ୍ୟାଳୟରୁ ବାହାରି ପ୍ରତ୍ୟେକ ଗ୍ରାମ ପରିକ୍ରମା କରି କୃଷକମାନଙ୍କୁ ସଚେତନ କରିଥିଲେ। ପ୍ରଥମ ଦିନରେ ପଣ୍ଡକାମାଳ, ସାଇଦଲଙ୍ଗା, ବମକ ଓ ସାଲେପାଲି ଗ୍ରାମ ପରିକ୍ରମା କରିଥିଲେ। ଦ୍ୱିତୀୟ ଦିନରେ ମଦନପୁର ପଞ୍ଚାୟତରେ ପହଞ୍ଚି ଗୋଛାଡେଙ୍ଗେନ, ଅଲାଟରା ଓ ଡମ୍ କର୍ଲାଖୁଣ୍ଟାରେ ସଚେତନତା କରାଇଥିଲେ । ଏଥିରେ ମୁଣିଙ୍ଗ୍ କୃଷି ଓଭରସିୟର ସନ୍ତୋଷ ପାଢୀ, ଗୋଛାଡେଙ୍ଗେନ ଗ୍ରାମ୍ୟ କୃଷି କର୍ମଚାରୀ ଅନିଲ କୁମାର ଦୋରା, ଡମ୍‌କର୍ଲାଖୁଣ୍ଟା ଅମୀୟ ମାଝି, ରାଜେନ୍ଦ୍ର ନାରାୟଣ ମାଝି, ନନ୍ଦୁଲାଲ ଭୋଇ ଓ ମଦନପୁର ଗ୍ରାମ୍ୟ କୃଷି କର୍ମଚାରୀ ବୁଦ୍ଧଦେବ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ମଦନପୁର ପଞ୍ଚାୟତ ସରପଞ୍ଚ ରାଜେଶ ଧଙ୍ଗଡାମାଝିଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଓ ଲାଭ ବିଷୟରେ କୃଷକମାନଙ୍କୁ ଅବଗତ କରାଇଥିଲେ । କୃଷକ ସାଥୀ ଦାସରଥୀ ରଣା ଓ ଭରତ ରଣା ସହଯୋଗ କରିଥିଲେ।

### ଅବ୍ୟବସ୍ଥା ଘେରରେ ଭୀମ ଭୋଇ ସାମର୍ଥ୍ୟ ଶିବିର

# ଅନ୍‌ଲାଇନ ପଞ୍ଜୀକୃତ କରି ନ ପାରି ଭିନ୍ନକ୍ଷମ ନିରାଶ

**କର୍ଲାମୁଣ୍ଡା,୨୬।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନର ଅବହେଳା ଯୋଗୁ ୫୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତି ଅନ୍‌ଲାଇନ ପଞ୍ଜୀକୃତ କରି ନ ପାରି ହଇରାଣର ହୋଇଥିବା ଦେଖିବାକୁ ମିଳିଛି। ସୂଚନା ମତେ ବ୍ଲକରେ ହୋଇଥିବା ଭୀମଭୋଇ ସାମର୍ଥ୍ୟ ଶିବିରରେ ୨୨୫ ଜଣ ବ୍ୟକ୍ତି ପଞ୍ଜୀକୃତ ହୋଇଥିବା ବେଳେ କଳାହାଣ୍ଡି ମୁଖ୍ୟ ଚିକିତ୍ସାଧିକାରୀ ବନଲତା ଦେବୀ, ଏଡିଏମଓ (ଏଫ.ଡବ୍ଲ୍ୟୁ) ଅଶୋକ କୁମାର ଦାସ, ମାନସିକ ରୋଗୀ ବିଶେଷଜ୍ଞ ପ୍ରତାପ କୁମାର ପଟନାୟକ, ଆଖି ବିଶେଷଜ୍ଞ ପ୍ରିୟଙ୍କା ସିନ୍ଧେ, ଅସ୍ଥି ବିଶେଷଜ୍ଞ ସୁନୀଲ କୁମାର ପାଢୀ, ଇଏନଟି ସ୍ପେଶାଲିଷ୍ଟ ପି.କେ. ପାଣ୍ଡେ ପ୍ରମୁଖ ଯୋଗଦେଇ ଅନ୍‌ଲାଇନ ହୋଇଥିବା ବ୍ୟକ୍ତିମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟପଟେ ଭୀନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ଅନ୍‌ଲାନ ପଞ୍ଜୀକୃତ କରାଯିବା ବ୍ୟବସ୍ଥା ରହିଥିଲେ ହେଁ ପର୍ଯ୍ୟାପ୍ତ ପରିମାଣରେ ଅନଲାଇନ ପଞ୍ଜୀକରଣ ପାଇଁ ବ୍ଲକ ପକ୍ଷରୁ ବ୍ୟବସ୍ଥା କରାଯାଇ ନ ଥିବାରୁ ଅନେକ ବ୍ୟକ୍ତି ଅନ୍‌ଲାଇନ ପଞ୍ଜୀକୃତ ହୋଇ ନ ପାରି ନିରାଶରେ ଫେରିଛନ୍ତି।

ଏ ନେଇ ବିଏସଏସଓଙ୍କ ଅନୁପସ୍ଥିତିରେ କାର୍ଯ୍ୟକ୍ରମ ଆୟୋଜନର ଦାୟିତ୍ୱରେ ରହିଥିବା ପ୍ରଗତି ସହାୟକ ପୁରୁଷୋତ୍ତମ ଧରୁଆଙ୍କୁ ପଚାରିବାରୁ ଯେଉଁମାନେ ଶୁକ୍ରବାର ଅନ୍‌ଲାଇନ ପଞ୍ଜୀକୃତ କରିପାରି ନାହାନ୍ତି, ସେମାନଙ୍କ ପାଇଁ ୧ ତାରିଖରେ ବ୍ଲକ ପକ୍ଷରୁ ଅନ୍‌ଲାଇନ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ପକ୍ଷରୁ ପିଇଓ ଶଙ୍କର ପଧାନ, କ୍ଷୀରସାଗର ରଣା, ପାର୍ଥ ରଣା, ପ୍ରଦୀପ ସାହୁ, ଜଗଦୀଶ ଜାନୀ ଓ ଗ୍ରାମରୋଜଗାର ସେବକ ଶିବ କୁମାର ଭୋଇ, କ୍ଷମାସାଗର ସାହୁ, ସୀତାରାମ ପାତ୍ର, ଶିଶିର ଗହୀର, ଉମେଶ ସୁନା, ଛାୟାକାନ୍ତ ସାହୁ ବିପିସି ରୁଦ୍ରପ୍ରସାଦ ସାହୁ, ନରେଗା ସହାୟକ ବିରଞ୍ଚି ଗହୀର, ଏସିପି ସତ୍ୟନାରାୟଣ ପଧାନ, ଡିଇଓ ନରହରି ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଶିବିରକୁ ଆସିଥିବା ବ୍ୟକ୍ତିମାନଙ୍କ ପଞ୍ଜୀକୃତ କରାଯାଉଛି।

### ଜୁନାଗଡ଼ରେ ନାଟ୍ୟ କଳା ମହାସଂଘର ସାଙ୍ଗଠନିକ ସଭା

# ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉ

**ଜୁନାଗଡ,୨୬।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଆରଏମ୍‌ସି ଗୋଦାମଠାରେ ଶୁକ୍ରବାର ନାଟ୍ୟ କଳା ମହାସଂଘର ଏକ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ଓ ଗୋଲାମୁଣ୍ଡା ବ୍ଲକ ଜୋନ ନାଟ୍ୟ କଳାସଂଘ ପକ୍ଷରୁ ଏହାକୁ ଆୟୋଜନ କରାଯାଇଥିଲା। ଏଥିରେ କଳାହାଣ୍ଡି ଜିଲା ସମେତ ପଡୋଶୀ ନୂଆପଡା, ନବରଙ୍ଗପୁର ଓ ଛତିଶଗଡ ଅଞ୍ଚଳର ନାଟ୍ୟ କଳାକାରମାନେ ଯୋଗଦେଇଥିଲେ। ଜୟପାଟଣା ବ୍ଲକ ସଭାପତି ନବିନ ଧଙ୍ଗଡାମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମହାସଂଘ ସଭାପତି ପ୍ରିୟରଞ୍ଜନ ପଣ୍ଡା, ମୁଖ୍ୟବକ୍ତା ଭାବେ ମହାସଂଘ ସମ୍ପାଦକ ଡମ୍ବରୁଧର ବାଗ, ସମ୍ମାନିତ ଅତିଥି ଭାବେ ମହାସଂଘର ଉପସଭାପତି ପଦ୍ମକିଶୋର ଦୁର୍ଗା, ମହାସଂଘର ଉପଦେଷ୍ଟା ମନୋଜ କୁମାର ଦାସ, ଯୁଗୋଳ କିଶୋର ମାଝି, ନାଟ୍ୟଗୁରୁ ହୁକମତ୍ ନାଗେଶ, ରୋହିତ ନାଗେଶ, ମଧୁ ସୁଦନ ସା, ଚଉବନ ସା, ମୁନୁ ଦାସ, ପ୍ରଦୀପ ମେହେର, ଦେବେନ୍ଦ୍ର ନାଏକ, ଦୟା ବିହାରୀ, ଅକ୍ଷୟ ମାଝି, ଅଭି ଟୋଲଟିଆ, ଲୋକେଶ ପାତ୍ର, ଶିଶିର ମାଝି, କୋକସରା ବ୍ଲକ ସଭାପତି ଭିକାରୀ ଦୁର୍ଗା, ସମ୍ପାଦକ କମଲ କୁମାର, କଲମପୁର ସଭାପତି ଅଶୋକ କର, କୃଷ୍ଣଚନ୍ଦ୍ର ଲେଞ୍ଜିଆ ପ୍ରମୁଖ ଯୋଗଦେଇଥିଲେ। ନାଟ୍ୟ କଳାକାରଙ୍କୁ ସରକାରଙ୍କ ପକ୍ଷରୁ କୌଣସି ପ୍ରୋତ୍ସାହନ ଯୋଗାଇ ଦିଆଯାଉ ନ ଥିବାରୁ ସେମାନେ ଏବେ ଦୟନୀୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି। ଅନେକ କଳାକାର ବାଧ୍ୟ ହୋଇ ପେଟ ପାଇଁ ନିଜ ବୃତ୍ତିକୁ ଛାଡି ଦାଦନ ଖଟିଯିବା ସହ ଅନ୍ୟାନ କାମଧନ୍ଦା କରୁଛନ୍ତି। ଫଳରେ ଓଡିଶାର ସର୍ବପ୍ରାଚୀନ ନାଟ୍ୟ କଳା ଦିନକୁ ଦିନ ଲୋପ ପାଇବାକୁ ବସିଛି। ସରକାରଙ୍କ ପକ୍ଷରୁ ନାଟ୍ୟ କଳାକାରଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ପୁଣିଥରେ ଉକ୍ତ କଳାକାରମାନେ ନିଜର ବୃତ୍ତିକୁ ଆପଣାଇ ଲୋକଙ୍କୁ ମନୋରଞ୍ଜନ କରିପାରିବେ ବୋଲି ସଭାରେ ବକ୍ତାମାନେ ଉଦ୍‌ବୋଧନ ଦେଇଥିଲେ। ସେହିପରି ନାଟ୍ୟକଳାକାରଙ୍କୁ ଏକତ୍ର ହୋଇ ସଙ୍ଗଠନକୁ ମଜଭୁତ୍ କରିବା ସହ କଳାକୁ ପ୍ରସାରିତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ବେଦବର ଡୋଙ୍ଗରୀ ପରିଚାଳନା କରିଥିଲେ। ନାଟ୍ୟଗୁରୁ ସୁଧାଂଶୁ ଶେଖର ନାଏକ ଧନ୍ୟବାଦ ଦେଇଥିଲେ।



ନାଟ୍ୟ କଳା ମହାସଂଘର ସାଙ୍ଗଠନିକ ସଭାରେ ମଞ୍ଚାସୀନ ଅତିଥି ।

# ମାଓବାଦୀପ୍ରବଣ ଇଲାକାରେ ପହଞ୍ଚିଲେ ବିଡିଓ

**ଥୁଆମୂଳ ରାମପୁର ବ୍ଲକ**

■ ଲୋକଙ୍କ ମଧ୍ୟରେ ଆଶାର ସଞ୍ଚାର

■ ବିଡିଓଙ୍କୁ ପ୍ରଥମ ଥର ଦେଖି ଲୋକେ ଉତ୍ସାହିତ

**ଭବାନୀପାଟଣା,୨୬।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁ. ରାମପୁର ବ୍ଲକର ଦୁର୍ଗମ ତଥା ମାଓବୀଦ ଅଞ୍ଚଳରେ ପ୍ରଥମ ଥର ପାଇଁ ବିଡିଓ ପହଞ୍ଚିଛନ୍ତି। ବିପଦସଙ୍କୁଳ ବଣପାହାଡ ଚଲାପଥ ଦେଇ ନିଜ କର୍ତ୍ତବ୍ୟ ଓ ଦକ୍ଷତାର ପରିଚୟ ଦେଇଛନ୍ତି ଥୁଆମୂଳ ରାମପୁର ବିଡିଓ ନବୀନ ଚନ୍ଦ୍ର ନାଏକ। ଥୁ. ରାମପୁର ବ୍ଲକର ଅତି ଦୁର୍ଗମ ଓ ମାଓବାଦୀ ପ୍ରବଣ ଅଞ୍ଚଳ କେଲୁଆ, ଘୁମେର, ମୁଲିମୁଇ, କୁଟ୍ରୁମାଳି, ମେଲଘରା ଭଳି ଅନେକ ଅପହଞ୍ଚ ଗ୍ରାମକୁ ଯାଇଥିଲେ। ସେଠାରେ ଦୁର୍ବିସହ ଜୀବନଯାପନ କରୁଥିବା ଲୋକମାନଙ୍କ ସମସ୍ୟା ସବୁ ବୁଝି ସମାଧାନର ଆଶ୍ୱାସନା ଦେଇ ଫେରିଥିଲେ। ବିଡିଓଙ୍କ ଏଭଳି ଦୁଃସାହସିକ ପଦକ୍ଷେପ ଓ ବିଡିଓଙ୍କୁ ପ୍ରଥମ ଥର ପାଇଁ ନିଜ ଗାଁରେ ଲୋକେ ଦେଖି ଉତ୍ସାହିତ ହୋଇ ପଡିଥିଲେ। ପ୍ରକାଶ ଯେ, ଥୁଆମୁଳ ରାମପୁର ବ୍ଲକ ନାକରୁଣ୍ଡି ପଞ୍ଚାୟତର କେଲୁଆ, ବିରିକୋଟ ପଞ୍ଚାୟତର ଘୁମେର, କେରପାଇ ପଞ୍ଚାୟତର ମୁର୍ଲିମୁଇଁ ଗାଁକୁ ପୂର୍ବରୁ ବ୍ଲକର କୌଣସି ବିଡିଓ ଗସ୍ତ କରି ନ ଥିଲେ। ପ୍ରଥମ ଥର ପାଇଁ ବିଡିଓ ନାଏକ ସେଠାରେ ବ୍ଲକ କର୍ମଚାରୀମାନଙ୍କ ସହିତ ପହଞ୍ଚିଥିଲେ। ଲୋକମାମନଙ୍କୁ ଭେଟି ବିଭିନ୍ନ ସମସ୍ୟା ଓ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସୁଫଳ ପାଇବା ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।

ବ୍ଲକର ସିଲେଟ ପଞ୍ଚାୟତ ଆଦିବାସୀବହୁଳ ୧୧ଟି ଗ୍ରାମ ସମେତ କେରପାଇ ପଞ୍ଚାୟତର ମେଲରପା, କୁଟ୍ରୁମାଳି, ମୁର୍ଲିମୁଇ, ସିଙ୍ଗେରଗଡ, ପୋଡାପାଇ, ସିନ୍ଧିପଦର ପଞ୍ଚାୟତର କାଞ୍ଜିଗୁଡା, ବାର୍ସିକୋଣା, ଥୁଆମୂଳ ରାମପୁର ପଞ୍ଚାୟତର ବାଇଗନଗୁଡା ବିରିକୋଟ ପଞ୍ଚାୟତର ଡୁମରିଖୋଲ, ଘୁମରପାଡେପଦର ପଞ୍ଚାୟତର ଭାଟିପାସ୍ ଓ ଟିକନ୍ ଖଡକ, ନାକରୁଣ୍ଡି ପଞ୍ଚାୟତର କେଲୁଆ, ମେଲଘରା, ଡେଙ୍ଗେନ, ତିଜମାଳି, କିଆପଦର ପଞ୍ଚାୟତର ମେଲଘରା, ଗୋପୀନାଥପୁରର ଦୁର୍ମୁସି ଓ କନରଫାସ୍, ତଲଝାପି ପଞ୍ଚାୟତର ଝାପିଗୁଡା, ତଳନାଗି ପଞ୍ଚାୟତର ଅନେକ ଗ୍ରାମ ଓ ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ଥିବା ପୋଡାପଦର ପଞ୍ଚାୟତର ସମସ୍ତ ଗ୍ରାମକୁ ଗମନାଗମନର ବ୍ୟବସ୍ଥା ନ ଥିବା ଯୋଗୁ ଅବହେଳିତ ହୋଇ ପଡିରହିଛି। ଶିକ୍ଷା ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଭଳି ସାଧାରଣ ମୌଳିକ ସୁବିଧା ସେଠାରେ ଅପହଞ୍ଚ ହୋଇପଡିଛି। ବିଭିନ୍ନ ସରକାରୀ ଯୋଜନା ମଧ କାର୍ଯ୍ୟକାରୀ ହେବାରେ ଅନେକ ସମସ୍ୟାର ସାମ୍ନା କରିବାକୁ ପଡୁଛି। ଏସବୁ ଅଞ୍ଚଳରେ ମାଓବାଦୀ ଉପଦ୍ରବ ଥିବା ଯୋଗୁ ସରକାରୀ ଯୋଜନା ପହଞ୍ଚିବା ଓ ତଦାରଖ କରିବା ନେଇ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏହିସବୁ ଯୋଗୁ ପ୍ରଶାସନିକ ଅଧିକାରୀ ବିଭିନ୍ନ କାରଣ ଦର୍ଶାଇ ନିଜ ଦାୟିତ୍ୱକୁ ଅଣଦେଖା କରିଥାନ୍ତି। କିନ୍ତୁ ଏସବୁ ସମସ୍ୟାକୁ ଖାତିର ନ କରି ନିଜ ଜୀବନକୁ ବାଜି ଲଗାଇ ବିଡିଓଙ୍କ ଦୁର୍ଗମ ଅଞ୍ଚଳରେ ପହଞ୍ଚିବା ଯୋଗୁ ଥୁଆମୂଳ ରାମପୁର ବ୍ଲକବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି।



ବିଡିଓ ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ ଓ ମାଓବାଦୀ ପ୍ରବଣ ଅଞ୍ଚଳ ପରିଦର୍ଶନ କରୁଛନ୍ତି ।



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ୍ୟ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସଂକ୍ଷେପରେ

### ସବ୍‌ଡେଗା ବ୍ଲକ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାଫଳ ପ୍ରକାଶିତ

**ସବ୍‌ଡେଗା, ୨୬।୭ (ଡି.ଏନ.ଏ):** ସବଡେଗା ବ୍ଲକ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ମେଧା ତାଲିକାରେ ସରକାରୀ ଉପ୍ରା ବିଦ୍ୟାଳୟ ଛାତ୍ର ଫଳକ ନଉସର ପ୍ରଥମ, ପ୍ରାଥମିକ ବିଦ୍ୟାଳୟ ଜଗତଗଡର ଛାତ୍ରୀ ସିମି ପଟେଲ ଦ୍ୱିତୀୟ, ସରକାରୀ ପ୍ରାଥମିକ ଦେହୁରୀମୁଣ୍ଡାର କ୍ଷିତେଶ୍ୱରୀ ଦେହେରୀ ତୃତୀୟ, ସରକାରୀ ପ୍ରାଥମିକ ବିଦ୍ୟାଳୟର ପୁଷ୍ପିକା ରୋହିଦାସ ଚତୁର୍ଥ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଓମକାର ପଟେଲ ଓ ପ୍ରତିଭା ମାଝୀ ଯଥାକ୍ରମେ ପଞ୍ଚମ ଓ ସପ୍ତମ ସ୍ଥାନ, ସରକାରୀ ପ୍ରାଥମିକ ବିଦ୍ୟାଳୟର ସ୍ନିଗ୍ଧାରାଣୀ ପାଣ୍ଡେ ଷଷ୍ଠ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଛନ୍ତି। ଦାରିଦ୍ର୍ୟ ମେଧା ତାଲିକାରେ ପ୍ରାଥମିକ ବିଦ୍ୟାଳୟ ଭୋଜପୁରର ଶୃତି ଚୌଧୁରୀ ଅଷ୍ଟମ ସ୍ଥାନ, ଉପ୍ରା ବିଦ୍ୟାଳୟ ଯମୁନାର ପୁନମ ଭିଡ୍ରିଆ ନବମ, ପ୍ରାଥମିକ ବିଦ୍ୟାଳୟ ଛତାସର୍ଗିର ଗାୟତ୍ରୀ ଗର୍ଡିଆ ଦଶମ, ଉଚ୍ଚ ବିଦ୍ୟାଳୟ ପୋଡାଜଲଙ୍ଗାର ଛାତ୍ର ଅମନ ଭୋଇ ଏକାଦଶ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଜୁନାଡିହିର ଛାତ୍ରୀ ଲିଜା ଘଡେଇ ଦ୍ୱାଦଶ, ପ୍ରାଥମିକ ବିଦ୍ୟାଳୟ କିଶାନପଡାର ଲିଜା ଅଡ଼ା ତ୍ରୟୋଦଶ, ପ୍ରାଥମିକ ବିଦ୍ୟାଳୟ ରୁନିପାଣିର ଅମନ କାପଟ ଚତୁର୍ଦ୍ଦଶ ସ୍ଥାନ ଅଧିକାର କରି ବୃତ୍ତି ପରୀକ୍ଷାରେ କୃତୀତ୍ୱ ହାସଲ କରିଛନ୍ତି। ସବଡେଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କା ଅଭିନନ୍ଦନ ଜଣାଇଛନ୍ତି।

■ ଚାଷ ଜମିକୁ ଅଣ୍ଟୁନି, କାରଖାନା ଟାଣୁଛି ପାଣି

# ଟୁଡ଼ାଲଗା ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ

**ସୁନ୍ଦରଗଡ଼, ୨୬।୭ (ଡି.ଏନ୍.ଏ)**

ବର୍ତ୍ତମାନ ବର୍ଷା ଅଭାବରୁ ସୁନ୍ଦରଗଡ ଜିଲାରେ ଆସନ୍ନ ମରୁଡି ନେଇ ଚାଷୀକୂଳ ଚିନ୍ତିତ ଅଛନ୍ତି। ଜିଲାର ରାଜଗାଙ୍ଗପୁର ବ୍ଲକରେ ଥିବା ସ୍କାନ ଷ୍ଟିଲ କାରଖାନା ପକ୍ଷରୁ ସଫେଇ ନଦୀରୁ ଆବଶ୍ୟକତା ଠାରୁ ଅଧିକ ପାଣି ନେଉଥିବାରୁ ବଡଗାଁ ବ୍ଲକର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବଡଗାଁ ବ୍ଲକ ଦେଇ ପ୍ରବାହିତ ଏହି ସଫେଇ ନଦୀରୁ ଏହି କାରଖାନା କର୍ତ୍ତୃପକ୍ଷ ବାଇବାଇ ନିକଟରେ ଆନିକଟ କରିଛି। ପାଣିକୁ ଅଟକାଇ ସେଠାରୁ ଅନବରତ ଟ୍ୟାଙ୍କର ଯୋଗେ ପାଣି ନେଉଥିବାରୁ ନଦୀର ଜଳସ୍ତର ହ୍ରାସ ପାଇ ତଳମୁଣ୍ଡରେ ଥିବା ଗ୍ରାମ ଗୁଡିକରେ ଚାଷ ଜମି ପାଇଁ ଥିବା ଉଠା ଜଳସେଚନ ପ୍ରକଳ୍ପ ଗୁଡିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏଣୁ ସଫେଇ ନଦୀରୁ କାରଖାନାକୁ ପାଣି ବନ୍ଦ ଦାବି କରି ଶୁକ୍ରବାର ଟୁଡାଲଗା ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଗ୍ରାମବାସୀ ସୁନ୍ଦରଗଡ ସଦର ଉପଜିଲାପାଳ ଡୋଳାମଣି ପଟେଲଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି।




ଗ୍ରାମବାସୀ ଜିଲା ପ୍ରଶାସନକୁ ଭେଟିବାକୁ ଯାଉଛନ୍ତି।

ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନାଏବ ସରପଞ୍ଚ କିଶୋର ଚନ୍ଦ୍ର ପାଉଲେ, ହରପ୍ରିୟା ଭୋଇ, ତାରାବତୀ କାଲୋ, ସୁଦେଷ୍ଣା ଜେନା, ପୁଷ୍ପଲତା ଜଗତ ଓ ଡା. ହିମାଂଶୁ ଶେଖର ଷଡଙ୍ଗୀ ଓ ବୈକୁଣ୍ଠ ବନଛୋରଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ ସହ ଆଲୋଚନା କରିଥିଲେ । ଏଦିଗରେ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ ପାଇଁ ଟୁଡାଲଗା ଗ୍ରାମ ବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

■ ବସ୍ ଧକ୍କାଦେଇ ହତ୍ୟା ଉଦ୍ୟମ ଘଟଣା

# ଟୁଡ଼ାଲଗା ଗ୍ରାମବାସୀ ସେନ ପରିବାରଙ୍କୁ ବାସନ୍ଦ କଲେ

**ବଡଗାଁ, ୨୬।୭ (ଡି.ଏନ.ଏ)**

ବଡଗାଁ ଥାନା ଅନ୍ତର୍ଗତ ଟୁଡାଲଗା ଗ୍ରାମର ୨ଜଣ ଯୁବକ ୨୧ ତାରିଖ ରାତି ବଡଗାଁରୁ ଘରକୁ ବାଇକରେ ଫେରୁଥିବା ବେଳେ ସ୍କାନଷ୍ଟିଲ କମ୍ପାନୀର ବସ ଧକ୍କା ଦେଇଥିଲା। ବାଇକ ଚାଳକ ସିମଲ ଜଗତ ଓ ରକି ବାରିକ ଗୁରୁତର ଆହତ ହୋଇଥିଲେ। ବସ ଚାଳକ ଟୁଡାଲଗା ଗ୍ରାମର ଜଗଦିଶ ସେନଙ୍କ ସହିତ ଜଗତ ପରିବାରର ପୂର୍ବ ଶତ୍ରୁତା ଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ବସ ଧକ୍କା ଦେଇ ହତ୍ୟା ଉଦ୍ୟମ କରିଥିବା ଓ ଘଟଣାରେ ପୋଲିସ ପକ୍ଷପାତିତା କରି ବସକୁ ଜବତ କରୁ ନ ଥିବା ଏବଂ ଚାଳକଙ୍କୁ ଗିରଫ କରୁ ନ ଥିବା ଅଭିଯୋଗ କରି ୨୩ ତାରିଖ ରାତିରେ ବଡଗାଁ ଥାନା ଘେରାଉ କରିଥିଲେ। ଏହାପରେ ପୋଲିସ ବସକୁ ଜବତ କରିବା ସହ ଚାଳକ ଜଗଦିଶ ସେନଙ୍କୁ ସେହି ଦିନ ରାତି ଗିରଫ କରିଥିଲେ। ବୁଧବାର ସନ୍ଧ୍ୟା ୬ଟାରେ ଗ୍ରାମର ଶତାଧିକ ମହିଳା ପୁରୁଷ ଗାଁରେ ସଭା କରି ନିଷ୍ପତ୍ତିକ୍ରମେ ସେନ ପରିବାରଙ୍କୁ ବାସନ୍ଦ କରିଛନ୍ତି । ଜଗତ ପରିବାରଙ୍କ ସହିତ କୌଣସି ପ୍ରକାର ସମ୍ବନ୍ଧ ନରଖିବା, ତାଙ୍କ ଦୋକାନରୁ ଜିନିଷ ନକିଣିବା ଓ ନିଜ ଦୋକାନରୁ ମଧ୍ୟ ଜିନିଷ ନଦେବା ଆଦି ଉପରେ ଆଲୋଚନା କରି ନିଷ୍ପତ୍ତି ନେଲାପରେ ୨୫ ତାରିଖ ସେନ ପରିବାର କୁତ୍ରା ଥାନା ଅନ୍ତର୍ଗତ ଗଙ୍ଗାଜଳ ଗ୍ରାମରେ ଥିବା ତାଙ୍କ ସମ୍ପର୍କିୟ ଘରକୁ ଚାଲିଯାଇଥିଲେ । ୨୬ ତାରିଖ ଶୁକ୍ରବାର ବହୁ ସଂଖ୍ୟକ ମହିଳା ପୁରୁଷ ଗଙ୍ଗାଜଳ ଗ୍ରାମରୁ ଥାନାକୁ ଆସି ଏହା ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଉଭୟ ପରିବାର ମଧ୍ୟରେ ଲାଗି ରହିଥିବା ବିବାଦ ଉଗ୍ରରୂପ ନେଉଥିବାରୁ ଆଗକୁ ପରିଣାମ କଣ ହେବ ତାକୁ ନେଇ ପୋଲିସ ସତର୍କ ଥିବା ଜଣାପଡିଛି ।

**ଥାନାରେ ପାପଲା**



ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ।

# ସାର ବିକ୍ରେତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଲହୁଣୀପଡା, ୨୬।୭ (ଡି.ଏନ.ଏ)**

ଲହୁଣୀପଡା କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଇଣ୍ଡିଆନ ଫାର୍ମସ୍ ଫର୍ଟିଲାଇଜର କୋ ଅପରେଟିଭ ପକ୍ଷରୁ ଏକ ସାର ବିକ୍ରେତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପକୃଷି ନିର୍ଦ୍ଦେଶକ ସୁନ୍ଦରଗଡ ରବି ଶତପଥି ଯୋଗଦେଇଥିବା ବେଳେ ବଣେଇ ଉପକୃଷି ଅଧିକାରୀ ପିଟରସନ କେର୍କେଟା ବରିଷ୍ଠ କ୍ଷେତ୍ର ପ୍ରବନ୍ଧକ କ୍ଷୀରୋଦ ଚନ୍ଦ୍ର ପାଣିଗ୍ରାହୀ, ଏସଆରସିଏସ ସଞ୍ଜୟ କୁମାର ପ୍ରଧାନ, ଆରସିଏମଏସ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଲହୁଣୀପଡା କୋ ଅପରେଟିଭ ବ୍ୟାଙ୍କ ମ୍ୟାନେଜର ଚିନ୍ତାମଣୀ ଆଚାର୍ଯ୍ୟ, ସହକାରୀ କୃଷି ଅଧିକାରୀ ଝୁମ୍ପଗାଁ ଓ ଗୁରୁଣ୍ଡିଆ, କୃପାସିନ୍ଧୁ ସାହୁ, କାର୍ତ୍ତିକେଶ୍ୱର ପଟେଲ ଯୋଗଦେଇଥିଲେ। ଇଫକୋ ସହାୟକ କ୍ଷେତ୍ର ପ୍ରବନ୍ଧକ କୁଳମଣୀ ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଧାନ ଚାଷ ସମୟରେ ସାର ବିକ୍ରେତାମାନେ କେବଳ ସାର ବିକ୍ରି ଭିତରେ ସୀମିତ ନରହିବା ଉଚିତ । ଧାନ ବୁଣାଠାରୁ ଆରମ୍ଭ କରି ତଳି ପକାଇବା ନିର୍ଦ୍ଧାରିତ ସମୟ ସୀମା ଭିତରେ ତଳି ଲଗାଇବା ଏବଂ କେଉଁ ସମୟରେ କେଉଁ ସାର ପ୍ରୟୋଗ କରିବା ସହିତ କିଟନାଶକ ଔଷଧ ପ୍ରୟୋଗ କରାଯିବ ସେ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇବା ଏବଂ ଏସବୁ ସମୟାନୁକ୍ରମେ ପ୍ରୟୋଗ କରିବା ପାଇଁ ଇଫକୋ ପକ୍ଷରୁ ଆବଶ୍ୟକ ସାର, ଅଣୁଖାଦ୍ୟ, ଜଳଦ୍ରବ୍ୟଭୁତ ସାର, ତରଳ ଜୈବିକ ସାର, ସାଗରିକ ହରମନ ଘାସ, ରୋଗ, ପୋକ ମରା ଔଷଧ ପ୍ରଭୃତିପ୍ରସ୍ତୁତିହେଉଛି। ଚାଷୀମାନଙ୍କୁ ଅଧିକ ଲାଭବାନ କରିବା ପାଇଁ ସାର ବିକ୍ରେତାମାନେ ଉପଯୁକ୍ତ ପରାମର୍ଶ ଦେବା ପାଇଁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥି ଅଧିକାରୀମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଆରସିଏମଏସ ସମ୍ପାଦକ ଧିରେନ କୁମାର ଶତପଥି ଧନ୍ୟବାଦ ପ୍ରଦାନ କରିଥିଲେ ।




ସାର ବିକ୍ରେତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଧିକାରୀ।

# ୬ମାସ ହେଲା ଦରମାରୁ ବଞ୍ଚିତ: ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ

**ସବ୍‌ଡେଗା,୨୬।୭ (ଡି.ଏନ.ଏ)**

ସବଡେଗା ତହସିଲ ଅଫିସରେ କାର୍ଯ୍ୟ କରୁଥିବା ମୁଖ୍ୟ କିରାଣି ରାଜଗାଙ୍ଗପୁର ତହସିଲରୁ ବଦଳି ହୋଇ ଆସି ଦୀର୍ଘ ୬ମାସରୁ ସବଡେଗା ତହସିଲରେ ଯୋଗଦେଇ କାର୍ଯ୍ୟ କରୁଛନ୍ତି। ହେଲେ ରାଜଗାଙ୍ଗପୁର ତହସିଲରୁ ତହସିଲଦାର ଏପର୍ଯ୍ୟନ୍ତ ତାଙ୍କର (ଏଲପିସି) ଶେଷବେତନ ପ୍ରମାଣପତ୍ର ସବଡେଗା ତହସିଲକୁ ପଠାଇ ନାହାନ୍ତି। ଯାହା ପାଇଁ ଉକ୍ତ ମୁଖ୍ୟକିରାଣୀ ସୁରେନ୍ଦ୍ର ବରିହା ୬ ମାସ କାର୍ଯ୍ୟ କଲା ପରେ ବି ଦରମା ପାଇପାରୁନାହାନ୍ତି। ଯେତେଦିନ ପର୍ଯ୍ୟନ୍ତ ଉକ୍ତ (ଏଲପିସି) ନ ଆସିବ ସେ ଦରମା ପାଇପାରିବେ ନାହିଁ। ଏ ବିଷୟରେ ସେ ରାଜଗାଙ୍ଗପୁର ଯାଇ ତହସିଲଦାରଙ୍କୁ ନିଜର ଏଲପିସି ବହି ପଠାଇବାକୁ ବାରମ୍ବାର ନିବେଦନ କରିଥିଲେ। ସବଡେଗା ତହସିଲଦାର ମଧ୍ୟ ଚିଠି ମାଧ୍ୟମରେ ରାଜଗାଙ୍ଗପୁର ତହସିଲଦାରଙ୍କୁ ଉକ୍ତ କିରାଣିଙ୍କର ଏଲପିସି ପଠାଇବାକୁ ପତ୍ର ସଂଖ୍ୟା ୫୯୬/୧୨ ମାର୍ଚ୍ଚ, ୨୦୧୯ ଏବଂ ପୁଣି ପତ୍ର ସଂଖ୍ୟା ୧୦୮୧/୭ ଜୁନ, ୨୦୧୯ରେ ଅନୁରୋଧ କରିଥିଲେ। ତହସିଲଦାରଙ୍କ କିରାଣି ଜଣଙ୍କ ଦରମା ପାଇ ପାରୁନଥିବାରୁ ପରିବାରର ଭରଣପୋଷଣ ଓ ପିଲାଛୁଆଙ୍କ ପାଠପଢ଼ା ହୋଇପାରୁ ନାହିଁ । ତାଙ୍କ ପରିବାର ଚଳଣୀରେ ଟଙ୍କା ସାଜିଛି ବାଧକ। ଏ ବିଷୟରେ ଉକ୍ତ କିରାଣି ଜୁଲାଇ ୨୦ରେ ସମ୍ପୂର୍ଣ୍ଣ ଅସୁବିଧା ବିଷୟରେ ଲିଖିତ ଭାବେ ଉପଜିଲାପାଳଙ୍କୁ ଜଣାଇଛନ୍ତି ଏବଂ ତାଙ୍କପ୍ରତି ହେଉଥିବା ଅସୁବିଧାର ସମାଧାନ ଦିଗରେ ଧ୍ୟାନ ଦେବା ପାଇଁ ଅନୁରୋଧ କରିଛନ୍ତି।

# ସରକାରୀ ମହାବିଦ୍ୟାଳୟରେ କାର୍‌ଗିଲ ବିଜୟ ଦିବସ

**ସୁନ୍ଦରଗଡ଼, ୨୬।୭ (ଡି.ଏନ୍.ଏ)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ୨୦ତମ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ ତଥା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ଏହି ଅବସରରେ ଏକ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶହୀଦମାନଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଏହିଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା। ସେହିପରି ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ମଧ୍ୟ ଅଧ୍ୟକ୍ଷା ଡ. ଇନ୍ଦିରା ନାଏକଙ୍କ ଅଧ୍ୟକ୍ଷତାରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଥିଲା । ଅଧ୍ୟାପକ ଡ. ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ ଛାତ୍ରୀ ମାନଙ୍କୁ ଏହି ଦିବସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ଦିବସ ବୋଲି କହିଥିଲେ । ସେନାବାହିନୀରେ ବର୍ତ୍ତମାନ ମହିଳାମାନେ ଉତ୍ତମ ପ୍ରଦର୍ଶନ କରି ବେଶ ସୁନାମ ରଖିଥିବା କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଛାତ୍ରୀ ରୋଜା ସାହୁ ଓ ମୋନାଲିସା ପୂଜାରୀ ଶ୍ରେଷ୍ଠ ଭାବେ ପୁରସ୍କୃତ ହୋଇଥିଲେ । ଅଧ୍ୟାପକ ଅଜିତ୍ ସାହୁ ଧନ୍ୟବାଦ ଦେଇଥିଲେ।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ

**ବାଲିଶଙ୍କରା, ୨୬।୭ (ଡି.ଏନ.ଏ)**

ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବେଲିସାଜଦା ଖାଲଖୋଙ୍କ ତତ୍ତ୍ୱାବଧାନରେ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ରୂପେ ବରିଷ୍ଠ ନାଗରିକ ତଥା କଳାପରିଷଦ ସଂସ୍କୃତି ସଭାପତି ସୁଗ୍ରୀବ ବାଘ ଯୋଗଦେଇ ସନ୍ତାନ ପ୍ରତି ନିହାତି ପ୍ରତି ବର୍ଷରେ ଗୋଟିଏ ଗଛ ଲଗାଇବା, ଗଛ ଲଗାଇବା ସହିତ ଯତ୍ନ ନେବା ନିହାତି ଆବଶ୍ୟକ। ଏହା ଦ୍ୱାରା ପରିବେଶ ସୁଧାର ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ୍ତ ବେହେରା, ଅବସରପ୍ରାପ୍ତ ଏସଆଇ ଧନେଶ୍ୱର ନାଏକ, ବିଦ୍ୟାଳୟ ମେମ୍ବର କପିଳ କୁମାର ଦେଓ, ପ୍ରଦୀପ କୁମାର ନନ୍ଦ, ସତ ସେଠ, ଉତ୍ତମ କୁମାର ତନ୍ତି, ବିଜୟ କୁମାର ନାଏକ, ରାଜରମଣ କୁଜୁର, ଜନସନ କୁଜୁର, ପ୍ରଜ୍ଞାପରମିତା ପଟେଲ, ଭବାନୀଶଙ୍କର ନାଏକ, ଜ୍ୟୋସ୍ନାରାଣୀ ସାହୁ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣର ଉପକାରିତା ଓ ପରିବେଶ ଉପରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃକ୍ଷରୋପଣ ଓ ପରିବେଶ ସୁରକ୍ଷିତ ପାଇଁ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷକ କୀର୍ତ୍ତିରାମ ରାଏକଲିଆ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ତରଫରୁ କାର୍‌ଗିଲ ବିଜୟ ଦିବସ

# ଦେଶପ୍ରେମର ଜାଗରଣ ପାଇଁ ଆହ୍ୱାନ

**ସୁନ୍ଦରଗଡ, ୨୬।୭ (ଡି.ଏନ୍.ଏ)**

ଜିଲା ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ୨୦ତମ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସୈନିକ ମାର୍ଗସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ସଂଘର ସଦସ୍ୟ ତଥା ଅବସରପ୍ରାପ୍ତ ସେନା କର୍ମଚାରୀମାନେ ଏକତ୍ରିତ ହୋଇ କାରଗିଲ ଯୁଦ୍ଧରେ ନିଜ ଜୀବନକୁ ବାଜି ଲଗାଇ ଭାରତ ମାତାଙ୍କ ସେବାରେ ଶହୀଦ ହୋଇଥିବା ବୀର ଯବାନମାନଙ୍କ ବଳିଦାନକୁ ମନେ ପକେଇ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୁବେଦାର ଇଂ. ରମେଶ ଚନ୍ଦ୍ର ପଣ୍ଡା କାରଗିଲ ଯୁଦ୍ଧର ସ୍ମୃତିକୁ ମନେପକାଇ ଭାବବିହ୍ୱଳ ହୋଇ ପଡିଥିଲେ । ପୂର୍ବତନ କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀ ଓ ବୈକୁଣ୍ଠ ବନଛୋର ଅତିଥି ଭାବେ ଯୋଗ ଦେଇ ଦେଶ ପାଇଁ ଭାରତୀୟ ଯବାନ ମାନଙ୍କର ତ୍ୟାଗ ଓ ବଳିଦାନକୁ ମନେ ପକାଇବା ସହ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ଦେଶପ୍ରେମର ଜାଗରଣ ପାଇଁ ଆହ୍ୱାନ ଦେଇଥିଲେ। ସଂଘର ସଦସ୍ୟ ଅରୁଣ କୁମାର ନାଏକ, ଶିଶିର କୁମାର ନାଏକ, ରବିରତ୍ନ ନାଏକ, ଉତ୍ତମ କୁମାର ପଟେଲ, ସୁରମଣି ପଟେଲ, ସାହ୍ୟୁନ୍ କୁଜୁର, ଏସ.ରାଜ ମୁଣ୍ଡା, ଦୁର୍ଗାମାଧବ ପଟେଲ, ସୁଶାନ୍ତ ପଟେଲ, ସୁଶାନ୍ତ ନାଏକ, ଟଙ୍କଧର ପଟେଲ, ପ୍ରଶାନ୍ତ ଘୋଷ ପ୍ରମୁଖ ବହୁ ଅବସରପ୍ରାପ୍ତ ସେନା କର୍ମଚାରୀ ଯୋଗ ଦେଇଥିଲେ।



ଅବସରପ୍ରାପ୍ତ ସେନା କର୍ମଚାରୀମାନେ କାରଗିଲ ବିଜୟ ଦିବସ ପାଳନ କରୁଛନ୍ତି।

■ ଚାରିଲେନ୍ କୋଲ କରିଡର୍ ନିର୍ମାଣ ପ୍ରସଙ୍ଗ

# କେନ୍ଦ୍ର କୋଇଲା ମନ୍ତ୍ରୀଙ୍କୁ ଭେଟିଲେ ବିଜିଏମ୍ଏସ୍‌ର କମିଟି

**ହେମଗିର/ ସୁନ୍ଦରଗଡ, ୨୬।୭ (ଡି.ଏନ.ଏ)**

କୋଇଲା ଖଣିର ଗନ୍ତାଘର ସାଜିଥିବା ହେମଗିର ବ୍ଲକ ସମଗ୍ର ଏସିଆ ମହାଦେଶରେ ଦ୍ୱିତୀୟ ସ୍ଥାନ ଅଧିଗ୍ରହର କରିଛି । ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏମସିଏଲ ଖୋଲା ମୁହଁ କୋଇଲା ଖଣି ହଜାର ହଜାର କୋଟି ଟଙ୍କା ଲାଭ କରି ପାରିଛି । ବର୍ତ୍ତମାନ ଆଉ ଦୁଇ କମ୍ପାନୀ ଓଡିଶା କୋଲ ଆଣ୍ଡ ପାୱାର ଲିମିଟେଡ (ଓସିପିଏଲ) ଓ ଏନଟିପିସି କମ୍ପାନୀ କୋଇଲା ଖନନ ଆରମ୍ଭ କରି ଦେଇଛନ୍ତି । ଏପରି ସ୍ଥଳେ ଏମସିଏଲ ଦ୍ୱାରା ବସୁନ୍ଧରାରୁ କନିକା ଓ ବାଙ୍କିବାହାଲରୁ ଟପରିଆ ସୀମାନ୍ତ ଦେଇ ଛତିଶଗଡ ରାଜ୍ୟକୁ କୋଇଲା ପରିବହନ କରାଯାଉଛି । ବର୍ତ୍ତମାନ ବସୁନ୍ଧରା-କନିକା ରାସ୍ତା ସମ୍ପୂର୍ଣ୍ଣ ହେବାକୁ ଯାଉଥିବା ବେଳେ ବାଙ୍କିବାହାଲ- ଟପରିଆ ରାସ୍ତା ଶୋଚନୀୟ ହୋଇପଡିଛି। ଯେଉଁ ରାସ୍ତାଟି ହେମଗିର ବ୍ଲକର ୯ଟି ପଞ୍ଚାୟତର ଜୀବନ ରେଖା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏନେଇ ପ୍ରଶାସନ ତଥା ଏମସିଏଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । ଗତ ୯ ତାରିଖରେ ଟପରିଆଠାରେ ରାସ୍ତାରୋକୋ ହେବା ଫଳରେ ସୁନ୍ଦରଗଡ ଜିଲାପାଳ ଯୁଦ୍ଧକାଳୀନ ଭିତିରେ ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏପରି ବାରମ୍ବାର ରାସ୍ତା ମରାମତି ହୋଇ ପୁଣି ଯଥା ପୂର୍ବଂ ତଥା ପରଂ ସ୍ଥିତି ଉପୁଜିଥିବା କଥାକୁ ଦୃଷ୍ଟିରେ ରଖି ବିସ୍ଥାପିତ ଗାଡି ମାଲିକ ସଂଘ (ବିଜିଏମଏସ)ର ପ୍ରତିନିଧି ଦଳ ଦିଲ୍ଲୀ ଯାଇ ସୁନ୍ଦରଗଡ ଏମପି ଜୁଏଲ ଓରାମଙ୍କ ସହ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ଭେଟିଥିଲେ। ସଂଘ ପକ୍ଷରୁ ଏହି ବାଙ୍କିବାହାଲ- ଟପରିଆ ଦୀର୍ଘ ୨୪ କିମି ରାସ୍ତାକୁ ୪୦୦ କୋଟି ଟଙ୍କା ବ୍ୟୟରେ ଫୋରଲେନ୍ ବିଶିଷ୍ଟ କରାଯିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିସହ ହେମଗିର ବ୍ଲକ ଏକ ଖଣି ଖାଦାନ ପୂର୍ଣ୍ଣ ହୋଇଥିବାରୁ ରାସ୍ତାଘାଟ, ପିଇବା ପାଣି, ସ୍ୱାସ୍ଥ୍ୟ, ଶିକ୍ଷାପ୍ରତି ମଧ୍ୟ ଗୁରୁତ୍ୱ ଦେବା ପାଇଁ ଅନୁରୋଧ କରିଥିଲେ। ଏଥିରେ ମନ୍ତ୍ରୀ ଯୋଶୀ ପ୍ରତିଶ୍ରୁତି ଦେବା ସହ ଆସନ୍ତା ଅକ୍ଟୋବର ମାସରେ ହେମଗିର ପରିଦର୍ଶନରେ ଆସିବା ପାଇଁ ମଧ୍ୟ ପ୍ରତିନିଧି ମଣ୍ଡଳୀଙ୍କୁ ଆଶ୍ୱାସନା ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀ ବିଜିଏମଏସ ସଭାପତି ଗୋପାଳ ଚନ୍ଦ୍ର ପଧାନଙ୍କ ନେତୃତ୍ୱରେ ଯାଇଥିବା ବେଳେ ବରିଷ୍ଠ ଆଡଭୋକେଟ ଗିରିଶ ଚନ୍ଦ୍ର ସାହୁ, ରାମଲାଲ ପଟେଲ, ଭବନୀ ଚନ୍ଦ୍ର ଚୌଧୁରୀ, ଅଜୟ ଦାସ, ପୁନୁଲାଲ ପଧାନ, ପୂଝାରୀ ପଧାନ, ରବିରତ୍ନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।



କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### କମ୍ୟୁନିଷ୍ଟ ନେତାଙ୍କୁ ସିପିଆଇ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୨୬।୭-** ବରିଷ୍ଠ ବାମପନ୍ଥୀ ନେତା କୋମଳଲୋଚନ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ସିପିଆଇ ପକ୍ଷରୁ ପାର୍ଟି କାର୍ଯ୍ୟାଳୟ ହରିବନ୍ଧୁ ଭବନଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ସୁନ୍ଦରଗଡ ଜିଲା ହେମଗିର ଅଞ୍ଚଳର ଜଣାଶୁଣା କୃଷକ ନେତା ବିଶ୍ୱାଳ ଭାରତୀୟ କମ୍ୟୁନିଷ୍ଟ ପାର୍ଟିରେ ସାମିଲ ହୋଇ ଦୀର୍ଘ ବର୍ଷ କାମ କରିଥିଲେ। ତାଙ୍କ ନେତୃତ୍ୱରେ ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ଅନେକ କ୍ଷେତ୍ରରେ ନ୍ୟାୟ ମିଳିବା ସମ୍ଭବ ହୋଇପାରିଥିଲା। ଏସ.କେ. ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସିପିଆଇ ଜିଲା ସଂପାଦକ ପ୍ରଦୋଷ ମହାନ୍ତି, ଯୁବ ସଂଘ ରାଜ୍ୟ ସଭାପତି ସଦାନନ୍ଦ ସାହୁ, ଜୋନ ସଂପାଦକ ଅରୁଣ ଦାସ, ଅନିଲ ପଣ୍ଡା, ପଞ୍ଚାନନ ସୁନା, ଅପର୍ଣ୍ଣା ରାଉତରାୟ ଓ ଦୁର୍ଗା ବାଗ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବିଶ୍ୱାଳଙ୍କ ନିସ୍ୱାର୍ଥପର ସେବା ମନୋଭାବ ଉପରେ ଆଲୋକପାତ କରିଥିଲେ।

# ଏସ୍‌ଡିଜେଏମ୍‌ଙ୍କ ବଦଳି ନେଇ ଆନ୍ଦୋଳନ ତୀବ୍ର ହେବ

## ■ ରାଜ୍ୟ ଓକିଲ ସଂଘକୁ ସାମିଲ ପାଇଁ ଅନୁରୋଧ କରାଯିବ

**ରାଉରକେଲା ଅଫିସ,୨୬।୭**

ରାଉରକେଲାରେ ଅବସ୍ଥାପିତ ଏସ୍‌ଡିଜେଏମ୍‌ଙ୍କ ବଦଳି ଦାବି ନେଇ ରାଉରକେଲା ଓକିଲ ସଂଘ ପକ୍ଷରୁ ଡାକରା ଦିଆଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ୫ମ ଦିବସରେ ପହଞ୍ଚିଛି। ଏପରି ଅଚଳାବସ୍ଥା ନେଇ କୌଣସି ମାମଲାର ଶୁଣାଣି କିମ୍ବା ଜାମିନ ହୋଇ ପାରୁନି। ଏଣେ ଆନ୍ଦୋଳନକୁ ଜୋରଦାର କରିବା ନେଇ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆନ୍ଦୋଳନରେ ରାଜ୍ୟର ସମସ୍ତ ବାର୍ ଆସୋସିଏଶନ କିପରି ସାମିଲ ହେବେ ସେ ନେଇ ପଦକ୍ଷେପ ନେବାକୁ ସଂଘର ବୈଠକରେ ସହମତି ପ୍ରକାଶ ପାଇଛି। ଏହି ଅବସରରେ ସଂଘ ବିରୋଧରେ ଯାଇଥିବା ୨ଜଣ ଆଇନଜୀବୀଙ୍କ ପଦକ୍ଷେପକୁ ନିନ୍ଦା କରାଯାଇଥିଲା। ବୈଠକରେ ଆଇନଜୀବୀ କୈଳାସ ବେହେରା ସଂଯୋଜନା କରିଥିବା ବେଳେ ଏଥିରେ ସଂଘ ସଭାପତି ରମେଶ ବଳ, ସଂପାଦକ ଅକ୍ଷୟ ସାହୁ, ପଙ୍କଜ ଦାସ, କୈଳାସ ପ୍ରଧାନ, ରବୀନ୍ଦ୍ର ସେନାପତି, ଅମୂଲ୍ୟ ମହାପାତ୍ର, ପ୍ରଦୀପ ଜେନା. ସତ୍ୟନାରାୟଣ ମହାପାତ୍ର, ଗଙ୍ଗାଧର ଦାସ, ଆର୍ତ୍ତତ୍ରାଣ ମହାପାତ୍ର, ଅଞ୍ଜନ ବାରିକ, ବ୍ରହ୍ମା ଗରୁଡ, ସକୁନ୍ତଳା ନାୟକ, ସ୍ୱାଗତିକା ମହାନ୍ତି, ଚଣ୍ଡିପ୍ରସାଦ ଷଡଙ୍ଗୀ, ସୁଶାନ୍ତ ଦାସ, ଧର୍ମେନ୍ଦ୍ର ରାୟ ଓ ଅଶେଷ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।




ଆନ୍ଦୋଳନରେ ଯୋଗ ଦେଇଥିବା ଓକିଲମାନେ।

# ହକି ଛକରେ ଟ୍ରାଫିକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ

**ରାଉରକେଲା ଅଫିସ,୨୬।୭**

ପାନପୋଷ ହକି ଛକରେ ପର୍ଯ୍ୟାପ୍ତ ଟ୍ରାଫିକ୍ ବ୍ୟବସ୍ଥା ନେଇ ରାଉରକେଲା ଅତିରିକ୍ତ ଜିଲାପାଳ ଯେଦୁଲା ବିଜୟଙ୍କୁ ସାଇ ପରିବାର ପକ୍ଷରୁ ନିବେଦନ କରାଯାଇଛି। ଏ ନେଇ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ସଂଗଠନ କର୍ମକର୍ତ୍ତା। ଏଥିରେ କୁହାଯାଇଛି ଯେ ସହରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରବେଶ ପଥ ହେଉଛି ହକି ଛକ। ୧୪୩ ନଂ ଜାତୀୟ ରାଜପଥରୁ ଏହା ହନୁମାନ ବାଟିକା ଦୁଇ ଥାକିଆ ରାସ୍ତାକୁ ସଂଯୋଗ କରୁଛି। ଏହି ରାସ୍ତା ପାର୍ଶ୍ୱରେ ଏକାଧିକ ସରକାରୀ କାର୍ଯ୍ୟାଳୟ ସାଙ୍ଗକୁ ବିଦ୍ୟାଳୟ ବି ରହିଛି। ଏହା ସତ୍ତ୍ୱେ ଏହି ଗୁରୁତ୍ୱ ପୂର୍ଣ୍ଣ ଛକରେ ଟ୍ରାଫିକ ମୁତୟନ କରାଯାଉନି କିମ୍ବା ଟ୍ରାଫିକ ଲାଇଟ ବ୍ୟବସ୍ଥା ନାହିଁ। ଚଳଚଞ୍ଚଳ ଏହି ଛକ ଦେଇ ଜାତୀୟ ରାଜପଥରେ ପ୍ରତି ମିନିଟରେ ଭାରିଯାନ ଚଳାଚଳ କରୁଛି। ଏପରି ଅବସ୍ଥାରେ ଟ୍ରାଫିକ ସମସ୍ୟା ଅତି ଉତ୍କଟ। ରାସ୍ତା ପାର ହେବ ସେତେ ସହଜ ନୁହେଁ। ଷ୍ଟ୍ରିଟ ଲାଇଟ ଜଳୁନି। ଦିନ ବେଳା ବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ର ରାସ୍ତା ପାର ହେବାକୁ ଭୟ କରୁଛନ୍ତି। ପୂର୍ବରୁ ଏହି ଛକରେ ଏକାଧିକ ଦୁର୍ଘଟଣାରେ ଜୀବନ ହାନୀ ଘଟିବା କାହାକୁ ଅଛପା ନୁହେଁ। ଏହା ସତ୍ତ୍ୱେ ମଧ୍ୟ ଏଠାରେ ଟ୍ରାଫିକ ବ୍ୟବସ୍ଥା କରାଯାଉନି। ଅନେକ ସମୟରେ ଭିଡ ଅଣାୟତ ପରିସ୍ଥିତି ସୃଷ୍ଟି କରୁଛି। ଭାରିଯାନ ଗୁଡିକର ଲମ୍ବା ଲାଇନ ପଥଚାରୀଙ୍କୁ ଅତିଷ୍ଠ କରୁଛି। ତୁରନ୍ତ ଏ ଦିଗରେ ପ୍ରଶାସନ ହସ୍ତକ୍ଷେପ କରିବା ସହ ଦିନରେ ପୋଲିସ ମୁତୟନ ଓ ରାତିରେ ଟ୍ରାଫିକ ଲାଇଟ ବ୍ୟବସ୍ଥା କରିବାକୁ ସାଇ ପରିବାର ପକ୍ଷରୁ ସଭାପତି ନୀରଞ୍ଜନ ଚୌଧୁରୀ ଏଡିଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କିରିଛନ୍ତି।

# ଆଖି ବିନା ସୁନ୍ଦର ପୃଥିବୀକୁ ଉପଭୋଗ କରି ହେବନି

**ରାଉରକେଲା ଅଫିସ,୨୬। ୭**

ବାସନ୍ତୀ କଲୋନୀଠାରେ ଥିବା ଡା. ଏ.ଏନ. ଖୋସଲା ଡିଏଭି ସ୍କୁଲ ପରିସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି। ସ୍କୁଲ ଅଧ୍ୟକ୍ଷ ଲୋକନାଥ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ନିଜ ବକ୍ତବ୍ୟରେ କହଥିଲେ ଚକ୍ଷୁ ହେଉଛି ପ୍ରତି ମଣିଷର ଅମୂଲ୍ୟ ସଂପଦ। ଏହା ବିନା ଆମେ ଏ ସୁନ୍ଦର ପୃଥିବୀକୁ ଉପଭୋଗ କରି ପାରିବା ନାହିଁ। ଏଣୁ ଉପଯୁକ୍ତ ସମୟରେ ଚକ୍ଷୁ ବିଶେଷଙ୍କ ଦ୍ୱାରା ଏହାର ପରୀକ୍ଷା ନିରୀକ୍ଷା ଉପରେ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ପର୍ଯ୍ୟାୟ କ୍ରମେ କରାଯିବ ବୋଲି ଏଥିରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ସରକାରୀ ଡାକ୍ତରଖାନାର ବରିଷ୍ଠ ଚକ୍ଷୁ ବିଶେଷଙ୍କ ସମୀର ପାତ୍ର ଓ ଡାକ୍ତର ଜୟସ ଟପୋଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜନ କରାଯାଇ ଥିଲା। କାର୍ଯ୍ୟକ୍ରମକୁ ଚକ୍ଷୁ ବିଭାଗ ପକ୍ଷରୁ ରବୀନ୍ଦ୍ର ମହାପାତ୍ର, ସୁଶାନ୍ତ ମହାଲିକ ଓ ବିଦ୍ୟାଳୟ ଶିକ୍ଷକ ରଞ୍ଜନ ପଟେଲ ପରିଚାଳନା କରିଥିଲେ।



ଡିଏଭି ସ୍କୁଲ ପରିସରରେ ଚକ୍ଷୁ ପରୀକ୍ଷା କରାଯାଉଛି।



ଦୁର୍ଘଟଣା ଘଟାଇଥିବା ଟ୍ରକ୍।

## କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଲଖନପୁର,୨୬।୭ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଧୀନ ୪୯ନଂ ଜାତୀୟ ରାଜପଥ ବାଲାଜୀ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଅପରାହ୍ନ ୧ଟାରେ ଏକ କୋଇଲା ବୋଝେଇ ଟ୍ରକ୍ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ଛତିଶଗଡ଼ ମହାପାଲି ଗ୍ରାମର ମାଖନୁ ଖଡିଆ(୨୬)। ଆହତ ହେଲେ ପଦ୍ମନ ଖଡିଆ(୨୫)। ଖବରପାଇ କନକତୋରା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ଝାରସୁଗୁଡ଼ା ବ୍ୟବଚ୍ଛେଦ ପାଇଁ ପଠାଇଛି ।

ଆହତ ପଦ୍ମନଙ୍କୁ ଚିକିତ୍ସା ପାଇଁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଏନେଇ ରେଙ୍ଗାଲି ଥାନା ପୋଲିସ ଏକ ମାମଲା (ନଂ.୧୦୮/୧୯) ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା କୋଇଲା ବୋଝେଇ ଟ୍ରକ୍(ନଂ.ଓଆର୧୪ପି ୫୪୫୫) ଓ ଭାଙ୍ଗି ଯାଇଥିବା ବାଇକ୍(ନଂ.ସିଜି ୧୩ୱାଇ୧୨୦୯)କୁ ପୋଲିସ ଜବତ କରିଛି। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଛାଡି ଚାଳକ ଫେରାର୍ ହୋଇଯାଇଛନ୍ତି।

# ଚାଷୀଙ୍କୁ ଚିନାବାଦାମ ବିହନ ବଣ୍ଟନ

**ରାଉରକେଲା ଅଫିସ/ବେଦବ୍ୟାସ, (ଡି.ଏନ.ଏ.) ୨୬।୭**

ଲାଠିକଟା ବ୍ଲକ ଅନ୍ତର୍ଗତ ଜଡାକୁଦର ଗ୍ରାମ ପଞ୍ଚାୟତ ଅଧୀନ ବୁଚାହୁଣ୍ଡା ଓ ଅର୍ବାଝରାବାହାଲ ଅଞ୍ଚଳରେ ଚିନାବାଦମ ଚାଷ ନେଇ ଗ୍ରାମବାସୀଙ୍କୁ ଅବଗତ କରାଯାଇଛି। ଏହା ଏକ ଅର୍ଥକାରୀ ଫସଲ ହୋଇଥିବାରୁ ଏ ଦିଗରେ ଚାଷୀ ଆଗ୍ରହୀ ହେବା ଉଚିତ ବୋଲି ଜିଲା ପରିଷଦ ସଭ୍ୟ ମହେଶ ନାଗ ପରାମର୍ଶ ଦେଇଛନ୍ତି। ଏହି ଅବସରରେ କୃଷି ବିଭାଗ ପକ୍ଷରୁ ଆସିଥିବା ଚିନା ବାଦାମ ବିହନ ଚାଷୀଙ୍କୁ ବଣ୍ଟନ କରାଯାଇଛି। ଗ୍ରାମ୍ୟ କୃଷି କର୍ମଚାରୀ ନିବେଦିତା ଦଳେଇ ଉପସ୍ଥିତ ଚାଷୀଙ୍କୁ ଚିନା ବାଦମ ଚାଷ ଓ ଏହାର ରକ୍ଷଣାବେକ୍ଷଣ ନେଇ ବୁଝାଇ ଥିଲେ। ଏଥିରେ ସ୍ଥାନୀୟ ୱାର୍ଡ ମେମ୍ବର ଓ କୃଷକ ସାଥି ଉପସ୍ଥିତ ରହି ସହଯୋଗ କରିଥିଲେ।



ମହିଳାମାନଙ୍କୁ ଚିନାବାଦାମ ବିହନ ପ୍ରଦାନ କରାଯାଉଛି।

# କୃଷିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

**ଝାରସୁଗୁଡା ଅଫିସ୍/ଲଖନପୁର, ୨୬।୭ (ଡି.ଏନ୍.ଏ.)**

ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଝାରସୁଗୁଡ଼ା ଜିଲାରେ ଗଜା ମରୁଡ଼ି ଦେଖାଦେଇଛି ଏଥିରେ ଲଖନପୁର ବ୍ଲକ୍ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ଭିକମପାଲି ସେବା ସମବାୟ ସମିତି ଅଧୀନ ପଲସଦା, ବାଦିମାଲ ଓ ଭିକମପାଲି ପଞ୍ଚାୟତର ଚାଷୀମାନେ ନିର୍ମଳ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଶୁକ୍ରବାର ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଭେଟି କୃଷିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଲଖନପୁର ବ୍ଲକ୍ ଅଞ୍ଚଳରେ ଶତକଡା ୬୦ପ୍ରତିଶତ ଧାନ ବୁଣା ହୋଇଛି । ଅବଶିଷ୍ଟ ୪୦ପ୍ରତିଶତ ଚାଷ ବାକି ରହିଛି । ବର୍ଷା ଅଭାବରୁ ବୁଣାଧାନ ଗଜାମରୁଡି ହୋଇଛି । ରୂଆ ପାଇଁ ତଳି ପକାଯାଇଥିବା ଧାନ ପହ୍ଲା ସବୁ ନାଲିପଡି ମରିବାକୁ ବସିଲାଣି। ଏଭଳି ସ୍ଥିତିରେ ସମଗ୍ର ବ୍ଲକକୁ ସରକାର ମରୁଡି ଘୋଷଣା କରି ଚାଷୀମାନଙ୍କୁ ସହାୟତା ଯୋଗାଇଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି । ଦାବିପତ୍ରରେ ନିର୍ମଳ ପ୍ରସାଦ ମିଶ୍ର, ଗୀରିଶ କୁମାର ଖମାରୀ, ପ୍ରେମାନନ୍ଦ ପଟେଲ, ନନ୍ଦ କିଶୋର ଭୋଇ, ତିର୍ଥବାସୀ ମେହେର, ରଜନୀକାନ୍ତ ପଟେଲ, ଯଦୁମଣି ପଟେଲ, ଦେବଦତ ନାଥ ପ୍ରମୁଖ ଚାଷୀଙ୍କ ଦସ୍ତଖତ ରହିଛି । ଏହି ସମ୍ପର୍କରେ ବରଗଡ ଏମ୍‌ପି, ବ୍ରଜରାଜନଗର ବିଧାୟକ, ଜିଲାପାଳ, ଜିଲାକୃଷି ଅଧିକାରୀ ଓ ଲଖନପୁର ତହସିଲଦାର ପ୍ରମୁଖଙ୍କୁ ଦାବିପତ୍ରର ନକଲ ପ୍ରଦାନ କରାଯାଇଛି ।

### ମରୁଡ଼ି ଘୋଷଣା ଦାବି



ଚାଷୀମାନେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# କୁଡ଼ାଲୋଇ ପଞ୍ଚାୟତରେ ମରୁଡ଼ି ଅନୁଧ୍ୟାନ

**ଲଖନପୁର,୨୬।୭ (ଡି.ଏନ୍.ଏ.)**

ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚଳିତ ବର୍ଷ ଲଖନପୁର ବ୍ଲରେ ଖରିଫ ଧାନ ଫସଲ ଗଜାମରୁଡି ଦେଖାଦେଇଛି। ଫଳରେ ଚାଷୀ ମୁଣ୍ଡରେ ହାତଦେଇ ବସିଛି । ଏନେଇ ଖାଡୁବାବା ସମତା ସେବା ସମବାୟ ସମିତିର ସଦସ୍ୟମାନେ ଗଜାମରୁଡି ଘୋଷଣା ଦାବିରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ବ୍ଲକ କୃଷିବିଭାଗ ନିର୍ଦ୍ଦେଶକ୍ରମେ ଗତ ଗୁରୁବାର କୃଷି ଗ୍ରାମସେବିକା ଟିଲେଶ୍ୱରୀ ପ୍ରଧାନ କୁଡାଲୋଇ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କ ଉପସ୍ଥିତିରେ ଧାନକ୍ଷେତ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି । ଏ ସମ୍ପର୍କରେ ସେ କୃଷକ ସଂଗଠନର ନେତୃବୃନ୍ଦ ବିରଞ୍ଚି ସାହୁ, ମୁରଲୀ ପ୍ରଧାନ, ପରିକ୍ଷିତ ପଟେଲ, ସୁରେଶ ଚନ୍ଦ୍ର ପ୍ରଧାନ, ମନଗଞ୍ଜନ ପଟେଲ, ଭୋଜରାଜ ସା ପ୍ରମୁଖ ଚାଷୀଙ୍କ ସହିତ ଆଲୋଚନା କରିଥିଲେ୍। ଆଲୋଚନା ପରେ କୃଷି କର୍ମଚାରୀ ବିଭାଗୀୟ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି ।



କୃଷି ଗ୍ରାମସେବିକା ଚାଷୀମାନଙ୍କ ସହିତ ମିଶି କ୍ଷତିଗ୍ରସ୍ତ ଧାନଚାଷ ପରିଦର୍ଶନ କରୁଛନ୍ତି।

# ମ୍ୟୁନିସିପାଲ କଲେଜରେ କାର୍‌ଗିଲ ବିଜୟ ଦିବସ

**ରାଉରକେଲା ଅଫିସ,୨୬।୭**

ମ୍ୟୁନିସିପାଲ କଲେଜରେ କାରଗିଲ ବିଜୟ ଦିବସ ପାଳନ କରାଯାଇଛି। କଲେଜର ସମର ଶିକ୍ଷାର୍ଥୀ ବାହିନୀଙ୍କ ସହ ମିଳି ମହାବିଦ୍ୟାଳୟ ଛାତ୍ରୀଛାତ୍ର ଏହି ଦିବସ ପାଳନ କରିଥିଲେ। ପ୍ରାରମ୍ଭରେ କାରଗିଲ ଶହୀଦଙ୍କ ଆମର ଅତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ପରେ ଭାରତ ସରକାରଙ୍କ ପକ୍ଷରୁ ଜାରି ୯ ମିନିଟର ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। କଲେଜ ଏନସିସି ଅଫିସର କ୍ୟାପଟେନ ସତ୍ୟନାରାୟଣ ରାଉତଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ଶରତ ପାଣିଗ୍ରାହୀ, ପ୍ରଫେସର ଅଜୟ ପଣ୍ଡା, କିରାଣୀ ହେମନ୍ତ ପୁହାଣ ଉପସ୍ଥିତ ଥିଲେ।



ମ୍ୟୁନିସିପାଲ କଲେଜରେ କାରଗିଲ ବିଜୟ ଦିବସ ପାଳନ ଅବସରରେ ଅତିଥି ଓ ଛାତ୍ରୀଛାତ୍ର।

# ପୋଲିସ କବ୍‌ଜାରେ ୩ ଆନ୍ତଃ ଜିଲା ଲୁଟେରା

## ■ ୯୦ହଜାର ଟଙ୍କା, ୬ ମୋବାଇଲ୍, ୩ ବାଇକ୍, ମାଷ୍ଟର ଚାବି ଜବତ

**ଝାରସୁଗୁଡା ଅଫିସ୍/ଲଖନପୁର, ୨୬।୭ (ଡି.ଏନ୍.ଏ.)**

ଗ୍ରାହକମାନେ ବ୍ୟାଙ୍କରୁ ଟଙ୍କା ଉଠାଇବା ବେଳେ ଲୁଟେରାମାନେ ଏହାର ଗତିବିଧି ନଜର ରଖି ବାଇକ୍‌ରେ ପିଛା କରି ଆଖିପିଛୁଳାକେ ଟଙ୍କା ଲୁଟି ନେଉଥିଲେ। ଏଭଳି ଘଟଣାରେ ସମ୍ପୃକ୍ତ ଏକ ଲୁଟେରା ଗ୍ୟାଙ୍ଗ୍‌କୁ ଝାରସୁଗୁଡା ପୋଲିସ ଧରିଛି। ଝାରସୁଗୁଡ଼ା ଟାଉନ୍ ଥାନା ପୋଲିସ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଘଟଣାର ସବିଶେଷ ତଥ୍ୟ ପ୍ରଦାନ କରିଛି। ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ, ଝାରସୁଗୁଡ଼ା ଥାନା ଆଇଆଇସି ସାବିତ୍ରୀ ବଳ, ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ । ତଥ୍ୟ ଅନୁଯାୟୀ ୩ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି । ଘଟଣାସ୍ଥଳରୁ ଜଣେ ଫେରାର୍ ହୋଇଯାଇନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଆସିକା ଅଞ୍ଚଳର କାଳି ଦାସ(୫୨), ଡି. ଶ୍ରୀନିବାସ ଇରୋଗୋଲା(୧୯), ଏ.ଶ୍ରୀନୁ(୩୦) । ଗିରଫ ଅଭିଯୁକ୍ତଙ୍କ ନିକଟରୁ ଫେରାର୍ ଅଭିଯୁକ୍ତ ସମ୍ପର୍କରେ ପୋଲିସ ତଥ୍ୟ ସଂଗ୍ରହ କରିଛି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ଆଚାର୍ଯ୍ୟ କହିଛନ୍ତି। ପୋଲିସ ଗିରଫ ଯୁବକମାନଙ୍କ ନିକଟରୁ ୯୦ହଜାର ଟଙ୍କା, ୬ଟି ମୋବାଇଲ୍ ଫୋନ, ୩ବାଇକ୍ ଓ ମାଷ୍ଟର ଚାବି ଜବତ କରିଛି । ଏନେଇ ବଡମାଲ ଥାନାରେ ଏକ ମାମଲା (ନଂ.୧୦୪/୧୯) ଏବଂ ଲଇକେରା ଥାନାରେ ଏକ ମାମଲା (ନଂ.୮୨/୧୯) ରୁଜୁ କରି ତଦନ୍ତ ଚଳାଇଛି।

ଗତ ଜୁନ୍ ୬ତାରିଖରେ ଲଇକେରା ଅଞ୍ଚଳରୁ ଦୁର୍ବୃତ୍ତମାନେ ବାଇକ୍ ଡିକି ଭାଙ୍ଗି ୧ଲକ୍ଷ ଟଙ୍କା ଲୁଟି ନେଇଥିଲେ । ସେହିପରି ଗତ ୩ ତାରିଖରେ ବଡମାଲ ଥାନା ସରବାହାଲ ଷ୍ଟେଟ୍‌ବ୍ୟାଙ୍କରୁ ଜଣେ ବ୍ୟକ୍ତି ଟଙ୍କା ଉଠାଇ ଏକ ଢାବା ସମ୍ମୁଖରେ ବାଇକ୍ ରଖି ଖାଉଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ବାଇକ୍ ଡିକିଭାଙ୍ଗି ୨ଲକ୍ଷ ଟଙ୍କା ଲୁଟି ନେଇଥିଲେ । ଏନେଇ ପୋଲିସ୍ ଉଭୟ ଥାନାରେ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗିରଫ ଲୁଟେରାଙ୍କୁ ପୋଲିସ ଜେରା ବେଳେ ବହୁ ତଥ୍ୟ ସାମ୍ନାକୁ ଆସିଛି। ଆସିକା ଅଞ୍ଚଳର ଏହି ୪ ଲୁଟେରା ଏକ ଗ୍ୟାଙ୍ଗ୍‌କରି ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ସୋନପୁର, ନୂଆପଡ଼ା, ଦେବଗଡ଼ ଜିଲାର ବିଭିନ୍ନ ଅଞ୍ଚଳରୁ ଡିକିଭାଙ୍ଗି ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏହା ଜଣା ପଡିବା ପରେ ଉପରୋକ୍ତ ଜିଲାର ବହୁ ପୋଲିସ ଅଧିକାରୀ ଝାରସୁଗୁଡାରେ ପହଞ୍ଚି ଅଭିଯୁକ୍ତଙ୍କୁ ଜେରା କରି ଫେରିଛନ୍ତି। ଏହି ଲୁଟେରା ଗ୍ୟାଙ୍ଗ୍ ସମ୍ବଲପୁର ମାଝିପାଲି, ସୁନ୍ଦରଗଡ଼ ଆଦି ବିଭିନ୍ନ ଜିଲାରେ ଘରଭଡା ନେଇ ରହି ନିଜ ଧନ୍ଦା ଚଳାଇଥିଲେ ।

ସେମାନେ ବାଇକରେ ବୁଲାବୁଲି କରୁଥିଲେ। ଗ୍ରାହକମାନେ ବ୍ୟାଙ୍କରୁ ଟଙ୍କା ଉଠାଇ ବାଇକ୍‌ରେ ଗଲାବେଳେ ସେମାନେ ଗତିବିଧି ଉପରେ ନଜର ରଖି ଡିକିଭାଙ୍ଗି ଲୁଟ୍ କରୁଥିଲେ । ଏଥିରେ ଲୁଟେରାମାନେ କେତେକ ଅଭିନବ ଉପାୟ ଅବଲମ୍ବନ କରୁଥିଲେ। ଏଥି ମଧ୍ୟରେ ଲୋକେ ବାଇକ୍ ଓ ସାଇକେଲ୍‌ରେ ଟଙ୍କାନେଇ ଯାଉଥିବାବେଳେ ଲୁଟେରାମାନେ ବିସ୍କୁଟ୍‌କୁ ପାଣିରେ ଭିଜାଇ ସେମାନଙ୍କ ଉପରକୁ ଫିଙ୍ଗୁଥିଲେ। ସେହିଭଳି ବାଇକ୍ ଓ ସାଇକେଲ୍‌ରେ ଗଲାବେଳେ ଲୁଟେରାମାନେ ସୁତା ଓ ସୁତୁଲି ବଣ୍ଡଲ ଚକାକୁ ଫିଙ୍ଗୁଥିଲେ। ପରେ ଲୁଟେରାମାନେ ସାହାଯ୍ୟ କରିବା ବାହାନାରେ ଲୁଟ୍ କରୁଥିଲେ। ଯେଉଁ ସ୍ଥାନରେ ଲୁଟ୍‌ବେଳେ କେହି ବିରୋଧ କରନ୍ତି ସେମାନଙ୍କୁ ଆକ୍ରମଣ କରୁଥିଲେ। ୫ମାସ ମଧ୍ୟରେ ବିଭିନ୍ନ ସ୍ଥାନରୁ ପ୍ରାୟ ୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସେମାନେ ଲୁଟ୍ କରିଛନ୍ତି। ପୋଲିସ ହାତରେ ପ୍ରଥମ ଥର ଧରାପଡିଛନ୍ତି ବୋଲି ଅଭିଯୁକ୍ତମାନେ କହିଛନ୍ତି। ସେମାନଙ୍କ ଭଳି ଅନ୍ୟ ଗ୍ୟାଙ୍ଗ୍ ଭୁବନେଶ୍ୱର, କୋରାପୁଟ, ଜୟପୁର, ବାଲେଶ୍ୱର ଓ ବହ୍ମପୁର ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୁକ୍ତଙ୍କୁ ଜେରା କରିବା ବେଳେ ପୋଲିସ୍ ଜାଣିବାକୁ ପାଇଛି ।